ସଂଚାର
THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 33 | ISSUE 344 ଭାଗ ୩୩ | ସଂଖ୍ୟା ୩୪୪ Tuesday 10 March 2026 | Page 8 Rs. 5.00 ଭୁବନେଶ୍ୱର ମଙ୍ଗଳବାର ୧୦ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ବିଜୟଙ୍କୁ ପୁଣି ଥରେ ସିବିଆଇ ସମନ ପୃଷ୍ଠା ୬

## ଅଷ୍ଟମ ବେତନ କମିଶନ ଦେଲେ ପ୍ରଶ୍ନାବଳୀ

# ସବୁ ସରକାରୀ କର୍ମଚାରୀ ଦେବେ ଉତ୍ତର

● ଦରମା ସହ ପେନସନରେ ସନ୍ତୁଳନକୁ ଗୁରୁତ୍ୱ




ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ)ଃ କେନ୍ଦ୍ର ସରକାର ଗଠନ କରିଥିବା ଅଷ୍ଟମ ବେତନ କମିଶନ ସବୁ ରାଜ୍ୟମାନଙ୍କ ଠାରୁ ସରକାରୀ କର୍ମଚାରୀଙ୍କ ଦରମା, ପେନସନ ଓ ଅନ୍ୟାନ୍ୟ ଭତ୍ତା ନେଇ ମତାମତ ମାଗିଛନ୍ତି। ଏନେଇ ରାଜ୍ୟ ଅର୍ଥ ବିଭାଗର ପ୍ରମୁଖ ସଚିବ ସବୁ ବିଭାଗୀୟ ସଚିବ, ଜିଲ୍ଲାପାଳ ଓ ବିଭାଗୀୟ ମୁଖ୍ୟଙ୍କୁ ଚିଠି ଲେଖି ଅବଗତ କରିଛନ୍ତି। ବିଭାଗୀୟ ମୁଖ୍ୟ, ଜିଲ୍ଲାପାଳ ଓ ସଚିବମାନେ ନିଜ ନିଜ ବିଭାଗରେ କମିଶନ ମାଗିଥିବା ମତାମତ ଆଧାରରେ ନିଜସ୍ୱ ମତ ଦେବାକୁ ଚିଠି ଲେଖିଛନ୍ତି।

ଏନେଇ କମିଶନଙ୍କ ସଦସ୍ୟ ସଚିବ ପଙ୍କଟ ଜୈନ ସବୁ ରାଜ୍ୟର ଅର୍ଥ ବିଭାଗକୁ ଚିଠି କରିଛନ୍ତି। ସେହି ଚିଠି ଆଧାରରେ ରାଜ୍ୟ ଅର୍ଥ ବିଭାଗର ପ୍ରମୁଖ ସଚିବ ସବୁ ବିଭାଗୀୟ ସଚିବ, ଜିଲ୍ଲାପାଳଙ୍କୁ ଚିଠି ଲେଖି କମିଶନଙ୍କ ୱେବସାଇଟରେ ସେମାନଙ୍କ ମତାମତ ଦେବାକୁ ଅବଗତ କରିଛନ୍ତି। ସରକାରୀ ଚାକିରିରେ ନିଯୁକ୍ତି ସମୟରେ ବେତନ ହାର ଅଧିକ ରହିବା ଆବଶ୍ୟକ କି? କେତେ ବ୍ୟବଧାନରେ ସରକାରୀ କର୍ମଚାରୀଙ୍କ ବେତନ ବୃଦ୍ଧି ହେବାର ଆବଶ୍ୟକତା ରହିଛି? ସରକାରୀ କର୍ମଚାରୀଙ୍କ ବେତନ ନିର୍ଦ୍ଧାରଣ ସମୟରେ ଘରୋଇ ନିଯୁକ୍ତି ସହ ତୁଳନା କରାଯିବାର ଆବଶ୍ୟକତା ରହିଛି କି? ଏମିତି କିଛି ପ୍ରଶ୍ନ ସହ ସପ୍ତମ ବେତନ କମିଶନ ଲାଗୁ ସମୟରେ ଦେଶରେ ୪୭ ଲକ୍ଷ କେନ୍ଦ୍ରୀୟ ସରକାରୀ କର୍ମଚାରୀ ଥିଲେ। ସେ ସମୟରେ ପେନସନଭୋଗୀଙ୍କ ସଂଖ୍ୟା ୫୨ଲକ୍ଷରୁ ସାମାନ୍ୟ କମ ଥିଲା। ୨୦୨୫-୨୬ରେ କେନ୍ଦ୍ରୀୟ କର୍ମଚାରୀଙ୍କ ସଂଖ୍ୟା ୫୦ ଲକ୍ଷରେ ପହଞ୍ଚିଥିବା ବେଳେ ପେନସନଭୋଗୀଙ୍କ ସଂଖ୍ୟା ୭୦ ଲକ୍ଷ ଛୁଇଁଛି। ପେନସନଭୋଗୀଙ୍କ ସଂଖ୍ୟା ବୃଦ୍ଧି କେନ୍ଦ୍ରୀୟ ବଜେଟ ଉପରେ ଅଧିକ ଚାପ ସୃଷ୍ଟି କରିଛି। ଏକ୍ଷେତ୍ରରେ ସରକାର କି ପଦକ୍ଷେପ ନେବା ଉଚିତ ବୋଲି କମିଶନ ସବୁ ସରକାରୀ କର୍ମଚାରୀଙ୍କ ମତାମତ ଲୋଡ଼ିଛନ୍ତି।

କେନ୍ଦ୍ର ସରକାର ନିକଟରେ ଅଷ୍ଟମ ବେତନ କମିଶନ ଗଠନ କରିଛନ୍ତି। କମିଶନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦରମା, ପେନସନ ଓ ଅନ୍ୟାନ ଭତ୍ତା ବୃଦ୍ଧି ବାବଦ ନିଷ୍ପତ୍ତି ନେବା ପୂର୍ବରୁ ସବୁ ସ୍ତରର ସରକାରୀ କର୍ମଚାରୀଙ୍କ ➪ପୃଷ୍ଠା-୬

## ମଧ୍ୟପ୍ରାଚ୍ୟରେ ଯୁଦ୍ଧ

# ଭାରତରେ ହାଣ୍ଡିଶାଳ ହଲ୍‌ଚଲ୍

**ରୋଷେଇ ଗ୍ୟାସ ପରେ ବଢ଼ିଲା ଖାଇବା ତେଲ ଦର**

**ପାମୋଲିନ୍ ତେଲ ଲିଟର ପିଛା ୧୫ରୁ ୨୦ ଟଙ୍କା ବୃଦ୍ଧି**

**ଉତ୍ପାଦନକାରୀ ଦେଶରୁ ଆସିପାରୁନି ପାମୋଲିନ୍ ତେଲ**

**ଆଉ ୧୫ ଦିନ ପାଇଁ ଅଛି ଖାଇବା ତେଲ ଷ୍ଟକ**

**ଦର ବୃଦ୍ଧି ପରେ ସିଲିଣ୍ଡର ବୁକିଂ ନିୟମରେ ପରିବର୍ତ୍ତନ**





ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ)ଃ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଦଶମ ଦିନରେ ପହଞ୍ଚିଥିବା ବେଳେ ବିଶ୍ୱବ୍ୟାପୀ ଆର୍ଥିକ ସ୍ଥିତି ଦୋହଲାଇବାରେ ଲାଗିଲାଣି। ଭାରତରେ ବି ଯୁଦ୍ଧର ପ୍ରଭାବ ପଡିଛି। ହର୍ମୁଜ ପ୍ରଣାଳୀ ଉପରେ କଟକଣା ଯୋଗୁଁ ମଧ୍ୟପ୍ରାଚ୍ୟରୁ ଭାରତକୁ ତେଲ ଆସିପାରୁନି। ତେଣୁ ପେଟ୍ରୋଲ ଡିଜେଲ ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଥିବା ବେଳେ ଏଣେ ବଜାରରେ ଖାଇବା ତେଲର ଦାମ ହୁ ହୁ ହୋଇ ବଢ଼ିଚାଲିଛି। ଯୁଦ୍ଧ ପାଇଁ ଏହି ଦର ବଢୁଥିବା କହିଛି ଓଡ଼ିଶା ବ୍ୟବସାୟୀ ସଂଘ।

ଯୁଦ୍ଧ ପାଇଁ ହାଣ୍ଡିଶାଳରେ ହେଲାଣି ମହଙ୍ଗାମାଡ଼। ଗ୍ୟାସ ବଢ଼ିଲା, ଏଣେ ବଢ଼ି ଚାଲିଛି ଖାଇବା ତେଲ ଦାମ୍। ବିଶେଷ କରି ରିଫାଇନ ତେଲର ଦର ବୃଦ୍ଧି ଯୋଗୁଁ ଚିନ୍ତାରେ ଖାଉଟି। ସୂର୍ଯ୍ୟମୁଖୀ ଓ ପାମୋଲିନ ତେଲର ଲିଟର ପିଛା ଦର ୧୫ରୁ ୨୦ ଟଙ୍କା ଯାଏଁ ବଢ଼ିଗଲାଣି। ରାସ୍ତାକଡ଼ରେ ଜଳଖିଆ ଦୋକାନ କରିଥିବା ଦୋକାନୀମାନେ ଏହାଦ୍ୱାରା ବେଶୀ ପ୍ରଭାବିତ ହେଉଛନ୍ତି। ଯେଉଁ ତେଲ ଟିଣ ପିଛା ୨୧୮୦ ଟଙ୍କା ଥିଲା ତାହା ଏବେ ୨୨୭୦ ଟଙ୍କାରେ ପହଞ୍ଚିଛି । ଯାହାର ବୋଝ ବୁଲିକି ଗ୍ରାହକଙ୍କ ପାଖକୁ ଯାଉଛି।

ଯୁଦ୍ଧ ପାଇଁ ଖାଇବା ତେଲ ଦର କାହିଁକି ବଢୁଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଥିବା ବେଳେ ବ୍ୟବସାୟୀ ମହାସଂଘ କହିଛି ଯେ, ଭାରତ ୬୦ ପ୍ରତିଶତ ଖାଇବା ତେଲ ଭାରତ ଆମଦାନୀ କରିଥାଏ। ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେଉଥିବାରୁ ଆମଦାନୀ ସାମଗ୍ରୀ ଦର ବଢୁଛି। ପେଟ୍ରୋଲ ଡିଜେଲ ସଙ୍କଟର ଆଶଙ୍କା ଯୋଗୁଁ ବାୟୋଫୁଏଲର ଚାହିଦା ବଢୁଛି। ତେଣୁ କମ୍ପାନିଗୁଡ଼ିକ ଖାଇବା ତେଲ ମହଜୁଦ କରିବା ଚକ୍କରରେ ରହିଲେଣି। ଏହାସହ ଯେଉଁସବୁ ଦେଶରେ ସୂର୍ଯ୍ୟମୁଖୀ, ସୋୟାବିନ ଉତ୍ପାଦନ ହୋଇଥାଏ ସେଠାରେ ସଙ୍କଟ ଦେଖାଦେଇଛି, ବିଶେଷ କରି ଯୁଦ୍ଧ ପାଇଁ ୟୁକ୍ରେନ ଏବଂ ମରୁଡ଼ି ପାଇଁ ଆର୍ଜେଣ୍ଟିନାରେ ତୈଳ ଉତ୍ପାଦନ ଗୁରୁତର ପ୍ରଭାବିତ ହୋଇଛି। । ଭାରତରେ ଏବେବି ତୈଳବୀଜ ଉତ୍ପାଦନ ଯଥେଷ୍ଟ ନୁହେଁ। ଏଥର ନଡ଼ିଆ ଉତ୍ପାଦନ ମଧ୍ୟ ହ୍ରାସ ପାଇବା ଖାଇବା ତେଲ ଯୋଗାଣକୁ ପ୍ରଭାବିତ କରିଛି। ଏମିତି କିଛି କାରଣ ପାଇଁ ସାରା ଦେଶରେ ଖାଇବା ତେଲରେ ଚାହିଦା ଏବଂ ଯୋଗାଣରେ ତ୍ରୁଟି ଦେଖାଦେଇଛି।

ହୋଲସେଲ ରେଟ ବଢିଥିବାରୁ ବର୍ଦ୍ଧିତ ଦରରେ ଗ୍ରାହକଙ୍କୁ ଖାଇବା ତେଲ ବିକ୍ରି କରୁଛନ୍ତି ରିଟେଲର ଦୋକାନୀ। ଓଡ଼ିଶା ବ୍ୟବସାୟୀ ମହାସଂଘ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି ଓଡିଶା ବଜାରରେ ଦୈନିକ ହଜାରରୁ ୧୨ଶହ ଟନ ରିଫାଇନ ଓ ପାମୋଲିନ ତେଲର ଆବଶ୍ୟକତା ରହିଛି। ବର୍ତ୍ତମାନ ରାଜ୍ୟର ଆବଶ୍ୟକତା ଅନୁଯାୟୀ ୧୫ରୁ ୨୦ ଦିନ ପାଇଁ ଷ୍ଟକ ରହିଛି। ଆମଦାନୀ ସ୍ଥାନରୁ ଠିକ ସମୟରେ ଖାଇବା ତେଲ ନଆସିଲେ ଆଗକୁ ଅସୁବିଧା ସୃଷ୍ଟି ହୋଇପାରେ। ରାଜ୍ୟରେ ରିଫାଇନ ତେଲକୁ ଛାଡ଼ି ଦେଲେ ସୋରିଷ ତେଲ ଓ ବାଦାମ ତେଲ ରେଟ ବଢ଼ିନାହିଁ। ତେଣୁ ଭୟଭୀତ ହୋଇ ଅଧିକ କିଣାକିଣି ନକରିବାକୁ ସେ ପରାମର୍ଶ ଦେଇଛନ୍ତି। କଳାବଜାରୀଙ୍କ ଉପରେ ନଜର ରଖନ୍ତୁ।

ସେପଟେ ରୋଷେଇ ଗ୍ୟାସ ସିଲିଣ୍ଡର ଦର ବୃଦ୍ଧି ପରେ ଉପଭୋକ୍ତାଙ୍କୁ ଘାରିଛି ଭୟ। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚାଲିଥିବାରୁ ଏଲପିଜି ସଂକଟ ଆଶଙ୍କାରେ ବୁକିଂ ସଂଖ୍ୟା ବଢ଼ି ଯାଇଛି। ଚାହିଦା ବଢ଼ିଯିବାରୁ ବୁକିଂ କରି ଦୀର୍ଘ ଦିନ ଅପେକ୍ଷା କରିବାକୁ ପଡୁଛି। ଆଗକୁ ଏଲପିଜି ଅଭାବ ଆଶଙ୍କାରେ ଗ୍ୟାସ ଡିପୋରେ ମଧ୍ୟ ଉପଭୋକ୍ତାଙ୍କ ଭିଡ଼ ଲାଗୁଛି। ସିଲିଣ୍ଡର ପାଇଁ ଲାଇନରେ ଘଣ୍ଟା ଘଣ୍ଟା ଛିଡା ହେବାକୁ ପଡୁଛି। କେବଳ ଏତିକି ନୁହେଁ, ଅଚାନକ ଏଲପିଜି ବୁକିଂ ସଂଖ୍ୟା ବି ବଢିଯାଇଛି। ଯେଉଁ ଏଜେନ୍ସିରେ ଦିନକୁ ୨୦ରୁ ୩୦ଟି ସିଲିଣ୍ଡର ପାଇଁ ବୁକିଂ ହେଉଥିଲା, ଏବେ ସେଠି ସଂଖ୍ୟା ଦିନକୁ ଶହେ ➪ପୃଷ୍ଠା-୬

## ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ ତଦନ୍ତ ବିଳମ୍ବ

# ମାର୍ଚ୍ଚ ୩୧ ପୂର୍ବରୁ ରିପୋର୍ଟ ଦାଖଲ ନିର୍ଦ୍ଦେଶ



**ଅବହେଳା କଲେ ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ**

ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ)ଃ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଓଏଏସ୍ (କନିଷ୍ଠ ବର୍ଗ) ଏବଂ ଓଆରଏସ୍ ଅଧିକାରୀମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବକେୟା ଥିବା ତଦନ୍ତ ରିପୋର୍ଟଗୁଡିକ ଶୀଘ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଏ ସଂକ୍ରାନ୍ତରେ ସମସ୍ତ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର, କନ୍ଧମାଳର ଜିଲ୍ଲା ପରିଷଦମାନଙ୍କର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଆରଡିସି, କଟକ ଏବଂ ଆରଡିସି, ସମ୍ବଲପୁରଙ୍କୁ ଚିଠି ଲେଖିଛନ୍ତି।

ପୂର୍ବରୁ ସରକାରଙ୍କ ନିର୍ଦ୍ଦେଶାନୁସାରେ ତଦନ୍ତକାରୀ ଅଧିକାରୀ ନିଯୁକ୍ତି ତାରିଖରୁ ୯୦ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ବକେୟା ଥିବା ମାମଲା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାରେ ଅନାବଶ୍ୟକ ବିଳମ୍ବ ହେଉଛି। ଏହି ପରିପ୍ରେକ୍ଷୀରେ ସମସ୍ତ ବକେୟା ମାମଲାକୁ ପ୍ରାଥମିକତା ଆଧାରରେ ତଦନ୍ତ କରାଯାଇ ଏକ ମାସ ମଧ୍ୟରେ ଅର୍ଥାତ୍ ମାର୍ଚ୍ଚ ୩୧ ପୂର୍ବରୁ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ରାଜସ୍ୱ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଆବଶ୍ୟକସ୍ଥଳେ ତଦନ୍ତକାରୀ ଅଧିକାରୀଙ୍କ ଦ୍ୱାରା ଅବହେଳା କିମ୍ବା ଖିଲାପ ହେଲେ ଏ ସମ୍ପର୍କିତ ମାମଲା ସରକାରଙ୍କ ଦୃଷ୍ଟିଗୋଚରକୁ ଆଣି ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରାଯାଇଛି। ଏଥିସହିତ ସମସ୍ତ ଜିଲ୍ଲାପାଳଙ୍କୁ ମଧ୍ୟ ଏହି ମାମଲାଗୁଡିକର ନିୟମିତ ସମୀକ୍ଷା କରି ସରକାରୀ ନିର୍ଦ୍ଦେଶ ପାଳନ ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି।

## ରାସ୍ତା ପାଲଟିଛି ମରଣ ଯନ୍ତା

**ଦୈନିକ ସଡ଼କ ଦୁର୍ଘଟଣାରେ ଯାଉଛି ୧୭ ଜୀବନ**

# ୨୪ ଘଣ୍ଟାରେ ୧୪ଜଣଙ୍କ ମୃତ୍ୟୁ



ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ)ଃ ରାଜ୍ୟରେ ସଡକ ଦୁର୍ଘଟଣା ହ୍ରାସ କରିବାକୁ ପ୍ରତିବର୍ଷ ସଡକ ସୁରକ୍ଷା ପକ୍ଷ ପାଳନ କରାଯାଉଛି। ମନ୍ତ୍ରୀ, ସଚିବ, ବୁଦ୍ଧିଜୀବୀ ସଡକ ସୁରକ୍ଷା ଦେଇ ବିଭିନ୍ନ ସଚେତନତା ବାର୍ତ୍ତା ଦେଉଛନ୍ତି। ହେଲେ ସେସବୁ ପାଣିର ଗାର ପଲଟିଥିବା ଦେଖିବାକୁ ମିଳୁଛି। ରାଜ୍ୟର ରାସ୍ତାଗୁଡିକ ଯେମିତି ମରଣଯନ୍ତା ପାଲଟିଛି। ଗୋଟିଏ ପରେ ଗୋଟିଏ ଦୁର୍ଘଟଣାରେ ଗତ ୨୪ ଘଣ୍ଟାରେ ରାଜ୍ୟରେ ୧୪ଜଣଙ୍କ ମୃତ୍ୟୁ ହୋଇଛି। ସେପଟେ ବିଧାନସଭାରେ ସଡକ ଦୁର୍ଘଟଣା ନେଇ ମୁଖ୍ୟମନ୍ତ୍ରୀ ରଖିଥିବା ତଥ୍ୟ ବି ଅତ୍ୟନ୍ତ ସମ୍ବେଦନଶୀଳ।

କେନ୍ଦୁଝର ସଦର ଥାନା ଡେଙ୍ଗୁଲି ନିକଟରେ ଆଜି ଘଟିଥିବା ଏ ଦୁର୍ଘଟଣା ଅତ୍ୟନ୍ତ ଛାତିଥରା। ଡାଇନୋମା ମିସ୍ତ୍ରୀ ଭାବେ ଦୋକାନ କରୁଥିବା ଏମଡି ନୁର୍, ପତ୍ନୀ ଓ ୫ବର୍ଷର ପୁଅକୁ ବାଇକରେ ବସାଇ ଘରକୁ ଯାଉଥିବାବେଳେ ରାସ୍ତାରେ ଛିଡ଼ା ହୋଇଥିବା ଏକ ଟ୍ରକ ସହ ପଛ ପଟୁ ଧକ୍କା ହୋଇଥିଲେ। ନୁର୍ ଓ ୫ବର୍ଷିୟ ପୁଅର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ପତ୍ନୀ ମେଡିକାଲରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ସେମିତି ବରଗଡ଼ ଜିଲ୍ଲା ମେହନା ଗାଁ ନିକଟରେ ଏକ ଲୋମଟାଙ୍କୁରା ଦୁର୍ଘଟଣାରେ ଗୋଟିଏ ପରିବାରର ଲିଭି ଯାଇଛି ୪ଜଣଙ୍କ ଜୀବନ ଦାପ। ଖଇରପାଲିରୁ ଏକ ବାହାଘର ଭୋଜି ଖାଇ ଆଗ ପଛ ହୋଇ ୨ଟି ବାଇକରେ ୬ଜଣ ସଦସ୍ୟ ବିନିକା ଥାନା ଜାମପାଲି ଗାଁକୁ ଫେରୁଥିବାବେଳେ ବାଟରେ ଛକିଥିଲା ଯମ। ଏକ ଦ୍ରୁତଗାମୀ ବୋଲେରୋ ବାଇକ ଦୁଇଟିକୁ ଧକ୍କା ଦେବାରୁ ସମସ୍ତେ ଛିଟିକି ପଡ଼ିଥିଲେ। ଘଟଣା ସ୍ଥଳରେ ତିନିଜଣ ବୟସ୍କଙ୍କ ସହ ଜଣେ ନାବାଳକ ନାତିର ମୃତ୍ୟୁ ହୋଇଥିଲା। ଅନ୍ୟ ଦୁଇ ନାବାଳକଙ୍କୁ ବୁର୍ଲା ମେଡିକାଲ ନିଆଯାଇଛି। ମୃତକମାନେ ସମସ୍ତେ ଜାମପାଲି ଗାଁର।

ଜଟଣୀ ଥାନା ନାଇଜର ଛକରେ ଆଜି ଅପରାହ୍ନରେ ଏକ ଅଟୋକୁ ଦ୍ରୁତଗାମୀ କାର୍ ପିଟିବାରୁ ଜଣଙ୍କର ପ୍ରାଣ ଯାଇଛି। ୩ ଗୁରୁତରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିଭଳି ବଣାଇରେ ୨ ଓ ବଲାଙ୍ଗିରରେ ବି ଜଣଙ୍କର ସଡକ ଦୁର୍ଘଟଣାରେ ଜୀବନ ଯାଇଛି। ଗୋଟିଏ ପଟେ ରାଜ୍ୟରେ ନନଷ୍ଟପ୍ ରାସ୍ତା ଦୁର୍ଘଟଣାରେ ବ୍ରେକ୍ ଲାଗୁନଥିବାବେଳେ ଏଣେ ସଡ଼କ ଦୁର୍ଘଟଣା ସଂପର୍କିତ ସରକାରଙ୍କ ତଥ୍ୟ ବି ବଢ଼ାଇଛି ଚିନ୍ତା। ଗତ ୧୦ ବର୍ଷରେ ୧ ଲକ୍ଷ ୧୩ ହଜାର ୩୨୫ଟି ସଡ଼କ ଦୁର୍ଘଟଣା ଜନିତ ମାମଲା ରୁଜୁ ହୋଇଥିବା ବେଳେ ଏହସବୁ ଦୁର୍ଘଟଣାରେ ୫୩ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ➪ପୃଷ୍ଠା-୬

## ବିଜେପିର ରାଜ୍ୟସଭା ନିର୍ବାଚନ ପ୍ରସ୍ତୁତି

# ୩ ରାଜ୍ୟ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ



ନୂଆଦିଲ୍ଲୀ,୯।୩ଃ ଚଳିତ ରାଜ୍ୟସଭା ନିର୍ବାଚନ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ। ଓଡ଼ିଶା, ବିହାର ଓ ହରିୟାଣା ପାଇଁ ବିଜେପି ପକ୍ଷରୁ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ନିର୍ବାଚନ ପ୍ରକ୍ରିୟା ଏବଂ ଦଳୀୟ ରଣନୀତିର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଦଳ ଅଭିଜ୍ଞ ନେତାମାନଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛି।

ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ଏବଂ କେନ୍ଦ୍ରମନ୍ତ୍ରୀ ହର୍ଷ ମଲହୋତ୍ରାଙ୍କୁ ବିହାର ରାଜ୍ୟର ଦାୟିତ୍ୱ ଦେଇଛନ୍ତି ରାଷ୍ଟ୍ରୀୟ ଅଧ୍ୟକ୍ଷ। ସେହିଭଳି ଗୁଜରାଟ ଉପମୁଖ୍ୟମନ୍ତ୍ରୀ ହର୍ଷ ସାଙ୍ଘଭୀଙ୍କୁ ହରିୟାଣା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ମହାରାଷ୍ଟ୍ର ସରକାରର ମନ୍ତ୍ରୀ ଚନ୍ଦ୍ରଶେଖର ବାବନକୁଲେଙ୍କୁ ଓଡ଼ିଶା ଦାୟିତ୍ୱ ପ୍ରଦାନ କରାଯାଇଛି। ରାଜ୍ୟସଭା ନିର୍ବାଚନ ପରିପ୍ରେକ୍ଷୀରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ଏହି ପଦକ୍ଷେପ ବେଶ୍ ଗୁରୁତ୍ୱପୂର୍ଣ୍ଣ । ବିଜେପିର ଏହି ପର୍ଯ୍ୟବେକ୍ଷକ ନିଯୁକ୍ତି ଆଞ୍ଚଳିକ ସମୀକରଣ ଏବଂ କେନ୍ଦ୍ର-ରାଜ୍ୟ ସମନ୍ୱୟକୁ ଧ୍ୟାନରେ ରଖି ଦିଆଯାଇଛି। ବିହାର, ହରିୟାଣା ଏବଂ ଓଡ଼ିଶା ପାଇଁ ଚଳିତ ରାଜ୍ୟସଭା ନିର୍ବାଚନ ➪ପୃଷ୍ଠା-୬

# ଛାତି ଥରାଉଛନ୍ତି ସାଇବର ସୈତାନ

**ଦୁଇ ବର୍ଷରେ ଯାଇଛି ୭୧୧ କୋଟି**

**ଫେରିଛି ମାତ୍ର ୭ କୋଟି ଟଙ୍କା**

**ମୁଣ୍ଡ ବିନ୍ଧାଇଲାଣି ସାଇବର କୋର୍ଡିନେସନ ଡାଟା**



ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ)ଃ ଫିଜିକାଲ କ୍ରାଇମ ଠାରୁ ବହୁ ମାତ୍ରାରେ ବଢିଛି ସାଇବର କ୍ରାଇମ। ଶତ୍ରୁତା ପାଇଁ ଆଉ ଖଣ୍ଡା, ଭଜାଲିର ଆବଶ୍ୟକତା ପଡୁନାହିଁ । ବରଂ କ୍ଲିକ କଲେ ଆଖି ପିଛୁଳାକେ କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି ସାଇବର ଠକ। ଡିଜିଟାଲ ଯୁଗରେ ବିନା ହତିଆରରେ ମୁଣ୍ଡବିନ୍ଧା ବଢ଼ାଇଲେଣି ଅଦୃଶ୍ୟ ଠକ। ବିଧାନସଭାରୁ ଆସିଛି ଆଖି ତରାଟିଦେବା ଭଳି ତଥ୍ୟ। ଦୁଇ ବର୍ଷରେ ୭୧୧ କୋଟି ରୁ ଉର୍ଦ୍ଧ ଟଙ୍କା ଠକି ନେଲେଣି ସାଇବର ଠକ। ତଥ୍ୟ କହୁଛି ୨୦୨୪ରେ ୨୭ ହଜାର ୩୬୮ଟି ମାମଲା ରୁଜୁ ହେଉଥିବା ବେଳେ ୨୭୯ କୋଟି ୭୧ ଲକ୍ଷ ୨୯ ହଜାର ୬୬୨ ଟଙ୍କା ଠକେଇ ହେଇଛି । ସେଥିମଧ୍ୟରୁ ମାତ୍ର ୨ କୋଟି ୪୭ ଲକ୍ଷ୍ୟ ୮୭ ହଜାର ୨୬୮ ଟଙ୍କା ଫ୍ରିଜ ଓ ରିକୋଭର ହେଇଛି। ➪ପୃଷ୍ଠା-୬

# ରାଜଧାନୀ ହୋଟେଲରେ ରାଜ୍ୟସଭା ଗଣିତ

● ଭୋଟ ଦିନ ଘାଟ ଜଗିବେ ଭକ୍ତ
● ଭୋଜି ଦେଉଛନ୍ତି ସଂତୃପ୍ତ



ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ)ଃ ରାଜ୍ୟସଭା ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ରାଜ୍ୟ ରାଜନୀତି ସେତିକି ଚଳଚଞ୍ଚଳ ହେଉଛି । ଏହି ଚଳଚଞ୍ଚଳ ଭିତରେ ରାଜଧାନୀର ସମ୍ଭ୍ରାନ୍ତ ହୋଟେଲରେ ଆରମ୍ଭ ହୋଇଯାଇଛି ରାଜ୍ୟସଭା ଗଣିତର ହିସାବ । ଉଭୟ ଦଳୀୟ ନେତା ଓ ପ୍ରାର୍ଥୀମାନେ ନିଜ ନିଜ ସମର୍ଥକଙ୍କୁ ଧରି ହୋଟେଲରେ ବୈଠକ ପରେ ବୈଠକ କରିବାରେ ଲାଗିଛନ୍ତି । କିଏ ଦିନରେ ବୈଠକ କରୁଛି ତ ଆଉ କିଏ ରାତିରେ ।

ଓଡିଶାର ୪ଟି ରାଜ୍ୟସଭା ଆସନ ପାଇଁ ଆସନ୍ତା ୧୬ ତାରିଖରେ ଭୋଟ ଗ୍ରହଣ ହେବ । ତିନି ଜଣ ପ୍ରାର୍ଥୀଙ୍କ ବିଜୟ ସୁନିଶ୍ଚିତ ଥିବାବେଳେ ଆଉ ଗୋଟିଏ ପଦବୀ ପାଇଁ ଦୁଇଜଣ ମଇଦାନରେ ରହିଛନ୍ତି । ଜଣେ ହେଉଛନ୍ତି ଖ୍ୟାତନାମା ଡାକ୍ତର ଦତ୍ତେଶ୍ୱର ହୋତା ଓ ଅନ୍ୟ ଜଣଙ୍କୁ ହେଉଛନ୍ତି ବିଶିଷ୍ଟ ହୋଟେଲିୟର ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ । ବିଜେଡି ଓ କଂଗ୍ରେସ ମିଳିତ ଭାବେ ଦତ୍ତେଶ୍ୱରଙ୍କୁ ପ୍ରାର୍ଥୀ କରିଥିବାବେଳେ ବିଜେପି ବଳରେ ଦିଲ୍ଲୀପ ମଇଦାନକୁ ଓହ୍ଲାଇଛନ୍ତି । ଅନ୍ୟ ପକ୍ଷରେ ବିଜେଡିର ପ୍ରଥମ ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ବିଜେପିର ଦୁଇ ପ୍ରାର୍ଥୀ ଦଳର ରାଜ୍ୟସଭାପତି ମନମୋହନ ସାମଲ ଓ ରାଜ୍ୟସଭା ସାଂସଦ ସୁଜିତ କୁମାର ନିଜ ନିଜ ଦଳୀୟ ବିଧାୟକଙ୍କ ଭୋଟରେ ରାଜ୍ୟସଭାକୁ ଯିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି । ତେବେ ଦତ୍ତେଶ୍ୱର ଓ ଦିଲ୍ଲୀପଙ୍କ ମଧ୍ୟରୁ କିଏ କାହାର କେତେ ଭୋଟ ହାତେଇ ରାଜ୍ୟସଭାକୁ ଯିବ ସେଥିପାଇଁ ଆରମ୍ଭ ହୋଇଛି ଛକାପଞ୍ଝା । ଆଜି ପ୍ରଦେଶ କଂଗ୍ରେସ ସଭାପତି ଦିନବେଳା ଦଳୀୟ ବିଧାୟକଙ୍କ ବୈଠକ ଡାକିଥିଲେ । ସମସ୍ତଙ୍କୁ ଏକଜୁଟ ରହିବାକୁ ପରାମର୍ଶ ଦେବା ସହିତ କାଳେ କିଏ କ୍ରସ ଭୋଟିଂ କରିଦେବ ସେଥିପାଇଁ ମତଦାନ କେନ୍ଦ୍ରରେ ସିଏ ନିଜେ ଦଳର ଏଜେଣ୍ଟ ହେବେ ବୋଲି ମଧ୍ୟ ସୂଚନା ଦେଇଛନ୍ତି । ଦିନରେ ବୈଠକ ପରେ ନିଜର ଦଳ ଦଳ ଧରି ଭକ୍ତ ସଂଧ୍ୟରେ ରାଜଧାନୀର ଏକ ସମ୍ଭ୍ରାନ୍ତ ହୋଟେଲରେ ରାତ୍ର ଭୋଜନର ➪ପୃଷ୍ଠା-୬

SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN CORE COMPUTING
■ Computer Science and Engineering
■ Computer Science and Information Technology
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 22nd Best in Engineering Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT,
Please visit: www.soa.ac.in

## ରାଜ୍ୟରେ ଆଉ ଖୋଲିବନି ନୂତନ ସବଟ୍ରେଜେରୀ



ଭୁବନେଶ୍ୱର, ୯।୩ (ସଂଚାର ବ୍ୟୁରୋ) : ସବ ଟ୍ରେଜେରୀ ଗୁଡ଼ିକରେ ହେଉଥିବା ସମସ୍ତ ପ୍ରକାର ଆର୍ଥିକ କାରବାର ଅନଲାଇନ୍ ବ୍ୟବସ୍ଥାରେ ହେଉଥିବାରୁ ରାଜ୍ୟରେ ଆଉ ନୂତନ ସବ ଟ୍ରେଜେରୀ ଦପ୍ତର ଖୋଲାହେବାର ପ୍ରସ୍ତାବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପକ୍ଷରୁ ସୂଚନା ଦେଇଛନ୍ତି ଆଇନ୍ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ । ପ୍ରଶ୍ନକାଳରେ ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କର ଏ ସଂକ୍ରାନ୍ତୀୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ କୌଣସି ସ୍ଥାନରେ ପୂର୍ଣ୍ଣ କାଳୀନ ସବ-ଟ୍ରେଜେରୀ ସ୍ଥାପନ କରିବାକୁ ହେଲେ ସେହି ଅଞ୍ଚଳରେ ବାର୍ଷିକ ୧୫ହଜାର ବିଲ୍ ଓ ଚାଲାଣ କାରବାର ହେଉଥିବା ଆବଶ୍ୟକ । ଯେଉଁଠାରେ ବାର୍ଷିକ ୮ହଜାର ବିଲ୍ ଓ ଚାଲାଣ କାରବାର ହେଉଥିବ ସେଠାରେ ଏକ ଆଂଶିକ କାଳୀନ ସବ-ଟ୍ରେଜେରୀ ଖୋଲିବାର ବ୍ୟବସ୍ଥା ରହିଛି। ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ଏବେ ବିଭିନ୍ନ ପ୍ରକାରର ୧୬୯ଟି ଟ୍ରେଜେରୀ ରହିଛି। ଏହା ଜରିଆରେ ମୁଖ୍ୟତଃ ପେନସନଧାରୀମାନେ ସେମାନଙ୍କର ଟଙ୍କା ପାଇଥାନ୍ତି। ବର୍ତ୍ତମାନ ପେନସନ ଅର୍ଥ ଅନ୍ଲାଇନ୍ରେ ପ୍ରଦାନ କରାଯାଉଛି । ଅନ୍ୟାନ୍ୟ କାରବାର ବି ଅନଲାଇନ୍ରେ ହେଉଛି । ତେଣୁ ରାଜ୍ୟରେ ଆଉ କୌଣସି ନୂତନ ସବଟ୍ରେଜେରୀ ଖୋଲା ହେବାର ପ୍ରସ୍ତାବ ନାହିଁ ।

# ଓଡ଼ିଶା ବିଦ୍ୟୁତ୍‌ର ବିକଳ ଚିତ୍ର

### ମୁଣ୍ଡପିଛା ବ୍ୟବହାରରେ ଆନ୍ଧ୍ର ଓ ଜାତୀୟ ହାର ଠାରୁ ପଛରେ

ଭୁବନେଶ୍ୱର, ୯।୩ (ସଂଚାର ବ୍ୟୁରୋ) : ଜନସଂଖ୍ୟା ଓ କ୍ଷେତ୍ରଫଳରେ ଓଡ଼ିଶା ଓ ଆନ୍ଧ୍ର ପ୍ରାୟ ସମାନ। ଓଡ଼ିଶାର ଜନସଂଖ୍ୟା ୪୬.୪୫ ନିୟୁତ ଏବଂ ଆନ୍ଧ୍ରର ୫୩.୨୬ ନିୟୁତ। ସେହିପରି କ୍ଷେତ୍ରଫଳରେ ଦୁଇ ପଡୋଶୀ ରାଜ୍ୟ ଓଡ଼ିଶା ଓ ଆନ୍ଧ୍ରର ଯଥାକ୍ରମେ ୧.୫୬ ଲକ୍ଷ ବର୍ଗ କିଲୋମିଟର ଓ ୧.୬୩ ଲକ୍ଷ ବର୍ଗ କିଲୋମିଟର। କିନ୍ତୁ ବିଦ୍ୟୁତ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଓଡ଼ିଶା ତୁଳନାରେ ଆନ୍ଧ୍ର ନିର୍ମାଣ କରିଛି ୨ ଗୁଣରୁ ଅଧିକ। ସେଥିପାଇଁ ଆନ୍ଧ୍ରର ବିଦ୍ୟୁତ ଉପଭୋକ୍ତା ସଂଖ୍ୟା ଓ ମୁଣ୍ଡପିଛା ବିଦ୍ୟୁତ ବ୍ୟବହାର ଓଡ଼ିଶା ତୁଳନାରେ ୨ଗୁଣରୁ ଅଧିକ ହୋଇଛି ଏବଂ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଆନ୍ଧ୍ର ଢେର ଆଗୁଆ ହୋଇଛି।

ମୁଣ୍ଡପିଛା ଆୟ କ୍ଷେତ୍ରରେ ଓଡ଼ିଶାର ମାତ୍ର ୧.୮୩ ଲକ୍ଷ ଟଙ୍କା ହୋଇଥିବାବେଳେ ଆନ୍ଧ୍ରର ୨.୬୯ ଲକ୍ଷ ଟଙ୍କା ଓ ଭାରତର ପ୍ରାୟ ୨ ଲକ୍ଷ ଟଙ୍କା ରହିଛି। କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟକରୁଥିବା କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ (ସିଇଏ) ସଦ୍ୟ ପ୍ରକାଶ କରିଥିବା ସର୍ବଭାରତୀୟ ବିଦ୍ୟୁତ ତଥ୍ୟ ରିପୋର୍ଟ ୨୦୨୩-୨୪ ଅନୁସାରେ ଓଡ଼ିଶାର ସର୍ବମୋଟ ୪.୫୬ ଲକ୍ଷ କିଲୋମିଟର (କିମି) ବିଦ୍ୟୁତ ଲାଇନ ଥିବାବେଳେ ଆନ୍ଧ୍ରରେ



ରହିଛି ୭.୧୩ ଲକ୍ଷ କିମି। ବିଦ୍ୟୁତ ବିତରଣ କ୍ଷେତ୍ରରେ ଓଡ଼ିଶା ୧୬୩୨୦ ଏମଭିଏ କ୍ଷମତାର ସମୁଦାୟ ୩.୦୭ ଲକ୍ଷ ଟ୍ରାନ୍ସଫର୍ମର ସ୍ଥାପନ କରିଥିବାବେଳେ ଆନ୍ଧ୍ର ସ୍ଥାପନ କରିଛି ୪୫୪୭୮ ଏମଭିଏ କ୍ଷମତାର ୧୩.୯୫ ଲକ୍ଷ ଟ୍ରାନ୍ସଫର୍ମର। ୩୩ କେଭି ଲାଇନ କ୍ଷେତ୍ରରେ ଓଡ଼ିଶା ସମୁଦାୟ ୧୭୨୩୨ କିମି ନିର୍ମାଣ କରିଥିବାବେଳେ ଆନ୍ଧ୍ର ନିର୍ମାଣ କରିଛି ୩୦୪୮୫ କିମି। ସେହିପରି ୧୧ କେଭି ଲାଇନ କ୍ଷେତ୍ରରେ ଓଡ଼ିଶା ସମୁଦାୟ ୧.୭୯ ଲକ୍ଷ କିମି ନିର୍ମାଣ କରିଥିବାବେଳେ ଆନ୍ଧ୍ର ନିର୍ମାଣ କରିଛି ୨.୮୩ ଲକ୍ଷ କିମି। ଏଲଟି ଲାଇନ କ୍ଷେତ୍ରରେ (୫୦୦ ଭୋଲ୍ଟ ମଧ୍ୟରେ) ଓଡ଼ିଶା ସମୁଦାୟ ୨.୩୧ ଲକ୍ଷ କିମି ନିର୍ମାଣ କରିଥିବାବେଳେ ଆନ୍ଧ୍ର ୩.୪୪ ଲକ୍ଷ କିମି କରିଛି। ଆଶ୍ଚର୍ଯ୍ୟର କଥା ଆନ୍ଧ୍ର ସମୁଦାୟ ୨୨୬୬୯ କିମି ୬.୬/୪.୪ କେଭି ଲାଇନ ନିର୍ମାଣ କରିଥିବାବେଳେ ଓଡ଼ିଶାରେ ଆଦୌ ହୋଇନାହିଁ।

ବିଦ୍ୟୁତ ସଞ୍ଚାରଣ ବ୍ୟବସ୍ଥା କ୍ଷେତ୍ରରେ ଓଡ଼ିଶା ଠାରୁ ଆନ୍ଧ୍ର ଢେର ଅଗ୍ରଗତି କରିଛି। ଓଡ଼ିଶା ପାୱାର ଟ୍ରାନ୍ସମିସନ କର୍ପୋରେସନ (ଓପିଟିସିଏଲ) ଓଡ଼ିଶାରେ ମୋଟ ୩୦୫ କିମି ଦୂରତାର ୭୬୫ କେଭି ଲାଇନ ନିର୍ମାଣ କରିଥିବାବେଳେ ଆନ୍ଧ୍ର ନିର୍ମାଣ କରିଛି ୩୬୪ କିମି। ସେହିପରି ୪୦୦ କେଭି, ୨୨୦ କେଭି ଓ ୧୩୨ କେଭି ଲାଇନ କ୍ଷେତ୍ରରେ ଓଡ଼ିଶା ଯଥାକ୍ରମେ ୨୮୦୦ କିମି, ୧୨୮୭୮ କିମି ଓ ୧୧୯୯୬ କିମି ନିର୍ମାଣ କରିଥିବାବେଳେ ଆନ୍ଧ୍ର ନିର୍ମାଣ କରିଛି ଯଥାକ୍ରମେ ୫୬୧୧ କିମି, ୧୩୨୩୩ କିମି ଓ ୧୪୦୮୬ କିମି। ଓଡ଼ିଶା ସ୍ଥାପନ କରିଥିବା ଷ୍ଟେପ-ଅପ ଓ ଷ୍ଟେପ-ଡାଉନ ଟ୍ରାନ୍ସଫର୍ମର କ୍ଷମତା ଯଥାକ୍ରମେ ୫୪୯୬ ଏମଭିଏ ଓ ୪୦୩୫୬ ଏମଭିଏ ରହିଥିବାବେଳେ ଆନ୍ଧ୍ର ସ୍ଥାପନ କରିଛି ଯଥାକ୍ରମେ ୧୮୮୪୮ ଏମଭିଏ ଓ ୧୦୦୭୩୬ ଏମଭିଏ।

ଏଠାରେ ପ୍ରଣିଧାନଯୋଗ୍ୟ, ସିଇଏ ରିପୋର୍ଟ ଅନୁସାରେ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ର ଯଥା ଘରୋଇ, ବାଣିଜ୍ୟ, କ୍ଷୁଦ୍ର-ମଧ୍ୟମ ଶିଳ୍ପ, ଜଳଯୋଗାଣ ଓ କୃଷିରେ ଭାରତର ମୁଣ୍ଡପିଛା ବିଦ୍ୟୁତ ବ୍ୟବହାର (ଜାତୀୟ ହାର) ଯଥାକ୍ରମେ ୨୬୪ ୟୁନିଟ, ୯୨ ୟୁନିଟ, ୬୪ ୟୁନିଟ, ୧୯୭ ୟୁନିଟ ଓ ୨୩ ୟୁନିଟ ରହିଥିବାବେଳେ ଓଡ଼ିଶାର ଯଥାକ୍ରମେ ୧୭୮ ୟୁନିଟ, ୭୫ ୟୁନିଟ, ୬ ୟୁନିଟ, ୧୫ ୟୁନିଟ ଓ ୧୦ ୟୁନିଟ ଏବଂ ଆନ୍ଧ୍ରର ଯଥାକ୍ରମେ ୩୨୮ ୟୁନିଟ, ୧୦୪ ୟୁନିଟ, ୨୫ ୟୁନିଟ, ୨୯୨ ୟୁନିଟ ଓ ୨୧ ୟୁନିଟ ରହିଛି। ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ରଙ୍କ ମତରେ ଆନ୍ଧ୍ରର ବିଦ୍ୟୁତ ବିତରଣ ଓ ସଞ୍ଚାରଣ କ୍ଷମତା ଓଡ଼ିଶା ଠାରୁ ଢେର ଅଧିକ ଥିବାରୁ ଆନ୍ଧ୍ରର ଉପଭୋକ୍ତା ସଂଖ୍ୟା ଓ ମୁଣ୍ଡପିଛା ବିଦ୍ୟୁତ ବ୍ୟବହାର ଓଡ଼ିଶାର ୨ଗୁଣରୁ ଅଧିକ ହୋଇଛି। ମୁଣ୍ଡପିଛା ବିଦ୍ୟୁତ ବ୍ୟବହାରରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ସାମାଜିକ ତଥା ଅର୍ଥନୈତିକ କ୍ଷେତ୍ର ଯଥା ଘରୋଇ, ବାଣିଜ୍ୟ, କ୍ଷୁଦ୍ର-ମଧ୍ୟମ ଶିଳ୍ପ, ଜଳଯୋଗାଣ ଓ କୃଷି ଆନ୍ଧ୍ର ଠାରୁ ବହୁଗୁଣରେ କମ ରହିବା ଓଡ଼ିଶାର ବିକଳ ବିଦ୍ୟୁତ ବ୍ୟବସ୍ଥାକୁ ଦର୍ଶାଇବା ସହିତ ଆନ୍ଧ୍ରର ବିକଶିତ ଅର୍ଥନୀତିକୁ ସ୍ପଷ୍ଟ ସୂଚିତ କରୁଛି।


### ଏନ୍ଏଚ୍-୩୧୬ ଆରଓବି କାର୍ଯ୍ୟ ତଦାରଖ କଲେ ନିର୍ମାଣ ସଚିବ

## ରଥଯାତ୍ରା ପୂର୍ବରୁ କାମ ସାରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର, ୯।୩ (ସଂଚାର ବ୍ୟୁରୋ) : ଆଜି ନିର୍ମାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଜାତୀୟ ରାଜପଥ-୩୧୬ ଉପରେ ନିର୍ମାଣାଧୀନ ମାଟିଆପଡା ରେଳ ଓଭରବ୍ରିଜ ନିର୍ମାଣ କାର୍ଯ୍ୟର ତଦାରଖ କରିଛନ୍ତି। ଏହି ନିରୀକ୍ଷଣ ସମୟରେ ଜାତୀୟ ରାଜପଥର ମୁଖ୍ୟଯନ୍ତ୍ରୀ ନାରାୟଣ ପଟେଲ, ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟ ରଞ୍ଜନ ଦ୍ୱିବେଦୀ, ରେଳବାଇର ଅଧିକ୍ଷଣ ଯନ୍ତ୍ରୀ ପପୁନ କୁମାର ପ୍ରଧାନ ଏବଂ ଠିକା ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ପ୍ରମୁଖ ଶାସନ ସଚିବ ପ୍ରକଳ୍ପର ବର୍ତ୍ତମାନ ସ୍ଥିତି ସମୀକ୍ଷା କରିବା ସହ ବାକି ଅଂଶ ଶୀଘ୍ର ଶେଷ କରିବା ନେଇ ଆଲୋଚନା କରିଥିଲେ। ଆସନ୍ତା ରଥଯାତ୍ରା ପୂର୍ବରୁ ରେଳ ଲେଭେଲ୍ କ୍ରସିଂ ଉପରେ ଥିବା ବୋ ଷ୍ଟ୍ରିଙ୍ଗ ଗର୍ଡର ସହିତ ସମସ୍ତ ଅବଶିଷ୍ଟ ସ୍ପାନ୍‌ର ଗର୍ଡର ଓ ଡେକ୍ ସ୍ଲାବ କାଷ୍ଟିଂ କାମକୁ ତ୍ୱରିତ ଗତିରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ସେ ଅଧିକାରୀମାନଙ୍କୁ ରେନଫୋର୍ସ ଆର୍ଥ ୱାଲ୍ ଏବଂ ସର୍ଭିସ୍ ରୋଡ୍ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଯାତାୟାତ ଚଳାଚଳ ସୁବିଧାଜନକ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ରୋଟାରୀ ସହଯୋଗରେ ମହିଳା ଦିବସ




ଭୁବନେଶ୍ୱର, ୯।୩ (ସଂଚାର ବ୍ୟୁରୋ) : ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରୋଟାରୀ କ୍ଲବ ଅଫ ରାଜଧାନୀ ଭୁବନେଶ୍ୱର ପକ୍ଷରୁ ସୁନ୍ଦରପଦା ସ୍ଥିତ ହାଇଟେକ୍ ଏନକ୍ଲେଭ ଅପାର୍ଟମେଣ୍ଟରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କ୍ଲବ୍ ଅଧ୍ୟକ୍ଷ ରୋଟେରିୟାନ୍ ରାକେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆଇନ ପରାମର୍ଶଦାତା ରାଜଶ୍ରୀ କାନୁନଗୋ ମହିଳା ଅଧିକାର ଓ ସଚେତନତା ବିଷୟରେ ଉଦବୋଧନ ଦେଇଥିଲେ ଓ ଯୋଗ ଶିକ୍ଷୟିତ୍ରୀ କବିତା ଜେନା ମହିଳା ସ୍ୱାସ୍ଥ୍ୟ ଉପରେ ଯୋଗର ପ୍ରଭାବ ବିଷୟରେ ଉଦବୋଧନ ରଖିଥିଲେ। ଅତିଥି ଭାବେ ରଶ୍ମି ମହାପାତ୍ର, ଡା. ପ୍ରତିଭା ମିଶ୍ର, ଜ୍ୟୋତ୍ସ୍ନା ଦାସ, ଉପସ୍ଥିତ ରହି ମହିଳା ସଶକ୍ତିକରଣ ଉପରେ ମତ ରଖିଥିଲେ। ଏହି ଅବସରରେ ସମାଜରେ ନିଜନିଜ କ୍ଷେତ୍ରରେ ଉଲ୍ଲେଖନୀୟ ସେବା କରୁଥିବା କିଛି ପ୍ରତିଭାଶାଳୀ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା।

● ସେବା ପ୍ରୟାସ ପକ୍ଷରୁ ମହିଳା ଦିବସ ପାଳିତ

## କଳିଙ୍ଗ ବିରାଙ୍ଗନା ସମ୍ମାନରେ ସଂମ୍ମାନିତ ହେଲେ ୫ ମହିଳା



ଭୁବନେଶ୍ୱର, ୯।୩ (ସଂଚାର ବ୍ୟୁରୋ): ମହିଳାମାନଙ୍କ ସାମର୍ଥ୍ୟ ଏବଂ ସମାଜ ପ୍ରତି ସେମାନଙ୍କର ଅବଦାନକୁ ସମ୍ମାନ ଜଣାଇ ସେବା ପ୍ରୟାସ ଫାଉଣ୍ଡେସନ ପକ୍ଷରୁ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଫାଉଣ୍ଡେସନର ମୁଖ୍ୟ ତଥା ସମାଜସେବୀ ଲିଙ୍କନ ସୁବୁଦ୍ଧିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସଫଳ ମହିଳାମାନେ ଏକତ୍ରିତ ହୋଇଥିଲେ। ଏହି ଅବସରରେ ଏକ ଭବ୍ୟ କଳିଙ୍ଗ ବୀରାଙ୍ଗନା କ୍ରିକେଟ୍ ଲିଗ୍ ଫର୍ ଉମେନ୍ ଏବଂ କାର ରାଲି ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଦେଶ ଏବଂ ରାଜ୍ୟର ବିଶିଷ୍ଟ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ। ସୁପ୍ରିମକୋର୍ଟ ଆଇନଜୀବୀ ଚିନ୍ମୟ ମହାନ୍ତି କହିଥିଲେ ଯେ, ସମାଜର ସବୁ ବର୍ଗର ମହିଳାଙ୍କୁ ଏକାଠି କରି ସେମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ସେବା ପ୍ରୟାସ ଯେଉଁ ପଦକ୍ଷେପ ନେଇଛି ତାହା ପ୍ରଶଂସନୀୟ। ସମାଜର ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ୫ ଜଣ ମହିଳାଙ୍କୁ କଳିଙ୍ଗ ବିରାଙ୍ଗନା ସମ୍ମାନ-୨୦୨୬ରେ ସଂମ୍ମାନିତ କରାଯାଇଥିଲା। ସେମାନେ ହେଲେ ଡ଼. ସମିତା ମହାନ୍ତି, ପାୟଲ ପଟେଲ, ମା ଅରୁନ୍ଧତୀ ଦେବୀ, ସତରୁପା ସାମନ୍ତରାୟ ଓ ରଶ୍ମିତା ମହାନ୍ତି।

## କ୍ୟାନ୍ସର ପୀଡ଼ିତାଙ୍କୁ ମିଳିଲା ନୂଆ ଆତ୍ମବିଶ୍ୱାସ

### ମହିଳା ଦିବସରେ ବିନା ମୂଲ୍ୟରେ ପ୍ରୋସଥେଟିକ୍ସ ବଣ୍ଟନ




ଭୁବନେଶ୍ୱର, ୯।୩ (ସଂଚାର ବ୍ୟୁରୋ) : କ୍ୟାନ୍ସର ଚିକିତ୍ସାଧିନ ମହିଳାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଓ ସମ୍ମାନ ଫେରାଇ ଆଣିବା ଲକ୍ଷ୍ୟରେ, ଆନ୍ତର୍ଜାତିକ ମହିଳା ଦିବସ ଅବସରରେ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ ଓ ମାରୱାଡ଼ି ସୋସାଇଟିର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ମାରୱାଡ଼ି ସୋସାଇଟି କମ୍ୟୁନିଟି ହଲ୍‌ଠାରେ ଏକ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।କାର୍ଯ୍ୟକ୍ରମଟି ଗଣେଶ ବନ୍ଦନା ସହ ଆରମ୍ଭ ହୋଇଥିବା ବେଳେ ଫାଉଣ୍ଡେସନର ମ୍ୟାନେଜିଂ ଟ୍ରଷ୍ଟି ସଂସ୍ଥାର ଆଭିମୁଖ୍ୟ ଓ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମୋଟ ୧୫ ଜଣ କ୍ୟାନ୍ସର ପୀଡ଼ିତାଙ୍କୁ ବିନା ମୂଲ୍ୟରେ ଉନ୍ନତମାନର କୃତ୍ରିମ ସ୍ତନ ଏବଂ କେଶ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁମ୍ବାଇର ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ଆଗ୍ନେଲୋ ରାଜେଶ ଅତିଥି ଭାବେ ଯୋଗ ଦେଇଥିଲେ। ସେ ଫାଉଣ୍ଡେସନ ସହ ତାଙ୍କର ଦୀର୍ଘ ଦିନର ସମ୍ପର୍କ ଓ ଅନୁଭୂତି ବାଣ୍ଟିବା ସହ ଏହି ମହତ ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ। ସେହିପରି ମାରୱାଡ଼ି ସୋସାଇଟିର କୋଷାଧ୍ୟକ୍ଷ ସୁରେନ୍ଦ୍ର ଅଗ୍ରୱାଲ ଅନୁଷ୍ଠାନର କାର୍ଯ୍ୟଧାରାକୁ ସାଧୁବାଦ ଜଣାଇବା ସହ ଆଗାମୀ ଦିନରେ ମଧ୍ୟ ଏହିପରି ମିଳିତ ଭାବେ କାର୍ଯ୍ୟ ଜାରି ରଖିବେ ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ।

## କଟକ ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି

କଟକ, ୯।୩ (ସଂଚାର ବ୍ୟୁରୋ) : କଟକ ସଦର ତହସିଲ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଯୁଗ୍ମ ଜନଅଭିଯୋଗ ଶୁଣାଣିରେ ସମୁଦାୟ ୩୮ଟି ଅଭିଯୋଗ ହସ୍ତଗତ ହୋଇଥିଲା। ସମାଧାନରେ ୩୪ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୪ ଗୋଟି ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୨ଟି ଅଭିଯୋଗର ତୁରନ୍ତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣିରେ ଡିସିପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଳେନ୍ଦୁ ଦାସ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓଙ୍କ ସମେତ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ,ସଦର ଓ ସାଲେପୁର ବିଡିଓ ,କିଶନ ନଗର ତହସିଲଦାର ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

### ଓ-ହବରେ ଷ୍ଟାର୍ଟ ଅପ୍ ସମ୍ମିଳନୀ ଅନୁଷ୍ଠିତ

## ସଶକ୍ତ ଷ୍ଟାର୍ଟ ଅପ୍, ସମୃଦ୍ଧ ଓଡ଼ିଶା : ଗୋକୁଳାନନ୍ଦ

ଭୁବନେଶ୍ୱର, ୯।୩ (ସଂଚାର ବ୍ୟୁରୋ) : ଷ୍ଟାର୍ଟ ଅପ୍ ଉଦ୍ୟୋଗୀଙ୍କ ସ୍ୱପ୍ନ ଓ ସଂକଳ୍ପକୁ ସାକାର କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ। ଆମ ଷ୍ଟାର୍ଟ ଅପ୍ ଅଧିକ ଶକ୍ତ ହେଲେ ରାଜ୍ୟ ସମୃଦ୍ଧି ଦିଗରେ ଆଗେଇ ପାରିବ। ତେଣୁ ଷ୍ଟାର୍ଟ ଅପ୍ ଆରମ୍ଭ କରିବା ପାଇଁ ଯୁବ ପିଢି ଆଗେଇ ଆସିବା ଦରକାର ବୋଲି କହିଛନ୍ତି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ଆଜି ସ୍ଥାନୀୟ ଓ-ହବ୍ ଠାରେ ଆୟୋଜିତ ଷ୍ଟାର୍ଟ ଅପ୍ ସମ୍ମିଳନୀରେ ଯୋଗ ଦେଇ ଯୁବ ଉଦ୍ୟୋଗୀଙ୍କୁ ସେ ଉତ୍ସାହିତ କରିଥିଲେ।



୧୨ ଜଣ ଷ୍ଟାର୍ଟ ଅପ୍ ଉଦ୍ୟୋଗୀଙ୍କୁ ମିଳିଲା ଆର୍ଥିକ ସହାୟତା

ଏହି କାର୍ଯ୍ୟକ୍ରମରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର କମିଶନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା ସ୍ୱାଗତ ଅଭିଭାଷଣରେ ବିଭାଗ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ଆର୍ଥିକ ପ୍ରୋତ୍ସାହନ ସମ୍ପର୍କରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ସୂଚନାଯୋଗ୍ୟ ଯେ, ଷ୍ଟାର୍ଟ ଅପ୍ ଉଦ୍ୟୋଗୀଙ୍କୁ ମାସିକ ଭତ୍ତା ଅନୁଦାନ, ଉତ୍ପାଦ ବିକାଶ ଏବଂ ମାର୍କେଟିଂ ସହାୟତା, ଆବଶ୍ୟକତା ଆଧାରିତ ସହାୟତା ଭଳି ପଦକ୍ଷେପ ମାଧ୍ୟମରେ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ଏହି ସମ୍ମିଳନୀରେ ଆଜି ୧୨ ଜଣ ଯୁବ ଷ୍ଟାର୍ଟ ଅପ୍ ଉଦ୍ୟୋଗୀଙ୍କୁ ମନ୍ତ୍ରୀ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଉତ୍ପାଦ ବିକାଶ ଏବଂ ମାର୍କେଟିଂ ସହାୟତା ବାବଦରେ ଡିରାକାଇ, ଇଗଲ୍ ଏୟାର, ଜଉଦେବ ନାଚୁରାଲ୍ ଫୁଡ୍ସ, ଇକୋ ସାଥ୍ ଗ୍ରୀନ୍ ଇଣ୍ଡିଆ, ରେଗ୍ରେଡ୍, ସେରାଲକ୍ ଷ୍ଟୁଡିଓ ଆର୍ଥିକ ପ୍ରୋତ୍ସାହନ ରାଶି ପାଇଥିବା ବେଳେ ଆବଶ୍ୟକତା ଆଧାରିତ ସହାୟତା ବାବଦରେ ଆଷ୍ଟ୍ରୋନେକ୍ସଟ୍ ଟେକ୍ନୋଲୋଜିସ୍, ଟେଷ୍ଟ କ୍ରେଷ୍ଟ ଇ-ଲର୍ନିଂ, ଏନସି ୟୋୟାର ଏଡ୍ ଟେକ୍, ରେଟ୍ରିକ୍ ଡିଜାଇନ୍ସ, ଡିଏମ୍ଏଣ୍ ଏଡଟେକ୍ ଏବଂ ଟିବିଟି ଟୁଲ୍ସର ଷ୍ଟାର୍ଟ ଅପ୍‌କୁ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ। ଷ୍ଟାର୍ଟ ଅପ୍ ଓଡ଼ିଶାର ମୁଖ୍ୟ ପ୍ରଶାସନିକ ଅଧିକାରୀ ପ୍ରଫୁଲ୍ଲ କୁଜୁର ଧନ୍ୟବାଦ ଅର୍ପଣ କରିଥିଲେ। ଇଗଲ୍ ଏୟାର ଏବଂ ରେଟ୍ରିକ୍ ଡିଜାଇନ୍ସ ସମ୍ମିଳନୀରେ ନିଜର ଅଭିଜ୍ଞତା ଓ ଅନୁଭୂତି ବାଣ୍ଟିଥିଲେ। ସୂଚନାଯୋଗ୍ୟ ଯେ, ଓଡ଼ିଶା ଷ୍ଟାର୍ଟଅପ୍ ପଲିସି ମାଧ୍ୟମରେ ଉଦ୍ୟୋଗୀଙ୍କୁ ସଶକ୍ତ କରିବା ପାଇଁ ଆର୍ଥିକ ସହାୟତା, ମେଣ୍ଟରସିପ୍, ବିପଣନ, ନେଟୱର୍କିଂ ଆଦି ବିଭିନ୍ନ ସୁଯୋଗ ପ୍ରଦାନ କରାଯାଉଛି।

## ନାବାଳିକାର ମୃତଦେହ ଉଦ୍ଧାର

### ହାତଲେଖା ଚିଠିରେ ସାବତ ମା'ର ନିର୍ଯାତନା କଥା

ଢେଙ୍କାନାଳ , ୯।୩ (ସଂଚାର ବ୍ୟୁରୋ) : କର୍ଣ୍ଣେଲଙ୍କ ଭଡାଘରୁ ନାବାଳିକା ଝିଅର ମୃତଦେହ ଉଦ୍ଧାର। ଢେଙ୍କାନାଳ ସ୍ଥିତ ୧୨ ଓଡ଼ିଶା ଏନ୍‌ସିସି ବାଟାଲିଅନର କର୍ଣ୍ଣେଲଙ୍କ ଭଡ଼ାଘରୁ ତାଙ୍କ ୧୩ ବର୍ଷ ଝିଅର ମୃତଦେହକୁ ଉଦ୍ଧାର କରାଯାଇଛି । ଶୋଇବା ଘରୁ ଝୁଲନ୍ତା ଅବସ୍ଥାରେ ଥିଲା ତାଙ୍କ ମୃତଦେହ। ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ପୋଲିସ ତଦନ୍ତ ଆରମ୍ଭ କରିଛି । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି ପୋଲିସ । ସୂଚନାଯୋଗ୍ୟ ଯେ, ଢେଙ୍କାନାଳ ସହରର ମହିଷାପାଟ ସ୍ଥିତ ହାଉସିଂ କଲୋନୀ ଫେଜ୍-୨ର ଏକ ଭଡା ଘରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର କରିଛି ପୋଲିସ । ମୃତ ନାବାଳିକା ଅଷ୍ଟମ ଶ୍ରେଣୀର ଛାତ୍ରୀ ବୋଲି ଜଣାପଡିଛି । ନାବାଳିକାଙ୍କ ବାପା କର୍ଣ୍ଣେଲ ଛବିଳ ଚନ୍ଦ୍ର ନାଗନ୍‌ଙ୍କ ଘର ସୁନ୍ଦରଗଡ଼ ଜିଲ୍ଲା କାଂଶବାହାଲରେ ବୋଲି ଜଣାପଡିଛି। ସେ ଢେଙ୍କାନାଳ ୧୨ ଓଡ଼ିଶା ଏନସିସି ବାଟାଲିଅନରେ କାର୍ଯ୍ୟରତ । ସେ ଏହି ଘରକୁ ଭଡାନେଇ ଏକୁଟିଆ ରହୁଥିଲେ । ନାବାଳିକାଙ୍କ ନିଜ ମା'ଙ୍କର ପୂର୍ବରୁ ମୃତ୍ୟୁ ହୋଇସାରିଛି । ତେବେ ବାପା ଦ୍ୱିତୀୟ ବିବାହ କରିଥିଲେ। ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଥିବା ସାବତ ମା'ଙ୍କ ପାଖରେ ନାବାଳିକା ରୁହନ୍ତି। ମାତ୍ର ଗତ ୧୦/୧୨ଦିନ ହେଲା ନାବାଳିକା ତାଙ୍କ ସାବତ ମା'ଙ୍କ ସହିତ ଢେଙ୍କାନାଳରେ ଥିବା ବାପାଙ୍କ ପାଖକୁ ବୁଲିବାକୁ ଆସିଥିଲେ । ସୋମବାର ସକାଳୁ ତାଙ୍କ ଶୋଇବା ଘରୁ ସନ୍ଦେହଜନକ ଭାବେ ମୃତଦେହ ଠାବ ହୋଇଛି । ମୃତ୍ୟୁର ସଠିକ କାରଣ କ'ଣ ଜଣାପଡିନାହିଁ। ସେ ତାଙ୍କ ସାବତ ମା'ଙ୍କୁ ଅତ୍ୟନ୍ତ ଘୃଣା କରନ୍ତି ବୋଲି ଲେଖାଥିବା ଏକ ସୁଇସାଇଡ଼ ନୋଟ୍ ମୃତଦେହ ନିକଟରୁ ପୋଲିସ ଜବତ କରିଛି । ଏହାଦ୍ୱାରା ମୃତ୍ୟୁ ପଛର କାରଣକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଥିଲେ ମଧ୍ୟ ତାଙ୍କ ବାପା-ମା' ଏ ସମ୍ପର୍କରେ ପାଟି ଖୋଲୁନାହାନ୍ତି। ତେବେ ସୁଇସାଇଡ଼ ନୋଟ୍ ଜବତ କରିବା ସହିତ ତଦନ୍ତ ଜାରି ରଖିଛି ପୋଲିସ। ଶବ ବ୍ୟବଚ୍ଛେଦ ପରେ କାରଣ କ'ଣ ଜଣାପଡିବ ବୋଲି ଜିଲ୍ଲା ଅତିରିକ୍ତ ଏସ୍‌ପି ପ୍ରକାଶ କରିଛନ୍ତି ।

## ପୂରଣ ହେବ ପ୍ରତ୍ୟେକ ମହିଳାଙ୍କ ଆଶା ଓ ଆକାଂକ୍ଷା

ଭୁବନେଶ୍ୱର, ୯।୩ (ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ନୂଆଦିଲ୍ଲୀର ଉଦୟୀତି ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଆଜି ଭୁବନେଶ୍ୱରରେ ଅବସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ "ଓଡ଼ିଶାରେ ଔପଚାରିକ ନିଯୁକ୍ତିରେ ମହିଳାଙ୍କ ଅଂଶଗ୍ରହଣ ସୁଯୋଗ" ଶୀର୍ଷକ ଏକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୀତି ନିର୍ମାତା, ଶିଳ୍ପ ନେତା, ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ବିଶେଷଜ୍ଞମାନେ ଯୋଗଦେଇ ନିୟମିତ ଏବଂ ଦ୍ରୁତ ବୃଦ୍ଧି ପାଉଥିବା କ୍ଷେତ୍ରରେ ମହିଳାଙ୍କ ଉପସ୍ଥିତି ବଢ଼ାଇବା ପାଇଁ ରଣନୀତି ଉପରେ ଆଲୋଚନା କରିଥିଲେ।



କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଏହି ଅବସରରେ ଦକ୍ଷତା ବିକାଶ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ମହିଳା ଶ୍ରମିକ ବଳ ଅଂଶଗ୍ରହଣ ହାର ୪୮.୭ ପ୍ରତିଶତ ରହିଛି, ଯାହା କି ରାଷ୍ଟ୍ରୀୟ ହାର ୪୦.୩ ପ୍ରତିଶତ ଠାରୁ ଅଧିକ। ସେହିପରି ରାଷ୍ଟ୍ରୀୟ ହାର ୧୫ ପ୍ରତିଶତ ତୁଳନାରେ, ଓଡ଼ିଶାର ୧୭ପ୍ରତିଶତ ମହିଳା ଶିଳ୍ପ ଶ୍ରମିକ ଭାବରେ କାର୍ଯ୍ୟ କରୁଛନ୍ତି। ମନ୍ତ୍ରୀ କହିଥିଲେ ଯେ, ଯଦିଓ ଏହି ପରିସଂଖ୍ୟାନ ଅଗ୍ରଗତିକୁ ସୂଚାଉଛି, କେବଳ ଅଧିକ ଅଂଶଗ୍ରହଣ ହିଁ ଉତ୍ତମ ସୁଯୋଗ କିମ୍ବା ଔପଚାରିକ ନିଯୁକ୍ତି ପାଇବାକୁ ଦର୍ଶାଏ ନାହିଁ। ସେ ଏହା ଉପରେ ଗୁରୁତ୍ୱ ଦେଇ କହିଥିଲେ ଯେ, ସୁସଂଗଠିତ, ଉଚ୍ଚ ଅଭିବୃଦ୍ଧି ସମ୍ପନ୍ନ ଏବଂ ଅଧିକ ଦରମା ମିଳୁଥିବା କ୍ଷେତ୍ରଗୁଡ଼ିକରେ ପ୍ରବେଶ କରିବା ପାଇଁ ଅନେକ ମହିଳା ଏବେ ମଧ୍ୟ ଅନେକ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି। ଗ୍ରାମ ହେଉ କି ସହର, ପ୍ରତ୍ୟେକ ମହିଳାଙ୍କ ଆଶା ଓ ଆକାଂକ୍ଷାକୁ ସଫଳ କରିବା ପାଇଁ ଏକ ସହାୟକ ଇକୋସିଷ୍ଟମ ଗଠନ କରିବାକୁ ଓଡ଼ିଶା ସରକାର ପ୍ରତିବଦ୍ଧ।

ସମାବେଶକୁ ସମ୍ବୋଧନ କରି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ସଚିବ ଭୂପେନ୍ଦ୍ର ସିଂହ ପୁନିଆ କହିଥିଲେ ଯେ, ସୁଦକ୍ଷା ଭଳି ସରକାରୀ କାର୍ଯ୍ୟକ୍ରମ ଅଧିକରୁ ଅଧିକ ଝିଅମାନଙ୍କ ପାଇଁ ମାନୁଫାକ୍ଚରିଂ ଏବଂ ନୂତନ ଜ୍ଞାନକୌଶଳ କ୍ଷେତ୍ରରେ ଦକ୍ଷତା ହାସଲ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରୁଛି।

## ପରିଚୟ ଫାଉଣ୍ଡେସନ ତରଫରୁ ଆର୍ଯ୍ୟା ସମ୍ମାନ

ଭୁବନେଶ୍ୱର, ୯।୩ (ସଂଚାର ବ୍ୟୁରୋ): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପରିଚୟ ଫାଉଣ୍ଡେସନ ପକ୍ଷରୁ ଆର୍ଯ୍ୟା ସମ୍ମାନ- ୨୦୨୬ର ୧୪ତମ ସଂସ୍କରଣ ଭୁବନେଶ୍ୱର ମେଫେୟାର କନଭେନସନ ସେଣ୍ଟରରେ ଆୟୋଜିତ ହୋଇଥିଲା। ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ଦେଖାଇଥିବା ପ୍ରେରଣାଦାୟକ ବ୍ୟକ୍ତିତ୍ୱମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ପଦ୍ମ ବିଭୂଷଣ ପଣ୍ଡିତ ହରି ପ୍ରସାଦ ଚୌରାସିଆ ଯୋଗଦେଇଥିଲେ। ବିଶିଷ୍ଟ




ଅତିଥି ଭାବେ ପୂର୍ବତନ ରାଜ୍ୟସଭା ସାଂସଦ ପ୍ରଶାନ୍ତ ନନ୍ଦ, ରୁଚି ଫାଉଣ୍ଡେସନର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ରଶ୍ମି ସାହୁ ଓ ପୂର୍ବତନ ବିଧାୟକ ତଥା ବିଜେପିର ବରିଷ୍ଠ ନେତା ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଓଡ଼ିଶାର ହାତକତା, ହସ୍ତଶିଳ୍ପ ଓ ପାରମ୍ପରିକ ପୋଷାକର ଐତିହ୍ୟକୁ ସୁନ୍ଦର ଭାବେ ପ୍ରଦର୍ଶନ କରାଯାଇଥିଲା।

## ବାଇକ୍-କଣ୍ଟେନର ମୁହାଁମୁହିଁ ଧକ୍କା: ୩ ମୃତ

### ଜଳିଗଲା ବାଇକ୍ ଓ କଣ୍ଟେନର

ଜମନକିରା, ୯।୩ (ସଂଚାର ବ୍ୟୁରୋ) : ସମ୍ବଲପୁର ଜିଲ୍ଲା ଜମନକିରା ଥାନା ବଡରମା ପଞ୍ଚାୟତ ଡିମିରିମୁଣ୍ଡା ଛକ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା । ଏନଏଚ୍ ୫୩ରେ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଛି । ଏହାସହିତ କଣ୍ଟେନରରେ ମଧ୍ୟ ନିଆଁ ଲାଗିଯାଇଛି । ସୂଚନା ଅନୁସାରେ, ବାଇକରେ ଯାଉଥିବା ୩ ଜଣ ଏକ ବିପରୀତ ଦିଗରୁ ଆସୁଥିବା ଏକ କଣ୍ଟେନର ସହ ମୁହାମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣା ସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଯାଇଛି। ଦୁର୍ଘଟଣା ହେବା ଫଳରେ ବାଇକ ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ କଣ୍ଟେନର ଗାଡ଼ିର ସମ୍ମୁଖ କେବିନ୍ ମଧ୍ୟ ଜଳି ଯାଇଛି । ପୋଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଓ ନିଆଁକୁ ଆୟତ୍ତ କରାଯାଇଥିଲା



## ୩୨,୯୩୨ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ

ଅପରେସନ ସାଇବର କବଚ



ଭୁବନେଶ୍ୱର, ୯।୩ (ସଂଚାର ବ୍ୟୁରୋ) : ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ବିଶେଷ ଅଭିଯାନ 'ଅପରେସନ ସାଇବର କବଚ' ସମଗ୍ର ରାଜ୍ୟରେ ଜାରି ରହିଛି। ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶରେ ଜିଲ୍ଲା ଏସପି ଓ ଡିସିପିମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ ୟୁନିଟ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି ଅଭିଯାନରେ ସାଇବର ଠକେଇରେ ବ୍ୟବହୃତ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଏବଂ ଏଥିରେ ସମ୍ପୃକ୍ତ ସହାୟକମାନଙ୍କୁ ଚିହ୍ନଟ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

ଏପର୍ଯ୍ୟନ୍ତ 'ଅପରେସନ ସାଇବର କବଚ' ଅନ୍ତର୍ଗତ ସମଗ୍ର ରାଜ୍ୟରେ ମୋଟ ୩୨,୯୩୨ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି। ଏହାସହ ମ୍ୟୁଲ୍ ବ୍ୟାଙ୍କ ସମ୍ପର୍କିତ ୧୦୯୬ଟି ସାଇବର ମାମଲା, ଏଟିଏମ୍ ମାଧ୍ୟମରେ ଟଙ୍କା ଉଠାଣ ସମ୍ପର୍କିତ ୩୪ଟି ମାମଲା, ଚେକ୍ ମାଧ୍ୟମରେ ଟଙ୍କା ଉଠାଣ ସମ୍ପର୍କିତ ୩୬ଟି ମାମଲା ଏବଂ ନକଲି ସିମ ସମ୍ପର୍କିତ ୨୩ଟି ମାମଲା ରୁଜୁ ହୋଇଛି। ଏପର୍ଯ୍ୟନ୍ତ ୩୩୧ଜଣ ଅଭିଯୁକ୍ତଙ୍କୁ ଗିରଫ




କରାଯାଇଥିବା ବେଳେ ୧୮୫ଟି ପୁରୁଣା ଏଫଆଇଆର ସହ ସଂପୃକ୍ତ ୬୭୨୩ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ଆଇନଗତ ନୋଟିସ ଜାରି କରାଯାଇଛି।

ଏହି ଅଭିଯାନରେ ପୁରୀ ଜିଲ୍ଲା ପୋଲିସ ଗୋଟିଏ ବେନାମୀ ଆକାଉଣ୍ଟ ଯାଞ୍ଚ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୁନ୍ଦରଗଡ଼ ଜିଲ୍ଲା ପୋଲିସ ୧୯ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ଜଣଙ୍କୁ ଆଇନଗତ ନୋଟିସ ଜାରି କରିଛି। ଝାରସୁଗୁଡ଼ା ଜିଲ୍ଲା ପୋଲିସ ଗୋଟିଏ ମାମଲା ରୁଜୁ କରି ୨ଜଣଙ୍କୁ ନୋଟିସ କରିଛି। ରାଉରକେଲା ଜିଲ୍ଲା ପୋଲିସ ୧୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ଚେକ ମାଧ୍ୟମରେ ଟଙ୍କା ଉଠାଣ ସମ୍ପର୍କିତ ଗୋଟିଏ ମାମଲା ରୁଜୁ କରି ଜଣଙ୍କୁ ନୋଟିସ ଜାରି କରିଛି। କଟକ ଜିଲ୍ଲା ପୋଲିସ ୮ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛି। ନୟାଗଡ଼ ଜିଲ୍ଲା ପୋଲିସ ୨୩୮ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧୪ଜଣଙ୍କୁ ନୋଟିସ୍ କରିଛି। ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ୪୨ଟି, ବାଲେଶ୍ୱର ଜିଲ୍ଲା ପୋଲିସ ୪୧ଟି ଏବଂ ଭଦ୍ରକ ଜିଲ୍ଲା ପୋଲିସ ୬୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ପୋଲିସ ୧୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧୧ଜଣଙ୍କୁ ନୋଟିସ କରିଛି।

ସେହିପରି ବ୍ରହ୍ମପୁର ଜିଲ୍ଲା ପୋଲିସ ୮ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨୮ଜଣଙ୍କୁ ନୋଟିସ୍ କରିଛି। ବୌଦ୍ଧ ଜିଲ୍ଲା ପୋଲିସ ୩ଟି ଏବଂ କନ୍ଧମାଳ ଜିଲ୍ଲା ପୋଲିସ ୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ପ୍ରତ୍ୟେକରେ ୩ଜଣଙ୍କୁ ନୋଟିସ୍ କରିଛି। କଳାହାଣ୍ଡି ଜିଲ୍ଲା ପୋଲିସ ୮୯ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧୮ଜଣଙ୍କୁ ନୋଟିସ୍ କରିଛି। କୋରାପୁଟ ଜିଲ୍ଲା ପୋଲିସ ୭୭ଟି, ମାଲକାନଗିରି ଜିଲ୍ଲା ପୋଲିସ ୩ଟି ଏବଂ ନୂଆପଡ଼ା ଜିଲ୍ଲା ପୋଲିସ ୬୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛନ୍ତି।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ମଙ୍ଗଳବାର ୧୦ ଫେବୃଆରୀ ୨୦୨୬, ଭୁବନେଶ୍ୱର
Tuesday 10 February 2026, Bhubaneswar

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ତୃତୀୟ ବିଶ୍ୱଯୁଦ୍ଧର ବିପଦ

ଆଜିର ବିଶ୍ୱ ଏକ ବିସ୍ଫୋରକ ପାହାଡ ଉପରେ ଠିଆ ହୋଇଛି। ବୃହତ ରାଷ୍ଟ୍ରର ନେତାମାନଙ୍କର ଅହଂକାର, ଅସ୍ତ୍ରଶସ୍ତ୍ର ଯୁଦ୍ଧର ଧମକ ଏବଂ ଅର୍ଥନୈତିକ ଅସ୍ଥିରତା ଯୋଡ଼ି ହୋଇ ତୃତୀୟ ବିଶ୍ୱଯୁଦ୍ଧର ଛାୟା ବିଶ୍ୱବ୍ୟାପୀ ଘନୀଭୂତ ହେଉଛି। ଦ୍ୱିତୀୟ ମହାଯୁଦ୍ଧର ଭୟଙ୍କର ସ୍ମୃତି ଏବେ ମଧ ବିଶ୍ୱକୁ ଚିନ୍ତାରେ ରଖିଛି, କିନ୍ତୁ ଆଧୁନିକ ଯୁଗରେ ନ୍ୟୁକ୍ଲିୟର ଅସ୍ତ୍ରର ଅସ୍ତିତ୍ୱ ଏହାକୁ ଅନେକଗୁଣ ଭୟଙ୍କର କରିଛି। ଯଦି ଆମେ ଏହାକୁ ଅବହେଳା କଲୁ, ତେବେ ସମ୍ପୂର୍ଣ୍ଣ ମାନବଜାତିର ଅସ୍ତିତ୍ୱ କଷ୍ଟରେ ପଡ଼ିପାରେ।


ପ୍ରଥମେ, ଭୂ-ରାଜନୈତିକ ସଂଘର୍ଷଗୁଡ଼ିକୁ ଦେଖନ୍ତୁ। ରୁସ-ୟୁକ୍ରେନ୍ ଯୁଦ୍ଧ ଏକ ଉଦାହରଣ, ଯେଉଁଥିରେ ନାଟୋର ହସ୍ତକ୍ଷେପ ଏବଂ ପୁଟିନଙ୍କର ଆକ୍ରମଣାତ୍ମକ କାର୍ଯ୍ୟ ବିଶ୍ୱକୁ ଏକ ପୂର୍ବ-ଯୁଦ୍ଧୀୟ ଅବସ୍ଥାକୁ ନେଇଛି। ମଧ୍ୟପ୍ରାଚ୍ୟରେ ଇସ୍ରାଏଲ-ହାମାସ ସଂଘର୍ଷ ଇରାନ୍ ଓ ହିଜବୁଲ୍ଲାଙ୍କ ସହ ଯୋଡ଼ା ହୋଇ ଏକ ବଡ଼ ଯୁଦ୍ଧରେ ପରିଣତ ହେବାର ସମ୍ଭାବନା ସୃଷ୍ଟି କରିଛି। ଏହା ସହ ଚୀନର ତାଇୱାନ୍ ଉପରେ ଦାବି ଏବଂ ଦକ୍ଷିଣ ଚୀନ ସମୁଦ୍ରରେ ନୌସେନାର ଅଭ୍ୟାସ — ଏହାସବୁ ଏକ ଚେନ୍ ରିଆକ୍ସନ୍ ସୃଷ୍ଟି କରୁଛି, ଯେଉଁଥିରେ ଆମେରିକା, ରାଷ୍ଟ୍ରସଂଘ ଏବଂ ଇଉରୋପୀୟ ଦେଶମାନଙ୍କର ସ୍ଥାନ ନିର୍ଦ୍ଧାରଣ କରିବା କଷ୍ଟକର। ଏହି ସଂଘର୍ଷଗୁଡ଼ିକ କେବଳ ସୀମାନ୍ତ ବିବାଦରେ ସୀମିତ ନୁହନ୍ତି; ଏହା ଅର୍ଥନୈତିକ ସଂକଟ, ସାଇବର୍ ଆକ୍ରମଣ ଏବଂ ପ୍ରୋକ୍ସି ଯୁଦ୍ଧକୁ ଆହ୍ୱାନ କରୁଛି।



ଦ୍ୱିତୀୟତଃ, ନ୍ୟୁକ୍ଲିୟର ବିସ୍ଫୋରଣର ବିପଦ। ଏନପିଟି ଚୁକ୍ତି ବିଫଳ ହେଉଛି, କାରଣ ଉତ୍ତର କୋରିଆ, ଇରାନ୍ ଏବଂ ଇସ୍ରାଏଲ୍ ଭଳି ଦେଶମାନଙ୍କର ଗୁପ୍ତ ଯୋଜନା ବିଶ୍ୱକୁ ଅସ୍ଥିର କରୁଛି। ରାଷ୍ଟ୍ରସଂଘର ସୁରକ୍ଷାମଣ୍ଡଳୀରେ ଭେଟୋ ଅଧିକାରର ଦୁର୍ବଳତା କୁଆଣ୍ଟମ୍ ଅସ୍ତ୍ରକୁ ନିୟନ୍ତ୍ରଣରେ ରଖିବାରେ ଅପରାଧୀ। ଯଦି ଗୋଟିଏ ଛୋଟ ସଂଘର୍ଷ ନ୍ୟୁକ୍ଲିୟର ଆକ୍ରମଣରେ ପରିଣତ ହୁଏ, ତେବେ ଏହାର ପରିଣାମ ଅକଳ୍ପନୀୟ — କୋଟିକୋଟି ପ୍ରାଣୀମାନଙ୍କର ମୃତ୍ୟୁ, ପରିବେଶଗତ ଧ୍ୱଂସ ଏବଂ ଆର୍ଥିକ ବିପର୍ଯ୍ୟୟ। ବୈଜ୍ଞାନିକମାନଙ୍କ ଅନୁମାନ ଅନୁଯାୟୀ, ଏକ ପୂର୍ଣ୍ଣାଙ୍ଗ ନ୍ୟୁକ୍ଲିୟର ଯୁଦ୍ଧ ବିଶ୍ୱ ଜନସଂଖ୍ୟାର ୫୦ ପ୍ରତିଶତ ଧ୍ୱଂସ କରିପାରେ।

ତୃତୀୟତଃ, ଜଳବାୟୁ ପରିବର୍ତ୍ତନ ଏବଂ ସମ୍ପଦର ଅଭାବ ଏହି ବିପଦକୁ ବଢ଼ାଉଛି। ପାଣି, ଖାଦ୍ୟ ଏବଂ ଇନ୍ଧନର ପ୍ରତିଯୋଗିତା ଦେଶମାନଙ୍କୁ ସଂଘର୍ଷକୁ ଆକର୍ଷିତ କରୁଛି। ଆଫ୍ରିକାର ସଂଘର୍ଷଗୁଡ଼ିକ ଏହାର ଉଦାହରଣ, ଯେଉଁଥିରେ ପ୍ରକ୍ଷେପଣ ସଂଘବଦ୍ଧତା ବିଶ୍ୱଯୁଦ୍ଧରେ ପରିଣତ ହେବାର ଭୟ ରହିଛି।

ଏହି ବିପଦ କେବଳ ଏକ ପୂର୍ବାନୁମାନ ନୁହେଁ; ଏହା ଏକ ବାସ୍ତବତା। ତେଣୁ, ବୃହତ ରାଷ୍ଟ୍ର ସହ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ରଗୁଡିକ କଣ କରିବା ଉଚିତ ସେନେଇ ମାନସମନ୍ଥନ ହେବା ଉଚିତ। ପ୍ରଥମେ, କୂଟନୀତିକୁ ପ୍ରାଧାନ୍ୟ ଦେବା। ଭାରତ ଭଳି ଦେଶମାନଙ୍କୁ ସେତେବେଳେ ମଧ୍ୟସ୍ଥତାରେ ଆଗେଇ ଆସିବାର ଆବଶ୍ୟକତା ରହିଛି। ଦ୍ୱିତୀୟତଃ, ନ୍ୟୁକ୍ଲିୟର ବିନାଶ ଉପରେ ଆନ୍ତର୍ଜାତୀୟ ଚାପ। ତୃତୀୟତଃ, ଯୁବପିଢ଼ିକୁ ଶାନ୍ତିବାଦୀ ଶିକ୍ଷା ଦେବା। ସରକାର, ସମାଜ ଏବଂ ବ୍ୟକ୍ତିମାନଙ୍କୁ ଏକତ୍ରିତ ହୋଇ ଏହି ବିପଦକୁ ଟାଳିବା ପାଇଁ ଉଦ୍ୟମ କରିବା ଆବଶ୍ୟକ। ଶେଷରେ, ତୃତୀୟ ବିଶ୍ୱଯୁଦ୍ଧର ବିପଦ ବର୍ତ୍ତମାନ ଆଉ ସ୍ୱପ୍ନ ହୋଇ ରହିନାହିଁ। ବର୍ତ୍ତମାନର ସ୍ଥିତି ସବୁ ରାଷ୍ଟ୍ର ପାଇଁ ସତର୍କ ଘଣ୍ଟି ସଦୃଶ। ଏବେଠୁ ବିଶ୍ୱସମୂହ ଏକାଠି ହେଲେ ଏକ ସୁରକ୍ଷିତ ବିଶ୍ୱ ନିର୍ମାଣ ସମ୍ଭବପର। ନହେଲେ, ଇତିହାସ ଆମକୁ କ୍ଷମା କରିବ ନାହିଁ।



# ଚୈତ୍ର ମଙ୍ଗଳବାର ଓଷା

**ସନ୍ତୋଷ କୁମାର ଦାଶ**



ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରା ରେ ବାର ମାସରେ ପାଳିତ ହୋଇ ଥାଏ ତେର ପର୍ବ ପର୍ବାଣୀ। ହିନ୍ଦୁ ପଞ୍ଜାଙ୍ଗର ପ୍ରଥମ ମାସ ଚୈତ୍ର ମାସ ଅଟେ। ଯାହାକି ଫାଲଗୁନ ମାସ ପୂର୍ଣ୍ଣମୀ ପରଦିନ ଠାରୁ ଆରମ୍ଭ ହୋଇଛି। ଏହି ମାସରେ ଶିତଳା ସପ୍ତମୀ, ଅଷ୍ଟମୀ, ରାମ ନବମୀ, ଚୈତ୍ର ନବରାତ୍ରୀ ଇତ୍ୟାଦି ପାଳିତ ହୋଇଥାଏ। ଏଥିସହିତ ପାଳିତ ହୁଏ ଚୈତ୍ର ମଙ୍ଗଳବାର ଓଷା। ଚୈତ୍ର ମାସର ୫ ପାଳି ମଙ୍ଗଳବାର ଓଷାକୁ ବ୍ରତଧାରୀମାନେ ନିଷ୍ଠାର ସହ ପାଳନ କରିଥାନ୍ତି। ଚୈତ୍ର ମଙ୍ଗଳବାର ଓଷା ଚୈତ୍ର ମାସର ପ୍ରତ୍ୟେକ ମଙ୍ଗଳବାର ଦିନ ପାଳିତ ହୁଏ। ବିଶେଷ କରି ପୁରୀ ଜିଲାର କାକଟପୁର ମଙ୍ଗଳା ଏବଂ ବ୍ରହ୍ମପୁର ର ତାରାତାରିଣୀ ପୀଠରେ ଏହି ଓଷା ବହୁ ଆଡମ୍ବର ସହକାରେ ପାଳିତ ହୋଇଥାଏ। ମଙ୍ଗଳବାର ପ୍ରଥମ ପାଳିରେ କାକଟପୁର ର ମା' ମଙ୍ଗଳା ଙ୍କ ମନ୍ଦିର ରେ ନେତୋତ୍ସବ ବିଧାନ ପାଳିତ ହେଉଥିବାବେଳେ ମା ଙ୍କ ଦିକ୍ଷୀତ ପୂଜକ ମାନେ ଫୁଲ ରେ ସୁସଜ୍ଜିତ ଥାଳିରେ ଧ୍ୱଜାର ବେଢ଼ା ପରିକ୍ରମା କରାଇବା ପରେ ମନ୍ଦିର ଚୂଡ଼ାରେ ଉକ୍ତ ଧ୍ୱଜାକୁ ବାନ୍ଧିଥାନ୍ତି। ଆଖ ପାଖ ଅଞ୍ଚଳର ବେହେରା ମାନେ ନିଜ ନିଜ ଚିରାଟ ଧରି ମନ୍ଦିର ରେ ପହଞ୍ଚି ଉଗାଳ ଗାଇ ଗାଇ ମନ୍ଦିର ବେଢ଼ା ପରିକ୍ରମା କରିଥାନ୍ତି। ଜଗତସିଂହପୁର ଅଞ୍ଚଳ ର ରାଉଳ ସେବକ ମାନେ ପୁଣ୍ୟତୋୟା ପ୍ରାଚୀ ନଦୀ ର ଘଣ୍ଟ ତୋଳା ତୁଠ ରୁ ପାଣି ତୋଳି, ନିଜ ଘଟ କୁ ପୂଜା କରି ମୁଣ୍ଡ ରେ ମୁଣ୍ଡାଇ ଆସି ମନ୍ଦିର ବେଢ଼ା ରେ ଘଟନୃତ୍ୟ ( ଘଣ୍ଟ ପାଟୁଆ ନୃତ୍ୟ) ପରିବେଷଣ କରିଥାନ୍ତି। ବ୍ରହ୍ମପୁର ର ତାରାତାରିଣୀ ପୀଠରେ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାର ଶ୍ରଦ୍ଧାଳୁ ମାନଙ୍କ ଭିଡ଼ ଦେଖିବାକୁ ମିଳେ। ଶ୍ରଦ୍ଧାଳୁ ମାନେ ନିଜ ସ୍ୱାମୀ ଓ ସନ୍ତାନ ମାନଙ୍କ ମଙ୍ଗଳ କାମନା କରି ଭକ୍ତି ଓ ନିଷ୍ଠାର ସହିତ ଚୈତ୍ର ମଙ୍ଗଳବାର ଓଷା ପାଳନ କରିଥାନ୍ତି। ରାଜ୍ୟ ର ଉପକୂଳ ଅଞ୍ଚଳରେ ସଧବା ନାରୀ ମାନେ ଗାଁ ଦାଣ୍ଡ ରେ ପଞ୍ଚେଇ ଖୋଳି ତା ମଧ୍ଯ ରେ ହଳଦୀ ପାଣି ଢ଼ାଳି ମା ମଙ୍ଗଳା ଙ୍କ ନାମ ରେ ଗୁଆ ବସାଇ ପୂଜା କରିଥାନ୍ତି। ଏହି ପଞ୍ଚେଇ ପୂଜା ପଞ୍ଚମ ମଙ୍ଗଳବାର ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର ଅନୁଷ୍ଠିତ ହୋଇଥାଏ। କିମ୍ବଦନ୍ତୀ ଅନୁସାରେ ଚଇତି ହାଡ଼ିଆଣୀ ଚୈତ୍ର ମାସର ପ୍ରତି ମଙ୍ଗଳବାର ଦିନ ଘରଦ୍ୱାର ଲିପାପୋଛା କରି ଝୋଟି ପକାଏ। ବିଭିନ୍ନ ପ୍ରକାର ଫଳ, ଫୁଲ, ଭୋଗରେ ମଙ୍ଗଳାଙ୍କୁ ପୂଜା କରେ।ଦିନେ ରାଜନବର ଓଳାଇବାକୁ ଯାଇଥିଲା। ସକାଳୁ ରାଜାଙ୍କ ମୁହଁକୁ ଦେଖି ଅଶୁଭ ହେବ ବୋଲି ଚଇତି ହାଡ଼ିଆଣି ଆଶଙ୍କା କରିଛି, କାରଣ ରାଜା ହେଉଛନ୍ତି ଅପୁତ୍ରିକା ଆଉ ନିଜକୁ ସଂଯତ କରି ନପାରି ରାଜାଙ୍କୁ ଆଣ୍ଟୁକୁଡ଼ା କହିଦେଇଛି। ଫଳରେ ରାଜା ଏହି କଥାରେ ଭୀଷଣ ରାଗିଯାଇ ଚଇତି ହାଡ଼ିଆଣିର ସାତପୁଅକୁ ଢିଙ୍କିରେ କୁଟାଇ କାଳୁଆ ଗଡ଼ରେ ଭସାଇ ଦେବାକୁ ଆଦେଶ ଦେଇଛନ୍ତି। ପୁତ୍ରମାନଙ୍କୁ ହରାଇଥିଲେ ମଧ୍ୟ ଦୁଃଖରେ ଭାଙ୍ଗି ନପଡ଼ି ଚଇତି ମା ମଙ୍ଗଳାଙ୍କୁ ଭକ୍ତି ଓ ନିଷ୍ଠାର ସହିତ ପୂଜା କରିଛି। ଦୁବ ପ୍ରସାଦ ମା' ମଙ୍ଗଳାଙ୍କୁ ସ୍ମରଣ କରି କାଳୁଆ ଗଡ଼ରେ ପକାଇଲା। ମା'ଙ୍କ କୃପାରୁ ସବୁ ପୁଅ ବଞ୍ଚି ଉଠିଛନ୍ତି। ରାଜା ଏ କଥା ଜାଣି ଚଇତି ହାଡ଼ିଆଣୀ ଠାରୁ ଚଇତି ମଙ୍ଗଳବାର ଓଷା ର ମହିମା ସମ୍ପର୍କ ରେ ପଚାରି ବୁଝିଛନ୍ତି। ତାଙ୍କର ଅନେଶତ ରାଣୀ ମଙ୍ଗଳା ଓଷା ବିଧି ଅନୁସାରେ କରିଛନ୍ତି ଓ ପୁତ୍ରବତୀ ହୋଇଛନ୍ତି। ତଦନୁସାରେ ମହିଳା ମାନେ ଚୈତ୍ର ମାସ ର ପ୍ରତ୍ୟେକ ମଙ୍ଗଳବାର ଚୈତ୍ର ମଙ୍ଗଳ ବାର ଓଷା ଭକ୍ତି ଓ ନିଷ୍ଠାର ସହିତ କରି ଆସୁଛନ୍ତି। ଜୟ ମା ମଙ୍ଗଳା। ଜୟ ମା ତାରା ତାରିଣୀ।।

ତୁଳସୀପୁର, ପୁରୀ
ମୋବାଇଲ୍:୯୪୩୯୩୬୧୮୮

# ନାରୀ ଶକ୍ତି:ସଂଘର୍ଷରୁ ସଫଳତା, ସମ୍ମାନରୁ ସମାନତା



**ଅଖିଳ ତରାଇ**

ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ ଆମେ ଆନ୍ତର୍ଜାତିକ ମହିଳା ଦିବସ ଭାବେ ପାଳନ କରୁ। ଏହି ଦିବସଟି କେବଳ ଉତ୍ସବ ପାଳନ ପାଇଁ ନୁହେଁ, ବରଂ ନାରୀର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଏବଂ ରାଜନୈତିକ ସଫଳତାକୁ ସ୍ୱୀକୃତି ଦେବାର ଏକ ମାଧ୍ୟମ। ନାରୀ ହେଉଛି ସୃଷ୍ଟିର ଆଧାରଶିଳା। ତା' ବିନା ସମାଜର କଳ୍ପନା ଅସମ୍ଭବ। କିନ୍ତୁ ଆଜିର ଆଧୁନିକ ଯୁଗରେ ମହିଳାମାନେ ଯେଉଁ ସ୍ଥିତିରେ ଅଛନ୍ତି, ତାହା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରେ। ଗୋଟିଏ ପଟେ ଆମେ ନାରୀ ସଶକ୍ତିକରଣର ନାରା ଦେଉଛୁ, ଅନ୍ୟପଟେ ବାସ୍ତବ ଜୀବନର କଠୋର ସଂଘର୍ଷରେ ନାରୀ ଆଜି ବି ଅବହେଳିତ।

କ୍ଷେତରୁ କର୍ମକ୍ଷେତ୍ର ନାରୀର ସଂଘର୍ଷ କୌଣସି ନିର୍ଦ୍ଦିଷ୍ଟ ଶ୍ରେଣୀ ମଧ୍ୟରେ ସୀମିତ ନୁହେଁ। ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ସେ ସବୁଠି ସଂଗ୍ରାମ କରୁଛି। ଗ୍ରାମୀଣ ଅର୍ଥନୀତିରେ ମହିଳାଙ୍କ ଅବଦାନ ଅତୁଳନୀୟ। ସକାଳ ନ ହେଉଣୁ ନିଜ ପରିବାର ଚଳାଇବା ପାଇଁ ସେ ହାତରେ ମାଛ ଟୋକେଇ ଧରି କିମ୍ବା ପନିପରିବା ଧରି ଗାଁ ଗାଁ ବୁଲି ବିକ୍ରି କରେ। ଖରା, ବର୍ଷା, ଶୀତ କୌଣସିଟି ତା'ର ଗତିକୁ ଅଟକାଇ ପାରେନାହିଁ। ଜାନୀ ଯାତ୍ରା କିମ୍ବା ପର୍ବପର୍ବାଣୀ ସମୟରେ ଯେତେବେଳେ ସମସ୍ତେ ମଜା କରୁଥାନ୍ତି, ସେତେବେଳେ ଏହି ମହିଳାମାନେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଦୂରଦୂରାନ୍ତର ଯାଏଁ ଯାଇ କଣ୍ଠିମାଳ, ଚୁଡ଼ି ବା ଖେଳନା ବିକ୍ରି କରିଥାନ୍ତି। ତାଙ୍କ ମୁହଁରେ ଥିବା ବଳିରେଖା ତାଙ୍କ ବୟସର କ୍ଳାନ୍ତିକୁ ପ୍ରତିଫଳିତ କରେ ସତ, କିନ୍ତୁ ପରିବାର ପ୍ରତି ଥିବା ମମତା ତାଙ୍କୁ କେବେ ହାରିବାକୁ ଦିଏନାହିଁ।

ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀର ସଫଳତା ଆମ ସମାଜ ପାରମ୍ପରିକ ଭାବେ ପୁରୁଷ ପ୍ରାଧାନ୍ୟ ହୋଇଥିଲେ ମଧ୍ୟ ନାରୀ ଆଜି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଆଜିର ଭାରତରେ ନାରୀ କେବଳ ଘରକୋଣରେ ସୀମିତ ନୁହେଁ। ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ରାଷ୍ଟ୍ରପତି ଭବନରେ ଆଜି ଜଣେ ମହିଳା (ମହାମହିମ ଦ୍ରୌପଦୀ ମୁର୍ମୁ) ଅଧିଷ୍ଠିତ। ଦେଶର ଅର୍ଥନୀତିକୁ ପରିଚାଳନା କରୁଥିବା ଅର୍ଥମନ୍ତ୍ରୀ (ନିର୍ମଳା ସୀତାରମଣ) ମଧ୍ୟ ଜଣେ ମହିଳା। ଏହା ପ୍ରମାଣ କରେ ଯେ ନାରୀ ପାଖରେ ନିଷ୍ପତ୍ତି ନେବାର ଏବଂ ନେତୃତ୍ୱ ନେବାର ଅସୀମ କ୍ଷମତା ରହିଛି। ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଏବଂ ରାଜନୀତି- ପ୍ରତିଟି କ୍ଷେତ୍ରରେ ମହିଳାମାନେ ନିଜର ସ୍ୱାକ୍ଷର ରଖିଛନ୍ତି। ପୂର୍ବ ଅପେକ୍ଷା ସମାଜରେ ନାରୀ ପ୍ରତି ଥିବା ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆସିଛି ଏବଂ ସେମାନଙ୍କୁ ଅଧିକ ସମ୍ମାନ ମିଳୁଛି।

ଏକ ଅଦୃଶ୍ୟ ଶ୍ରମ ଜଣେ କର୍ମଜୀବୀ ମହିଳାଙ୍କ ଜୀବନ ଏକ କସରତ ଭଳି। ସେ ସକାଳୁ ଉଠି ଘରର ସବୁ କାମ ସାରେ, ରୋଷେଇ କରେ, ପିଲାଙ୍କୁ ପଢ଼ାଏ ଏବଂ ତା'ପରେ ନିଜ ଅଫିସ ବା କାର୍ଯ୍ୟସ୍ଥଳକୁ ଯାଏ। ଅଫିସରୁ ଫେରିବା ପରେ ମଧ୍ୟ ତା'ର ବିଶ୍ରାମ ନଥାଏ। ରାତିର ଖାଦ୍ୟ ପ୍ରସ୍ତୁତି ଠାରୁ ଆରମ୍ଭ କରି ପରଦିନର ପ୍ରସ୍ତୁତି ପର୍ଯ୍ୟନ୍ତ ସେ ସବୁଥିରେ ବ୍ୟସ୍ତ ରହେ। ଏହି ସବୁ କାମକୁ ଅନେକ ସମୟରେ 'ଗୃହିଣୀ କାମ' କହି ସାମାନ୍ୟ କରାଯାଏ, କିନ୍ତୁ ଏହି ଅଦୃଶ୍ୟ ଶ୍ରମ ବିନା ଗୋଟିଏ ସୁସ୍ଥ ପରିବାର ଗଢ଼ିବା ସମ୍ଭବ ନୁହେଁ। ଚାକିରି ଏବଂ ପରିବାର ମଧ୍ୟରେ ସନ୍ତୁଳନ ରକ୍ଷା କରିବାରେ ନାରୀ ସବୁବେଳେ ସିଦ୍ଧହସ୍ତ। ଆଇନର ସୁରକ୍ଷା ଓ ଦୁରୁପଯୋଗ: ଏକ ଜଟିଳ ସତ୍ୟ ନାରୀମାନଙ୍କୁ ସାମାଜିକ ଓ ପାରିବାରିକ ନିର୍ଯ୍ୟାତନାରୁ ରକ୍ଷା କରିବା ପାଇଁ ଭାରତୀୟ ସମ୍ବିଧାନରେ ସ୍ୱତନ୍ତ୍ର ଆଇନ ରହିଛି। ଘରୋଇ ହିଂସା ରୋଧ ଆଇନ, ଯୌତୁକ ନିରୋଧ ଆଇନ ଏବଂ କର୍ମକ୍ଷେତ୍ରରେ ଯୌନ ନିର୍ଯ୍ୟାତନା ବିରୋଧରେ କଡ଼ା ନିୟମ ରହିଛି। ଏହି ଆଇନଗୁଡ଼ିକ ଅସହାୟ ନାରୀଙ୍କ ପାଇଁ ଏକ ବଡ଼ ସାହାରା। କିନ୍ତୁ ସବୁ ଶକ୍ତିର ଏକ ନକାରାତ୍ମକ ଦିଗ ମଧ୍ୟ ଥାଏ।



ବର୍ତ୍ତମାନ ସମୟରେ ଦେଖାଯାଉଛି ଯେ, କିଛି ମହିଳା ନିଜର ସ୍ୱାର୍ଥ ସିଦ୍ଧି ପାଇଁ କିମ୍ବା ପ୍ରତିଶୋଧ ପରାୟଣ ହୋଇ ଆଇନର ଆଶ୍ରୟ ନେଇ ନିର୍ଦ୍ଦୋଷ ପୁରୁଷଙ୍କୁ ହଇରାଣ କରୁଛନ୍ତି। ମିଥ୍ୟା ଅଭିଯୋଗ ଆଧାରରେ ପରିବାରକୁ ଭାଙ୍ଗିଦେବା କିମ୍ବା ପୁରୁଷମାନଙ୍କୁ ସାମାଜିକ ଭାବେ ଅପମାନିତ କରିବା ଭଳି ଘଟଣା ବଢ଼ିବାରେ ଲାଗିଛି। ଏହା କେବଳ ସେହି ପୁରୁଷଙ୍କ ପାଇଁ କ୍ଷତିକାରକ ନୁହେଁ, ବରଂ ଏହା ଦ୍ୱାରା ସେହି ପ୍ରକୃତ ପୀଡ଼ିତା ମହିଳାମାନଙ୍କର ବିଶ୍ୱସନୀୟତା ହ୍ରାସ ପାଉଛି, ଯେଉଁମାନେ ପ୍ରକୃତରେ ସାହାଯ୍ୟ ଆବଶ୍ୟକ କରନ୍ତି। ଆଇନ ହେଉଛି ନ୍ୟାୟ ପାଇଁ, ପ୍ରତିଶୋଧ ପାଇଁ ନୁହେଁ— ଏହି ବାର୍ତ୍ତା ସବୁ ମହଲରେ ପହଞ୍ଚିବା ଜରୁରୀ। ଟକ୍ସିକ ଫେମିନିଜିମ୍ ର ଭୟାବହତା 'ଫେମିନିଜିମ୍' ବା ନାରୀବାଦର ପ୍ରକୃତ ଅର୍ଥ ହେଉଛି ସମାନ ଅଧିକାର ଓ ସମାନ ସମ୍ମାନ। କିନ୍ତୁ ଆଜିକାଲି 'ଟକ୍ସିକ ଫେମିନିଜିମ୍' ନାମକ ଏକ ବିକୃତ ଧାରା ସମାଜକୁ ପ୍ରଭାବିତ କରୁଛି। ଏହି ଚିନ୍ତାଧାରାରେ ବିଶ୍ୱାସ କରୁଥିବା ବ୍ୟକ୍ତିମାନେ ନାରୀର ସଶକ୍ତିକରଣ ଅପେକ୍ଷା ପୁରୁଷ ଜାତିକୁ ନିନ୍ଦିତ କରିବାରେ ଅଧିକ ଆନନ୍ଦ ପାଆନ୍ତି। ଉଗ୍ର ନାରୀବାଦ ଯୋଗୁଁ ସମାଜରେ ପୁରୁଷ ଓ ନାରୀଙ୍କ ମଧ୍ୟରେ ଥିବା ସହଯୋଗ ଓ ସୌହାର୍ଦ୍ଦ୍ୟର ସମ୍ପର୍କ ତିକ୍ତ ହେବାରେ ଲାଗିଛି। ଜଣେ ନାରୀ ସଶକ୍ତ ହେବାର ଅର୍ଥ ନୁହେଁ ଯେ ସେ ପୁରୁଷକୁ ତଳକୁ ଦେଖାଇବ। ପ୍ରକୃତ ସଶକ୍ତିକରଣ ହେଉଛି ଯେଉଁଠି ପୁରୁଷ ଓ ନାରୀ ପରସ୍ପରର ସହଯୋଗୀ ହୋଇ ଗୋଟିଏ ସୁନ୍ଦର ସମାଜ ଗଠନ କରିବେ। ଯେତେବେଳେ ନାରୀ ନିଜକୁ 'ଶ୍ରେଷ୍ଠ' ଏବଂ ପୁରୁଷକୁ 'ଶତ୍ରୁ' ଭାବେ ଗ୍ରହଣ କରେ, ସେତେବେଳେ ସାମାଜିକ ସନ୍ତୁଳନ ବିଗିଡ଼ିଯାଏ। ଏହି କାରଣରୁ ଅନେକ ସମୟରେ ପୁରୁଷମାନେ ମାନସିକ ଚାପ ଓ ନିର୍ଯ୍ୟାତନାର ଶିକାର ହୋଇଥାନ୍ତି। ଅସନ୍ତୁଳନ ଓ ସମାଧାନର ପନ୍ଥା ଆଜି ବି ଅନେକ କ୍ଷେତ୍ରରେ ନାରୀକୁ ନିଜର ଅଧିକାର ପାଇଁ ଲଢ଼ିବାକୁ ପଡୁଛି। କର୍ମକ୍ଷେତ୍ରରେ ସମାନ କାମ ପାଇଁ ସମାନ ମଜୁରୀ ନ ମିଳିବା, କିମ୍ବା ରାତି ଅଧରେ ବାହାରେ ଯିବାବେଳେ ସୁରକ୍ଷାକୁ ନେଇ ଭୟ ରହିବା— ଏହି ସବୁ ସମସ୍ୟା ଏବେ ବି ଜାରି ରହିଛି।

ଅନ୍ୟପଟେ, ନାରୀ ପ୍ରତି ହେଉଥିବା ହଇରାଣକୁ ରୋକିବା ସହ ପୁରୁଷ ପ୍ରତି ହେଉଥିବା ଅନ୍ୟାୟକୁ ମଧ୍ୟ ରୋକିବା ଆବଶ୍ୟକ। ଆମକୁ ବିଭିନ୍ନ ଦିଗ ପ୍ରତି ଧ୍ୟାନ ଦେବାକୁ ହେବ। ଉଭୟ ପୁରୁଷ ଓ ନାରୀଙ୍କୁ ନିଜର ଅଧିକାର ଓ ଦାୟିତ୍ୱ ବିଷୟରେ ସଠିକ୍ ଶିକ୍ଷା ଦିଆଯିବା ଉଚିତ। ଘରର କାମ କେବଳ ନାରୀର ନୁହେଁ, ଏହା ଉଭୟଙ୍କର। ପରିବାରର ପୁରୁଷମାନେ ଯଦି ଘର କାମରେ ସାହାଯ୍ୟ କରିବେ, ତେବେ ନାରୀର କାର୍ଯ୍ୟଭାର ହ୍ରାସ ପାଇବ। ଆଇନର ପ୍ରୟୋଗ ସମୟରେ ପକ୍ଷପାତ ନକରି ପ୍ରକୃତ ସତ୍ୟକୁ ଯାଞ୍ଚ କରାଯିବା ଉଚିତ, ଯେପରି କୌଣସି ନିର୍ଦ୍ଦୋଷ ଦଣ୍ଡ ନପାଏ।

ନାରୀର ସଂଘର୍ଷକୁ ସ୍ୱୀକୃତି ଦେବା ସହ ତା'ର ସ୍ୱାଧୀନତାକୁ ସମ୍ମାନ ଦେବା ହିଁ ପ୍ରକୃତ ମହିଳା ଦିବସର ଉଦ୍ଦେଶ୍ୟ। ନିଷ୍କର୍ଷ ମହିଳା ଦିବସ କେବଳ ଗୋଟିଏ ଦିନ ପାଇଁ ସୋସିଆଲ ମିଡିଆରେ ଫଟୋ ଅପଲୋଡ଼ କରିବା ବା ଶୁଭେଚ୍ଛା ଜଣାଇବାର ନାମ ନୁହେଁ। ଏହା ହେଉଛି ନାରୀର ଅନ୍ତର୍ନିହିତ ଶକ୍ତିକୁ ଚିହ୍ନିବା ଏବଂ ତାକୁ ସମାଜର ମୁଖ୍ୟ ସ୍ରୋତରେ ସମ୍ମାନର ସହ ସାମିଲ କରିବାର ଏକ ନିରନ୍ତର ପ୍ରକ୍ରିୟା। ନାରୀ ଜଣେ ମା', ଭଉଣୀ, ପତ୍ନୀ ଏବଂ କନ୍ୟା ହେବା ସହିତ ଜଣେ ମୁକ୍ତ ମଣିଷ। ତାକୁ ନିଜର ଆକାଂକ୍ଷା ପୂରଣ କରିବା ପାଇଁ ସୁଯୋଗ ଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ସେହିପରି ନାରୀବାଦର ଆଢୁଆଳରେ କାହାରିକୁ ହଇରାଣ କରିବା ମଧ୍ୟ ଅପରାଧ। ଆସନ୍ତୁ ଏହି ମହିଳା ଦିବସରେ ଏକ ଏଭଳି ସମାଜ ଗଠନ ପାଇଁ ଶପଥ ନେବା, ଯେଉଁଠି ପୁରୁଷ ଓ ନାରୀ ମଧ୍ୟରେ କୌଣସି ପ୍ରତିଯୋଗିତା ରହିବ ନାହିଁ, ବରଂ ରହିବ ପରସ୍ପର ପ୍ରତି ସମ୍ମାନ ଓ ସହଭାଗିତା। ଯେଉଁଦିନ ରାସ୍ତା କଡ଼ର ସେହି ପରିଶ୍ରମୀ ମହିଳା ଏବଂ କାର୍ଯ୍ୟାଳୟର ଉଚ୍ଚ ପଦାଧିକାରୀ ମହିଳା ଉଭୟ ସୁରକ୍ଷିତ ଓ ସମ୍ମାନିତ ଅନୁଭବ କରିବେ, ସେଦିନ ହିଁ ନାରୀ ସଶକ୍ତିକରଣର ସ୍ୱପ୍ନ ସାର୍ଥକ ହେବ। ନାରୀ ଶକ୍ତିର ଜୟ ହେଉ, ମାତ୍ର ସେହି ଶକ୍ତି ବିନାଶ ପାଇଁ ନୁହେଁ, ବିଶ୍ୱର ବିକାଶ ପାଇଁ ଉଦ୍ଦିଷ୍ଟ ହେଉ।

ଗଞ୍ଜାମ, ମୋବାଇଲ୍:୭୮୭୭୦୦୧୦୦୧

# ଖାଡ଼ି ଦେଶମାନଙ୍କରେ ଯୁଦ୍ଧ ପରିସ୍ଥିତି ଓ ବିଶ୍ୱ ସୁରକ୍ଷା



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଖାଡି ଦେଶମାନେ ବିଶ୍ୱ ରାଜନୀତି ଓ ଆର୍ଥିକ ବ୍ୟବସ୍ଥାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଭାବେ ପରିଚିତ। ସାଉଦି ଆରବ, କତାର, କୁଏତ, ବାହାରିନ, ଓମାନ ଓ ଯୁକ୍ତ ଆରବ ଏମିରେଟ୍ସ ମିଶି ଯେଉଁ ଅଞ୍ଚଳ ଗଠିତ ହୋଇଛି, ସେଥିକୁ ଖାଡି ଦେଶ କୁହାଯାଏ। ଏହି ଅଞ୍ଚଳ ତେଲ ଓ ଗ୍ୟାସ ସମ୍ପଦରେ ସମୃଦ୍ଧ ହେବା ସହିତ ବିଶ୍ୱ ଉର୍ଜା ବଜାରର ମୁଖ୍ୟ କେନ୍ଦ୍ର। କିନ୍ତୁ ସମ୍ପ୍ରତି ବର୍ଷଗୁଡ଼ିକରେ ଏହି ଅଞ୍ଚଳରେ ରାଜନୈତିକ ଟଣାଟଣି ଓ ସାମରିକ ସଂଘର୍ଷ ଦ୍ରୁତ ଭାବରେ ବଢ଼ିଛି। ୨୦୨୬ ମସିହାରେ ଇରାନ, ଇସ୍ରାଏଲ ଓ ଯୁକ୍ତରାଷ୍ଟ୍ର ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ଦେଶଗୁଡ଼ିକୁ ମଧ୍ୟ ପ୍ରଭାବିତ କରୁଛି। ଏହି ସଂଘର୍ଷର ଫଳରେ ଖାଡି ଅଞ୍ଚଳରେ ସୁରକ୍ଷା ସମସ୍ୟା, ଆର୍ଥିକ ଅସ୍ଥିରତା ଓ ମାନବିକ ସଂକଟ ଦେଖାଯାଉଛି। ଖାଡି ଅଞ୍ଚଳର ଅସ୍ଥିରତାର ପ୍ରମୁଖ କାରଣ ହେଉଛି ମଧ୍ୟପ୍ରାଚ୍ୟର ଦୀର୍ଘଦିନର ରାଜନୈତିକ ବିବାଦ। ଇରାନ ଓ ଇସ୍ରାଏଲ ମଧ୍ୟରେ ଦୀର୍ଘ ସମୟ ଧରି ଦ୍ୱନ୍ଦ୍ୱ ରହିଛି। ଏହା ସହିତ ଯୁକ୍ତରାଷ୍ଟ୍ର ଇସ୍ରାଏଲର ମୁଖ୍ୟ ସମର୍ଥକ ଭାବେ ଇରାନ ବିରୋଧରେ ନୀତି ଗ୍ରହଣ କରିଥାଏ। ୨୦୨୬ ଫେବୃଆରୀରେ ଯୁକ୍ତରାଷ୍ଟ୍ର ଓ ଇସ୍ରାଏଲ ଇରାନର କିଛି ସାମରିକ ଓ ପରମାଣୁ ସଂସ୍ଥାପନା ଉପରେ ଆକ୍ରମଣ କରିଥିଲେ। ଏହାର ପ୍ରତିକ୍ରିୟାରେ ଇରାନ ମିସାଇଲ ଓ ଡ୍ରୋନ ଆକ୍ରମଣ ଆରମ୍ଭ କରିଥିଲା। ଏହି ଯୁଦ୍ଧ ପ୍ରଥମେ ଇରାନ ଓ ଇସ୍ରାଏଲ ମଧ୍ୟରେ ଆରମ୍ଭ ହେଲେ ମଧ୍ୟ ଶୀଘ୍ର ଭାବେ ଖାଡି ଦେଶମାନଙ୍କୁ ମଧ୍ୟ ଆକ୍ରମଣର ଲକ୍ଷ୍ୟ କରାଗଲା।

ଯୁଦ୍ଧ ଆରମ୍ଭ ପରେ ଇରାନ ଖାଡି ଅଞ୍ଚଳର ଅନେକ ଦେଶ ଉପରେ ମିସାଇଲ ଓ ଡ୍ରୋନ ଆକ୍ରମଣ କରି ଚାଲିଛି। ଯୁକ୍ତ ଆରବ ଏମିରେଟ୍ସ ଉପରେ ହୋଇଥିବା ଆକ୍ରମଣରେ ଅନେକ ମିସାଇଲ ଓ ଡ୍ରୋନ ବ୍ୟବହୃତ ହୋଇଛି। ଏହି ଆକ୍ରମଣରେ ଅନେକ ଲୋକ ଆହତ ହେବା ସହିତ କିଛି ଲୋକ ମୃତ୍ୟୁ ବରଣ କରିଛନ୍ତି। ଏହା ଛଡ଼ା କତାର, ବାହାରିନ ଓ ଓମାନ ମଧ୍ୟ ଆକ୍ରମଣର ସମ୍ମୁଖୀନ ହୋଇଛନ୍ତି। କତାରରେ ମିସାଇଲ ଆକ୍ରମଣ ହେତୁ ଦୋହା ବିମାନବନ୍ଦର କିଛି ସମୟ ପାଇଁ ବନ୍ଦ ହୋଇଥିଲା ଏବଂ କେତେକ ନାଗରିକ ଆହତ ହୋଇଥିଲେ।। ବାହାରିନରେ ଯୁକ୍ତରାଷ୍ଟ୍ର ନେଭିର ଫିଫ୍ଥ ଫ୍ଲିଟ୍ ମୁଖ୍ୟାଳୟ ନିକଟରେ ମିସାଇଲ ଆକ୍ରମଣ ହୋଇଥିଲା ଏବଂ ଏହାରେ ଏକ ଶ୍ରମିକ ମୃତ୍ୟୁ ବରଣ କରିଥିଲେ। ଓମାନର କିଛି ବନ୍ଦର ଓ ତେଲ ଟ୍ୟାଙ୍କର ଉପରେ ମଧ୍ୟ ଡ୍ରୋନ ଆକ୍ରମଣ ହୋଇଛି। ଏହା ଦେଖାଯାଉଛି ଯେ ଯୁଦ୍ଧର ପ୍ରଭାବ ଏକ ଦେଶରେ ସୀମିତ ରହିନଥାଇ ସମଗ୍ର ଖାଡି ଅଞ୍ଚଳକୁ ପ୍ରଭାବିତ କରୁଛି। ସମ୍ପ୍ରତି ଯୁଦ୍ଧର ଏକ ଭୟଙ୍କର ପରିଣାମ ହେଉଛି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାପନା ଉପରେ ଆକ୍ରମଣ। ତେଲ କ୍ଷେତ୍ର, ବିମାନବନ୍ଦର, ବନ୍ଦର ଓ ଜଳ ଶୋଧନ କାରଖାନା ମଧ୍ୟ ଲକ୍ଷ୍ୟ ହେଉଛି। ଏହା ସହିତ ବାହାରିନର ଜଳ ଶୋଧନ କାରଖାନା ଉପରେ ଡ୍ରୋନ ଆକ୍ରମଣ ମଧ୍ୟ ହୋଇଛି, ଯାହା ଦେଶର ପାଣି ସରବରାହକୁ ବଡ଼ ସମସ୍ୟାରେ ପକାଇପାରେ।



ଖାଡି ଅଞ୍ଚଳର ଅନେକ ଦେଶ ପାଣି ପାଇଁ ସମୁଦ୍ରଜଳ ଶୋଧନ କାରଖାନା ଉପରେ ନିର୍ଭର କରେ। ଏହି କାରଖାନାଗୁଡ଼ିକ ନଷ୍ଟ ହେଲେ ଲକ୍ଷାଧିକ ଲୋକଙ୍କ ପାଇଁ ପାଣି ସଂକଟ ସୃଷ୍ଟି ହୋଇପାରେ। ଖାଡି ଦେଶମାନେ ବିଶ୍ୱର ସର୍ବାଧିକ ତେଲ ଉତ୍ପାଦନ କରୁଥିବା ଅଞ୍ଚଳ। ଯୁଦ୍ଧର ପ୍ରଭାବରେ ତେଲ ବଜାରରେ ମଧ୍ୟ ଅସ୍ଥିରତା ଦେଖାଯାଉଛି। ଯଦି ଏହି ଯୁଦ୍ଧ ଦୀର୍ଘ ସମୟ ଚାଲିଥାଏ, ତେବେ ବିଶ୍ୱ ତେଲ ଦର ବହୁତ ବଢ଼ିପାରେ। ଏହା ଭାରତ ସହିତ ଅନେକ ଦେଶର ଅର୍ଥନୀତିକୁ ପ୍ରଭାବିତ କରିପାରେ। ଖାଡି ଅଞ୍ଚଳରେ ହଜାର ହଜାର ଭାରତୀୟ ଶ୍ରମିକ କାମ କରୁଛନ୍ତି। ଯୁଦ୍ଧ ହେଲେ ସେମାନଙ୍କର ସୁରକ୍ଷା ନେଇ ଚିନ୍ତା ବଢ଼ିଯାଏ। ଏହି ଯୁଦ୍ଧକୁ ନେଇ ବିଶ୍ୱର ଅନେକ ଦେଶ ଚିନ୍ତା ପ୍ରକାଶ କରିଛନ୍ତି। କିଛି ଇଉରୋପୀୟ ନେତାମାନେ କହିଛନ୍ତି ଯେ ଏହି ସାମରିକ କାର୍ଯ୍ୟକଳାପ ଆନ୍ତର୍ଜାତୀୟ ଆଇନକୁ ଉଲଂଘନ କରୁଛି। ଜାତିସଂଘ ମଧ୍ୟ ସମସ୍ତ ପକ୍ଷକୁ ଯୁଦ୍ଧ ବନ୍ଦ କରି ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ କରିବାକୁ ଅନୁରୋଧ କରିଛି। ଖାଡି ଦେଶମାନେ ସିଧାସିଧା ଯୁଦ୍ଧରେ ଜଡିତ ହେବାକୁ ଇଚ୍ଛା କରୁନାହାନ୍ତି। ସେମାନେ ଆର୍ଥିକ ଉନ୍ନତି ଓ ଅଞ୍ଚଳୀୟ ଶାନ୍ତିକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। କିନ୍ତୁ ଯୁକ୍ତରାଷ୍ଟ୍ରର ସାମରିକ ଘାଟି ଏହି ଦେଶମାନେ ଥିବାରୁ ସେମାନେ ଆକ୍ରମଣର ଲକ୍ଷ୍ୟ ହେଉଛନ୍ତି। ଏହି ପରିସ୍ଥିତିରେ ସେମାନେ ନିଜ ସୁରକ୍ଷା ବୃଦ୍ଧି କରୁଛନ୍ତି ଏବଂ ଯୁଦ୍ଧକୁ ନିଜ ଭୂମିରୁ ଦୂରେ ରଖିବାକୁ ଚେଷ୍ଟା କରୁଛନ୍ତି।

ଯୁଦ୍ଧର ସବୁଠାରୁ ଖରାପ ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡ଼ିଥାଏ ବୋଲି ସମସ୍ତେ ଜାଣିଛନ୍ତି। ଆମେରିକା ଛତ୍ରଛାୟା ତଳେ ଇସ୍ରାଏଲ ଇରାନ ଉପରେ ଭିଷଣ ମିସାଇଲ ଆକ୍ରମଣ ଓ ବୋମାବର୍ଷା ଫଳରେ ଅନେକ ଲୋକ ମୃତ୍ୟୁ ବରଣ କରୁଛନ୍ତି ଓ ଅନେକ ଆହତ ହେଉଛନ୍ତି। ସହରଗୁଡ଼ିକରେ ଭୟର ପରିବେଶ ସୃଷ୍ଟି ହୋଇଛି। ଅନେକ ଲୋକ ନିଜ ଘର ଛାଡ଼ି ଅନ୍ୟ ସ୍ଥାନକୁ ଯାଉଛନ୍ତି। ଏହା ସହିତ ଯଦି ତେଲ ଓ ଜଳ ସଂସ୍ଥାପନା ନଷ୍ଟ ହୋଇଯାଏ, ତେବେ ଜୀବନ ଜୀବିକା ମଧ୍ୟ ଦୁର୍ବଳ ହୋଇଯିବ। ବର୍ତ୍ତମାନ ଯୁଦ୍ଧର ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର। ଯଦି ଏହି ସଂଘର୍ଷ ଆହୁରି ବିସ୍ତାରିତ ହୁଏ, ତେବେ ସମଗ୍ର ମଧ୍ୟପ୍ରାଚ୍ୟ ଅଞ୍ଚଳ ଏକ ବଡ଼ ଯୁଦ୍ଧରେ ପରିଣତ ହୋଇପାରେ। ଏହା ବିଶ୍ୱ ଅର୍ଥନୀତି, ତେଲ ବଜାର ଓ ଆନ୍ତର୍ଜାତୀୟ ସୁରକ୍ଷାକୁ ଗଭୀର ପ୍ରଭାବ ପକାଇପାରେ। ଖାଡି ଦେଶମାନଙ୍କର ବର୍ତ୍ତମାନ ଯୁଦ୍ଧ ପରିସ୍ଥିତି ବିଶ୍ୱ ପାଇଁ ଏକ ଗମ୍ଭୀର ଚେତାବନୀ। ଏହି ଅଞ୍ଚଳରେ ଶାନ୍ତି ଭଙ୍ଗ ହେଲେ ତାହାର ପ୍ରଭାବ ସମଗ୍ର ବିଶ୍ୱ ଉପରେ ପଡ଼ିପାରେ। ସେହିପରି ଆନ୍ତର୍ଜାତୀୟ ସମୁଦାୟକୁ ଆଗକୁ ଆସି ଆଲୋଚନା ଓ କୂଟନୀତି ମାଧ୍ୟମରେ ଏହି ସଂଘର୍ଷର ସମାଧାନ କରିବା ଆବଶ୍ୟକ। ଶାନ୍ତି ଓ ସହଯୋଗ ମାଧ୍ୟମରେ ମାତ୍ର ଖାଡି ଅଞ୍ଚଳରେ ସ୍ଥିରତା ଓ ସୁରକ୍ଷା ସ୍ଥାପିତ ହୋଇପାରିବ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ:୮୨୪୯୫୦୨୭୭୬

# ଭିନ୍ନ ମୋଡ଼ ନେଉଛି ଇରାନ ଯୁଦ୍ଧ

## ତୈଳ ଡିପୋ ଉପରେ ଆକ୍ରମଣ ପାଇଁ ଖପ୍ପା ଆମେରିକା
## ଇସ୍ରାଏଲ-ଆମେରିକା ମଧ୍ୟରେ ସୃଷ୍ଟି ହୋଇଛି ମତଭେଦ



ନୂଆଦିଲ୍ଲୀ, ୯।୩ଃ ଇରାନ୍ ଯୁଦ୍ଧ ଚାଲିଥିବା ବେଳେ ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ମତଭେଦ ହୋଇଛି। ଇସ୍ରାଏଲ ଏବଂ ଆମେରିକା ମିଳିତ ଭାବରେ ଇରାନ ଉପରେ ଆକ୍ରମଣ କରିଥିଲେ। କିନ୍ତୁ ଏବେ ଦୁଇ ସହଯୋଗୀଙ୍କ ମଧ୍ୟରେ ମତଭେଦ ତୀବ୍ର ହୋଇଛି। ଇସ୍ରାଏଲ ଶନିବାର ଏକାଥରେ ଇରାନରେ ୩୦ଟି ତୈଳ ଡିପୋରେ ମିସାଇଲ୍ ମାଡ଼ କରିଥିଲା। ଏହାକୁ ନେଇ ଟ୍ରମ୍ପ ପ୍ରଶାସନ ଅସନ୍ତୋଷ ପ୍ରକାଶ କରିଛି। ଏପରିକି ଇସ୍ରାଏଲକୁ ଆମେରିକୀୟ ଅଧିକାରୀ ଖରାପ ଭାଷାରେ ଗାଳିଗୁଲଜ କରିଥିବା ଜଣାପଡ଼ିଛି। ଜଣେ ଆମେରିକୀୟ ଅଧିକାରୀ କହିଛନ୍ତି ଯେ, ଆକ୍ରମଣ ଏତେ ବ୍ୟାପକ ହେବ ବୋଲି ସେମାନେ ଜାଣିନଥିଲେ। ଆମେରିକା ଏହାକୁ 'ଏକ ଭୁଲ ପଦକ୍ଷେପ' ବୋଲି କହିଛି। ଆକ୍ସିଓସର ଏକ ରିପୋର୍ଟ ଅନୁଯାୟୀ, ତୈଳ ଡିପୋ ଉପରେ ଆକ୍ରମଣ ପୂର୍ବରୁ ଇସ୍ରାଏଲ ସେନା ଆମେରିକାକୁ ସୂଚନା ଦେଇଥିଲା। କିନ୍ତୁ ଆକ୍ରମଣର ପରିସର ଆଶାଠାରୁ ବହୁତ ବଡ଼ ଥିଲା। ଜଣେ ଆମେରିକୀୟ ଅଧିକାରୀ କହିଛନ୍ତି ଯେ, ସେମାନେ ଆକ୍ରମଣର ପରିମାଣ ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି ଏବଂ ଏହି ନିଷ୍ପତ୍ତିକୁ 'ଏକ ଖରାପ ଚିନ୍ତାଧାରା' ବୋଲି କହିଛନ୍ତି। ଜଣେ ଇସ୍ରାଏଲ ଅଧିକାରୀଙ୍କ ଅନୁଯାୟୀ, ୱାଶିଂଟନର ବାର୍ତ୍ତା କଠୋର ଥିଲା, ଏହାକୁ 'ଡବ୍ଲୁଟିଏଫ' ଭାବରେ ବର୍ଣ୍ଣନା କରାଯାଇଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜଣେ ପରାମର୍ଶଦାତା କହିଛନ୍ତି, 'ରାଷ୍ଟ୍ରପତିଙ୍କୁ ଏହି ଆକ୍ରମଣ ପସନ୍ଦ ଆସିନାହିଁ। ସେ ତେଲ ଜାଳିବାକୁ ନୁହେଁ, ସଞ୍ଚୟ କରିବାକୁ ଚାହୁଁଛନ୍ତି।' ଇସ୍ରାଏଲ ସେନା (ଆଇଡିଏଫ) କହିଛି ଯେ, ଡିପୋଗୁଡ଼ିକ ଇରାନ ସାମରିକ ୟୁନିଟଗୁଡ଼ିକୁ ଇନ୍ଧନ ଯୋଗାଣ ପାଇଁ ବ୍ୟବହାର କରାଯାଉଥିଲା। ତୈଳ ଡିପୋ ଉପରେ ଆକ୍ରମଣ କରି ଇରାନକୁ ଇସ୍ରାଏଲ ଚେତାବନୀ ଦେଇଛି । ତେହେରାନ ଇସ୍ରାଏଲର ଆବାସିକ ଅଞ୍ଚଳ ଉପରେ ଆକ୍ରମଣ କରିବା ପୂର୍ବରୁ ଚିନ୍ତା କରିବ। ଇସ୍ରାଏଲର ଆକ୍ରମଣ ପରେ ତେହେରାନ ଏକ ଭୟଙ୍କର ଦୃଶ୍ୟ ଦେଖିଲା।

ଇସ୍ରାଏଲ ଏକାଥରେ ୩୦ଟି ତୈଳ ଡିପୋ ଉପରେ ଆକ୍ରମଣ କରିଥିଲା। ତୈଳ ଡିପୋଗୁଡ଼ିକ ଜଳିବା ଦ୍ୱାରା ଏଥିରୁ ନିର୍ଗତ ଧୂଆଁ ଇରାନ ଆକାଶକୁ ଆଚ୍ଛାଦିକ କରିଦେଇଥିଲା। ବର୍ଷା ହେବା ପରେ କଳା ପାଣି ପ୍ରବାହିତ ହୋଇଥିଲା। ଏହା ଦେଶର ସ୍ୱାସ୍ଥ୍ୟ ଏବଂ ପରିବେଶଗତ ସଙ୍କଟ ବୃଦ୍ଧି କରିବ ବୋଲି କୁହାଯାଉଛି। ସେପଟେ ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଏହି ଉତ୍ତେଜନାର ଅନେକ କାରଣ ଅଛି । ଆମେରିକା ଭୟ କରୁଛି ଯେ, ସାର୍ବଜନୀନ ଭିତ୍ତିଭୂମିକୁ ନଷ୍ଟ କରିବା ଦ୍ୱାରା ଇରାନର ଜନସାଧାରଣ ସରକାରଙ୍କୁ ବିରୋଧ କରିବା ପରିବର୍ତ୍ତେ ସମର୍ଥନ କରିବାକୁ ଉତ୍ସାହିତ ହେବେ। ଜଳୁଥିବା ଡିପୋଗୁଡ଼ିକର ଭିଡିଓ ବିଶ୍ୱ ବଜାରକୁ ଭୟଭୀତ କରିପାରେ। ଏପରି ଆକ୍ରମଣ ତୈଳ ବଜାରରେ ଆତଙ୍କ ସୃଷ୍ଟି କରିପାରେ। ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ, ଯଦି ଇରାନ ପ୍ରତିଶୋଧ ସ୍ୱରୂପ ଉପସାଗରୀୟ ତୈଳ ପ୍ରତିଷ୍ଠାନକୁ ଟାର୍ଗେଟ କରେ, ତେବେ ମୂଲ୍ୟ ପ୍ରତି ବ୍ୟାରେଲ ପିଛା ୨୦୦ ଡଲାରରେ ପହଞ୍ଚିପାରେ।

## ବିଶ୍ୱ ଅସ୍ଥିରତାରୁ ଲାଭ ଉଠାଉଛି ଆମେରିକା

### ୯୬ଟି ଦେଶକୁ ଅସ୍ତ୍ରଶସ୍ତ୍ର ବିକୁଛନ୍ତି ଟ୍ରମ୍ପ

ନ୍ୟୁୟର୍କ, ୯।୩ଃ ଯେତେବେଳେ ସମଗ୍ର ବିଶ୍ୱ ମଧ୍ୟପ୍ରାଚ୍ୟ ଏବଂ ୟୁରୋପରେ ଯୁଦ୍ଧ ଯୋଗୁଁ ଅସ୍ତବ୍ୟସ୍ତ ହେଉଛି ସେତେବେଳେ ଆମେରିକା ଏହି ବିପର୍ଯ୍ୟୟକୁ ଏକ ସୁଯୋଗରେ ପରିଣତ କରୁଛି। ବିଲେଇ କପାଳକୁ ଶିକା ଛିଣ୍ଡିଲା ପରି ଗତ ଚାରି ବର୍ଷ ମଧ୍ୟରେ ଆମେରିକା ଯୁଦ୍ଧଗ୍ରସ୍ତ ଦେଶଗୁଡ଼ିକୁ ଅନେକ ଅସ୍ତ୍ରଶସ୍ତ୍ର ବିକ୍ରି କରିଛି। ଏହା ଯୋଗୁ ଅସ୍ତ୍ରଶସ୍ତ୍ର ବଜାରରେ ଆମେରିକାର ପ୍ରାଧାନ୍ୟ ଆହୁରି ବୃଦ୍ଧି ପାଇଛି। ଷ୍ଟକହୋମ ଇଣ୍ଟରନ୍ୟାସନାଲର ଏକ ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ବିଶ୍ୱ ସ୍ତରରେ ବିକ୍ରି ହେଉଥିବା ପ୍ରତି ୧୦୦ ଅସ୍ତ୍ରଶସ୍ତ୍ର ମଧ୍ୟରୁ ୪୨ଟି ଆମେରିକୀୟ । ୨୦୧୬-୨୦ ମଧ୍ୟରେ ଏହି ପରିମାଣ ୩୬ ପ୍ରତିଶତ ଥିଲା। ଏହି ସମୟ ମଧ୍ୟରେ ଅସ୍ତ୍ରଶସ୍ତ୍ର ବିକ୍ରୟରେ ରୁଷ ସର୍ବାଧିକ କ୍ଷତି ସହିଛି। ବର୍ତ୍ତମାନ ବିଶ୍ୱରେ ଅସ୍ତ୍ରଶସ୍ତ୍ର ବିକ୍ରୟର ୬.୮ ପ୍ରତିଶତ ହେଉଛି ରୁଷିଆର। ଆମେରିକା ପରେ ଫ୍ରାନ୍ସ ଭାରତକୁ ଦ୍ୱିତୀୟ ସର୍ବବୃହତ ଅସ୍ତ୍ରଶସ୍ତ୍ର ଯୋଗାଣକାରୀ ହୋଇଛି।

୨୦୨୧-୨୫ ମଧ୍ୟରେ ଆମେରିକା ସାଉଦି ଆରବକୁ ସର୍ବାଧିକ ଅସ୍ତ୍ରଶସ୍ତ୍ର ବିକ୍ରି କରିଛି। ଗତ ବର୍ଷ, ସାଉଦି ଆରବ ଆମେରିକାଠାରୁ ୪୮ଟି ଏଫ୍-୩୫ ପାଇଥିଲା। ଏହା ସହିତ ଏକ ଥାଡ୍ ସିଷ୍ଟମ ମଧ୍ୟ ପାଇଥିଲା। ଗତ ଚାରି ବର୍ଷ ମଧ୍ୟରେ କେବଳ ସାଉଦି ଆରବ ଆମେରିକାଠାରୁ ୧୨ ପ୍ରତିଶତ ଅସ୍ତ୍ରଶସ୍ତ୍ର କିଣିଛି। ରୁଷ ସହିତ ଯୁଦ୍ଧ କରୁଥିବା ୟୁକ୍ରେନ ହେଉଛି ଆମେରିକାର ଦ୍ୱିତୀୟ ସର୍ବବୃହତ ଅସ୍ତ୍ରଶସ୍ତ୍ର କ୍ରେତା। ଗତ ଚାରି ବର୍ଷ ମଧ୍ୟରେ, ଆମେରିକା ନିଜର ମୋଟ ଅସ୍ତ୍ରଶସ୍ତ୍ରର ୯ ପ୍ରତିଶତ ୟୁକ୍ରେନକୁ ବିକ୍ରି କରିଛି। ୟୁକ୍ରେନ ଆମେରିକାଠାରୁ କ୍ଷେପଣାସ୍ତ୍ର ଏବଂ ସଶସ୍ତ୍ର ଯାନ କିଣୁଛି। ୟୁକ୍ରେନ ୨୦୨୨ ମସିହାରୁ ରୁଷ ସହିତ ଯୁଦ୍ଧ କରୁଛି। ଜାପାନ ହେଉଛି ଆମେରିକାରୁ ତୃତୀୟ ସର୍ବବୃହତ ଅସ୍ତ୍ରଶସ୍ତ୍ର କ୍ରେତା। ଜାପାନ ଚୀନ୍ ମଧ୍ୟରେ ବିବାଦ ରହିଛି। ଗତ ଚାରି ବର୍ଷ ମଧ୍ୟରେ, ଆମେରିକା ଜାପାନକୁ ରାଡାର ସିଷ୍ଟମ ଏବଂ କ୍ଷେପଣାସ୍ତ୍ର ବିକ୍ରି କରିଛି। ଜାପାନ ହେଉଛି ଏସିଆରେ ଆମେରିକାର ସବୁଠାରୁ ବଡ଼ ସହଯୋଗୀ।



ଏହି ତିନୋଟି ଦେଶ ବ୍ୟତୀତ, ଆମେରିକା ୨୦୨୧-୨୦୨୫ ମଧ୍ୟରେ ୯୬ଟି ଦେଶକୁ ଅସ୍ତ୍ରଶସ୍ତ୍ର ବିକ୍ରି କରିଛି। ଷ୍ଟକହୋମ ଇଣ୍ଟରନ୍ୟାସନାଲର ବରିଷ୍ଠ ଗବେଷକ ପିଟର ୱେଜମ୍ୟାନଙ୍କ ଅନୁଯାୟୀ, ଏକ ବର୍ଦ୍ଧିତ ବହୁଧ୍ରୁବୀୟ ବିଶ୍ୱରେ ଅସ୍ତ୍ରଶସ୍ତ୍ର ଯୋଗାଣକାରୀ ଭାବରେ ଆମେରିକା ନିଜର ପ୍ରାଧାନ୍ୟକୁ ଅଧିକ ମଜବୁତ କରିଛି।

## ଇରାନ ସ୍କୁଲ ଉପରେ ଆମେରିକା କରିଥିଲା ଆକ୍ରମଣ

### ତଦନ୍ତ ଆରମ୍ଭ ହୋଇଥିବା ଆମେରିକା ପ୍ରତିରକ୍ଷା ସଚିବଙ୍କ ସୂଚନା

ତେହେରାନ, ୯।୩ଃ ଫେବ୍ରୁଆରି ୨୮ ତାରିଖରେ ଦକ୍ଷିଣ ଇରାନର ହୋର୍ମଜଗାନ୍ ପ୍ରଦେଶର ମିନାବରେ ଥିବା ଶାଜାରେହ ତୟେବେ ବାଳିକା ପ୍ରାଥମିକ ବିଦ୍ୟାଳୟ ଉପରେ ଏକ କ୍ଷେପଣାସ୍ତ୍ର ଆକ୍ରମଣରେ ୧୬୫ ରୁ ୧୮୦ ଜଣଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରୁ ଅଧିକାଂଶ ୭ ରୁ ୧୨ ବର୍ଷ ବୟସର ସ୍କୁଲ ଝିଅ ଥିଲେ। ଇରାନ ଉପରେ ଆମେରିକା-ଇସ୍ରାଏଲ ପକ୍ଷରୁ ମିଳିତ ସାମରିକ ଅଭିଯାନର ଆରମ୍ଭ ସମୟରେ ଏହି ଘଟଣା ଘଟିଥିଲା। ଶଜାରେହ ତାଇବେହେ ବିଦ୍ୟାଳୟ ଆଇଆର୍‌ଜିସି ନୌସେନା ବେସ ସୟିଦ ଅଲ-ଶୁହାଡା ସାମରିକ କମ୍ପ୍ଲେକ୍ସ ନିକଟରେ ଅବସ୍ଥିତ ଥିଲା। ତଦନ୍ତରୁ ଜଣାପଡୁଛି ଯେ, ଏକ ଡବଲ-ଟ୍ୟାପ୍ ଆକ୍ରମଣ ହୋଇଥିଲା। ଫଳରେ ପ୍ରାରମ୍ଭିକ ବିସ୍ଫୋରଣ ପରେ ଛାତ୍ରୀ ଏବଂ କର୍ମଚାରୀମାନେ ପ୍ରାର୍ଥନା ଗୃହରେ ଆଶ୍ରୟ ନେଉଥିବା ସମୟରେ ଦ୍ୱିତୀୟ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା। ଅଲ୍ ଜଜିରା ଦ୍ୱାରା କରାଯାଇଥିବା ବିଶ୍ଳେଷଣ ସୂଚାଇ ଦେଇଛି, ସ୍କୁଲଟି ୧୦ ବର୍ଷରୁ ଅଧିକ ସମୟ ଧରି ସେଠାରେ କାର୍ଯ୍ୟ କରୁଥିଲା। ତେବେ ବେସାମରିକ ପ୍ରତିଷ୍ଠାନ ଅନୁମାନ କରି ଏହା ଉପରେ କରାଯାଇଥିବା ଆକ୍ରମଣ ଗୁଇନ୍ଦା ବିଫଳତା କିମ୍ବା ଜାଣିଶୁଣି ହୋଇଥିବା ସୂଚିତ କରୁଛି। ଡଚ୍ ଫ୍ୟାକ୍ଟ-ଚେକିଂ ଗ୍ରୁପ୍ ବେଲିଙ୍ଗକ୍ୟାଟ୍, ନ୍ୟୁୟର୍କ ଟାଇମ୍ସ ଏବଂ ୱାଶିଂଟନ୍ ପୋଷ୍ଟ ଦ୍ୱାରା କରାଯାଇଥିବା ତଦନ୍ତ ଅନୁଯାୟୀ ୨୮ ଫେବ୍ରୁଆରିରେ ଦକ୍ଷିଣ ଇରାନର ମିନାବରେ ବାଳିକା ପ୍ରାଥମିକ ବିଦ୍ୟାଳୟ ଉପରେ ହୋଇଥିବା ଆକ୍ରମଣକୁ ଆମେରିକାର ଟୋମହକ୍ କ୍ରୁଜ୍ କ୍ଷେପଣାସ୍ତ୍ର ଦ୍ୱାରା କରାଯାଇଛି। ଇରାନର ମେହର ନ୍ୟୁଜ୍ ଏଜେନ୍ସି ଦ୍ୱାରା ପ୍ରକାଶିତ ଫୁଟେଜର ଦୃଶ୍ୟ ବିଶ୍ଳେଷଣରୁ ଏହି ଅସ୍ତ୍ରକୁ ଏକ ବିଜିଏମ୍-୧୦୯ ଟୋମହକ୍ ଲ୍ୟାଣ୍ଡ ଆଟାକ୍ ମିସାଇଲ୍ (ଟିଏଲଏଏମ୍) ଭାବରେ ଚିହ୍ନଟ କରାଯାଇଛି। ବିଶେଷଜ୍ଞମାନେ ଉଲ୍ଲେଖ କରିଛନ୍ତି, ବର୍ତ୍ତମାନର ସଂଘର୍ଷରେ ଯୁକ୍ତରାଷ୍ଟ୍ର ଏକମାତ୍ର ଅଂଶଗ୍ରହଣକାରୀ। ଟ୍ରେଭର ବେଲ୍‌ଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଉଲ୍ଲେଖ ହୋଇଛି, ଆମେରିକା ପାଖରେ ନିର୍ଦ୍ଦିଷ୍ଟ ଦୂରଗାମୀ ଟୋମହାକ୍ ରହିଛି। ଇସ୍ରାଏଲ ପାଖରେ ଟୋମହକ୍ କ୍ଷେପଣାସ୍ତ୍ର ନାହିଁ। ମେହର ନ୍ୟୁଜ୍ ଦ୍ୱାରା ପ୍ରକାଶିତ ଭିଡିଓରେ ଆଇଆର୍‌ଜିସି କମ୍ପାଉଣ୍ଡରେ ଆକ୍ରମଣ କରିଥିବା କ୍ଷେପଣାସ୍ତ୍ର ଏବଂ ଅନ୍ୟ ଏକ ଟୋମହକ୍‌ର ନିକଟରୁ ଦୃଶ୍ୟ ମଧ୍ୟରେ ତୁଳନା ମଧ୍ୟ ଦର୍ଶାଯାଇଛି। ବେଲ୍ କହିଛନ୍ତି, ଭିଡିଓଟି ଭୌଗୋଳିକ ସ୍ଥିତିକୁ ଆଧାରରେ ସ୍ଥାନିତ ହୋଇଛି। ଅର୍ଥାତ୍ ଡିଜିଟାଲ ସୂଚନା ବ୍ୟବହାର କରି ସଠିକ୍ ସ୍ଥାନ ନିଶ୍ଚିତ କରାଯାଇଛି। ଏହା ସିଧାସଳଖ ଡୋନାଲ୍ଡ ଟ୍ରମ୍ପଙ୍କ ଦାବିକୁ ବିରୋଧ କରୁଛି। ଟ୍ରମ୍ପ ସ୍କୁଲ ଉପରେ ଆକ୍ରମଣ ପାଇଁ ଇରାନକୁ ଦାୟୀ କରୁଥିବା ଦାବିରେ ସତ୍ୟତା ନଥିବା ପରି ମନେହେଉଛି। ତାଙ୍କ ଥ୍ରେଡରେ, ବେଲ୍ ଆଇଆର୍‌ଜିସି କମ୍ପାଉଣ୍ଡର ସାଟେଲାଇଟ୍ ଇମେଜେରୀ ଏବଂ କ୍ଷେପଣାସ୍ତ୍ରର ପ୍ରଭାବର ବୃହତ କ୍ଷେତ୍ରର ଏକ ଗ୍ରାଫିକ୍ ମଧ୍ୟ ସେୟାର କରିଛନ୍ତି। ଚିତ୍ର ଦେଖାଉଛି ଯେ, ରେଡ୍ କୋନ୍ ମଧ୍ୟରେ କେବଳ ଦୁଇଟି କୋଠା କ୍ଷତିଗ୍ରସ୍ତ ହୋଇଛି। ଯେଉଁଥିରେ ଏକ କ୍ଲିନିକ୍ ମଧ୍ୟ ଅନ୍ତର୍ଭୁକ୍ତ। ଅନ୍ୟ କୋଠା ଏକ ମାଟି ଆଚ୍ଛାଦିତ ବଙ୍କର ପରି ମନେ ହେଉଛି। ଇସ୍ରାଏଲ ଏହି ଆକ୍ରମଣ କରିବା କଥାକୁ ଅସ୍ୱୀକାର କରିଛି। ଆସୋସିଏଟେଡ୍ ପ୍ରେସ୍ ଦ୍ୱାରା କରାଯାଇଥିବା ଏକ ବିଶ୍ଳେଷଣ ସମେତ ଅନେକ ବିଶ୍ଳେଷଣରୁ ଏହା ଏକ ଆମେରିକୀୟ ଆକ୍ରମଣ ବୋଲି ଜଣାପଡିଛି।





ପେଣ୍ଟାଗନରେ ଏକ ପ୍ରେସ ବ୍ରିଫିଂରେ, ଆମେରିକୀୟ ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ କହିଛନ୍ତି, ମୁଁ କେବଳ ଏତିକି କହିପାରିବି ଯେ, ଆମେ ଏହାର ତଦନ୍ତ କରୁଛୁ। ଆମେ କେବେ ବି ନାଗରିକଙ୍କୁ ଟାର୍ଗେଟ କରିନାହୁଁ। କିନ୍ତୁ ଆମେ ଏହାର ଯାଞ୍ଚ କରୁଛୁ।

---

**ଦିଲ୍ଲୀ ମଦ ଦୁର୍ନୀତି ମାମଲା**

## ଅରବିନ୍ଦ ଏବଂ ମନୀଷ ସିସୋଦିଆଙ୍କୁ ନୋଟିସ



### ତଳ କୋର୍ଟ ରାୟକୁ ସିବିଆଇର ଚ୍ୟାଲେଞ୍ଜ

ନୂଆଦିଲ୍ଲୀ, ୯।୩ଃ ଦିଲ୍ଲୀ ହାଇକୋର୍ଟ ମଦ ଦୁର୍ନୀତି ମାମଲାରେ ଆମ ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜରିୱାଲ ଓ ଦଳର ନେତା ମନୀଷ ସିସୋଦିଆଙ୍କୁ ନୋଟିସ ଜାରି କରିଛନ୍ତି। ମାମଲାର ସମସ୍ତ ୨୩ ଜଣ ଅଭିଯୁକ୍ତଙ୍କୁ ସିବିଆଇର ଆବେଦନ ଉପରେ ଜବାବ ଦାଖଲ କରିବାକୁ କୁହାଯାଇଛି। ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୬ରେ ହେବ। ଶୁଣାଣି ସମୟରେ ଦିଲ୍ଲୀ ହାଇକୋର୍ଟ ସିବିଆଇ ଏବଂ ଏହାର ତଦନ୍ତକାରୀ ଅଧିକାରୀଙ୍କ ବିରୁଦ୍ଧରେ ଟ୍ରାଏଲ୍ କୋର୍ଟର ମନ୍ତବ୍ୟ ଉପରେ ରୋକ ଲଗାଇଛନ୍ତି। ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତ ଶର୍ମା ମଧ୍ୟ ରାଉଜ୍ ଆଭେନ୍ୟୁ କୋର୍ଟକୁ ଏହି ମାମଲା ସହିତ ଜଡିତ ମନି ଲଣ୍ଡରିଂ ମାମଲାର ଶୁଣାଣିକୁ ଟ୍ରାଏଲ୍ କୋର୍ଟର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସିବିଆଇର ଆବେଦନର ନିଷ୍ପତ୍ତି ନହେବା ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା ହାଇକୋର୍ଟଙ୍କୁ ଏକ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ। ତୁଷାର ମେହେଟା କହିଛନ୍ତି ଯେ ଏହା ଜାତୀୟ ରାଜଧାନୀରେ ହୋଇଥିବା ସବୁଠାରୁ ବଡ଼ ଦୁର୍ନୀତି ମଧ୍ୟରୁ ଏହା ଗୋଟିଏ। ବିଜ୍ଞାନ ଆଧାରିତ ତଦନ୍ତ କରାଯାଇଛି ଏବଂ ଷଡ଼ଯନ୍ତ୍ରର ପ୍ରତ୍ୟେକ ଦିଗ ପ୍ରମାଣିତ ହୋଇଛି। ଏହା ପରେ, ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ହାଇକୋର୍ଟରେ ଏହି ମାମଲା ସମାଧାନ ନହେବା ପର୍ଯ୍ୟନ୍ତ ନିମ୍ନ ଅଦାଲତ ଦିଲ୍ଲୀ ମଦ ଦୁର୍ନୀତି ସହ ଜଡିତ ମନି ଲଣ୍ଡରିଂ ମାମଲାର ଶୁଣାଣି କରିବ ନାହିଁ।

---

**ରାଷ୍ଟ୍ରପତିଙ୍କୁ ଅପମାନ ପ୍ରସଙ୍ଗ**

## ପ୍ରଧାନମନ୍ତ୍ରୀଙ୍କୁ ପାଲଟା ଟାର୍ଗେଟ କଲେ ମମତା



କୋଲକାତା, ୯।୩ଃ ରାଷ୍ଟ୍ରପତିଙ୍କୁ ଅପମାନ କରିବା ପ୍ରସଙ୍ଗ ନେଇ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମୁହାଁମୁହିଁ ହୋଇଛନ୍ତି। ନିକଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଶ୍ଚିମବଙ୍ଗ ଗସ୍ତ ବେଳେ ମମତା ସରକାର ତାଙ୍କୁ ଅପମାନ କରିଥିବା କହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମମତା ସରକାରଙ୍କ ଉପରେ ବର୍ଷିଥିଲେ। ଆଉ ମମତା ବାନାର୍ଜୀ ତୁରନ୍ତ ଏହାର ଉତ୍ତର ପ୍ରଧାନମନ୍ତ୍ରୀଙ୍କୁ ଦେଇ କାଉଣ୍ଟର ଆଟାକ୍ କରିଛନ୍ତି। ଏଥିପାଇଁ ସେ ୨୦୨୪ରେ ରାଷ୍ଟ୍ରପତି ଛିଡ଼ା ହୋଇଥିବାର ଓ ପ୍ରଧାନମନ୍ତ୍ରୀ ବସିଥିବାର ଏକ ଫଟୋ ଶେୟାର କରିଛନ୍ତି।

ମମତା ଟ୍ୱିଟ୍ କରିଥିବା ଫଟୋଟି ମାର୍ଚ୍ଚ ୨୦୨୪ର। ଯେତେବେଳେ ରାଷ୍ଟ୍ରପତି ମୁର୍ମୁ ବରିଷ୍ଠ ବିଜେପି ନେତା ଲାଲକୃଷ୍ଣ ଆଡଭାନୀଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତ ରତ୍ନ ପ୍ରଦାନ କରୁଥିଲେ, ସେତେବେଳେ ପ୍ରଧାନମନ୍ତ୍ରୀ ମୋଦି ଆଡଭାନୀଙ୍କ ପାଖରେ ବସିଥିଲେ। ଉତ୍ତର ବଙ୍ଗରେ ଆୟୋଜିତ ଏକ ଆଦିବାସୀ ସମ୍ପ୍ରଦାୟ କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କ ମନ୍ତବ୍ୟ ପରେ ଏହି ବିବାଦ ସୃଷ୍ଟି ହୋଇଛି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପି ଏବଂ ଶାସକ ଟିଏମସି ମଧ୍ୟରେ ବର୍ତ୍ତମାନ ଏହା ରାଜନୈତିକ ମୁକାବିଲାରେ ପରିଣତ ହୋଇଛି। ତେବେ ମମତା ବାନାର୍ଜୀ କିନ୍ତୁ ତାଙ୍କ ସରକାର ରାଷ୍ଟ୍ରପତିଙ୍କୁ ଅପମାନିତ କରିଥିବା ଅଭିଯୋଗକୁ ବାରମ୍ବାର ଖଣ୍ଡନ କରିଆସିଛନ୍ତି ଏବଂ ବିଜେପି ଏହି ପ୍ରସଙ୍ଗକୁ ରାଜନୀତି କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ମମତା ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି 'ଏବେ ତୁମେ କହୁଛ ଯେ ମୁଁ ରାଷ୍ଟ୍ରପତିଙ୍କୁ ଅପମାନିତ କରିଛି। ମୁଁ ସେଠାକୁ କିପରି ଯାଇପାରିବି? ମୁଁ ଧାରଣାରେ ବସିଛି ଏବଂ ମୁଁ ସମସ୍ତଙ୍କ ପାଇଁ ଲଢ଼ୁଛି'। ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସଆଇଆର) ଉପରେ ଚାଲିଥିବା ପ୍ରତିବାଦକୁ ମମତା ଏଥିରେ ଉଲ୍ଲେଖ କରିଛନ୍ତି। ଏହା ଛଡ଼ା ୨୦୨୪ରେ ରାଷ୍ଟ୍ରପତି ଆଡଭାନୀଙ୍କୁ ଭାରତ ରତ୍ନ ଦେବା ବେଳର ଫଟୋ ଶେୟାର କରି ପ୍ରଧାନମନ୍ତ୍ରୀଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି ମମତା।


ଏଥିରେ ସେ ଲେଖିଛନ୍ତି 'ଏହା ଆପଣଙ୍କ ପାଇଁ, ବିଶେଷକରି ପ୍ରଧାନମନ୍ତ୍ରୀଙ୍କ ପାଇଁ। ଆପଣ ଜଣେ ଆଦିବାସୀ ନେତା ଏବଂ ଭାରତର ରାଷ୍ଟ୍ରପତିଙ୍କୁ ସମ୍ମାନ କରିବେ ନାହିଁ। ରାଷ୍ଟ୍ରପତି ଠିଆ ହୋଇଛନ୍ତି ଏବଂ ପ୍ରଧାନମନ୍ତ୍ରୀ ବସିଛନ୍ତି। ମୁଁ ଏହା ଦେଖାଉଛି କାରଣ ଆମେ ସମ୍ମାନ କରୁ, କିନ୍ତୁ ସେମାନେ ସମ୍ମାନ ଦିଅନ୍ତି ନାହିଁ। ଆମେ ରାଷ୍ଟ୍ରପତିଙ୍କ ଚୌକି ଏବଂ ଭାରତର ସମ୍ବିଧାନକୁ ପୂର୍ଣ୍ଣ ସମ୍ମାନ କରୁ, ଯାହାକୁ ଆମେ ଆମର ମାତା ବୋଲି ମାନୁ। ଆମକୁ ଦୋଷ ଦିଅ ନାହିଁ'। ନିର୍ବାଚନ ସମୟ ପାଖେଇ ଆସୁଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦି ଜାଣିଶୁଣି ରାଜ୍ୟକୁ ଆକ୍ରମଣ କରୁଛନ୍ତି ବୋଲି ମମତା ଅଭିଯୋଗ କରିଛନ୍ତି।

---

## ଏକାଥରେ ୮୧ ଶିକ୍ଷକ ନିଲମ୍ବିତ

### ଚାଟ୍ ଜିପିଟି ଜରିଆରେ ଯୋଗାଉଥିଲେ କପି

ମୁମ୍ବାଇ, ୯।୩ଃ ମହାରାଷ୍ଟ୍ରରେ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଚାଲିଥିବା ବେଳେ ରାଜ୍ୟର ୮୧ ଜଣ ଶିକ୍ଷକଙ୍କୁ ଏକକାଳୀନ ନିଲମ୍ବନ କରାଯାଇଛି। ମହାରାଷ୍ଟ୍ର ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ରାଜ୍ୟର ବିଡ ଜିଲ୍ଲାରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଲମ୍ବିତ ହୋଇଥିବା ଶିକ୍ଷକଙ୍କ ବିରୋଧରେ ଅଭିଯୋଗ ହୋଇଛି ଯେ ସେମାନେ ପରୀକ୍ଷାରେ ପରୀକ୍ଷାର୍ଥୀଙ୍କୁ କପି କରିବାରେ ସହଯୋଗ କରୁଥିଲେ। ଏପିରିକି କପି କରିବା ପାଇଁ ଚାଟ୍ ଜିପିଟି ବ୍ୟବହାର କରୁଥିଲେ।



ଏନେଇ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି ଯେ, ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ କପି କରିବାକୁ ନେଇ ଶିକ୍ଷକ ଏବଂ ପରୀକ୍ଷାର୍ଥୀଙ୍କ ସମ୍ପୃକ୍ତି ସାମ୍ନାକୁ ଆସିଛି। ସେମାନେ ପରୀକ୍ଷା ଚାଲିଥିବା ସମୟରେ ଚାଟ୍ ଜିପିଟି ବ୍ୟବହାର କରିଥିବାର ଜଣାପଡ଼ିଛି। ରାଜ୍ୟର ବିଡ୍ ଜିଲ୍ଲା ସ୍ଥିତ ଚୌସଲା ପରୀକ୍ଷା କେନ୍ଦ୍ର ଦାୟିତ୍ୱରେ ରହିଥିବା ଅଧିକାଂଶ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ପରୀକ୍ଷା ବେଳେ ଶିକ୍ଷକଙ୍କ ଦ୍ୱାରା ପ୍ରଯୁକ୍ତିବିଦ୍ୟାର ବ୍ୟାପକ ଅପବ୍ୟବହାର କରାଯାଇଛି। ବୋର୍ଡ ପରୀକ୍ଷାର ଅଖଣ୍ଡତାକୁ ରକ୍ଷା କରିବା ପାଇଁ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ରହିଥିଲା ବୋଲି ମହାରାଷ୍ଟ୍ର ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କୁହାଯାଇଛି। ଭବିଷ୍ୟତରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନହୁଏ, ସେଥିପାଇଁ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ପରୀକ୍ଷା କେନ୍ଦ୍ରର ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରାଯାଉଛି। ଅନ୍ୟପଟେ ବିଭାଗୀୟ କର୍ତ୍ତୃପକ୍ଷ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ କରିଛନ୍ତି। ପରୀକ୍ଷା ସମୟରେ ନିୟମ ଭାଙ୍ଗି ନିଲମ୍ବିତ ହୋଇଥିବା ଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ସହିତ ବୋର୍ଡ ପରୀକ୍ଷାରେ ନିରପେକ୍ଷତା ଏବଂ ସ୍ୱଚ୍ଛତାକୁ ବଜାୟ ରଖିବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱ ଦେଇଛି ମହାରାଷ୍ଟ୍ର ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ।

---

**ମଧ୍ୟପ୍ରାଚ୍ୟରେ ଯୁଦ୍ଧର ପ୍ରଭାବ**

## ଶ୍ମଶାନରେ ତାଲା, ହୋଇପାରୁନି ଶବଦାହ




ପୁଣେ, ୯।୩ଃ ରୋଷେଇ ଘର ପରେ ଏବେ ଶ୍ମଶାନରେ ହାହାକାର। ମଧ୍ୟପ୍ରାଚ୍ୟ ଯୁଦ୍ଧର ନିଆଁ ଏବେ ଶ୍ମଶାନ ଯାଏଁ ବ୍ୟାପିଗଲାଣି। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବର୍ତ୍ତମାନ ସ୍ଥିର ରହିଥିବା ବେଳେ, ବିଶ୍ୱ ସ୍ତରରେ ବୃଦ୍ଧି ପାଉଥିବା ଗ୍ୟାସ୍ ମୂଲ୍ୟ ଘର, ଶିଳ୍ପ ଏବଂ ଶବଦାହ ଉପରେ ପ୍ରଭାବ ପକାଇଛି। ଇରାନ୍-ଇସ୍ରାଏଲରେ ଯୁଦ୍ଧ ହେଉଛି। ହେଲେ ଏହାର ପ୍ରଭାବରେ ଥରୁଛି ଭାରତୀୟ ଅର୍ଥନୀତି। ପ୍ରଥମେ ସେୟାର ବଜାର ଭୁଶୁଡ଼ିଲା, ତା'ପରେ ରୋଷେଇ ଗ୍ୟାସ୍ ଦର ବଢ଼ିଲା, ଆଉ ଏବେ ଶ୍ମଶାନ ଘାଟରେ ବି ପଡ଼ିଛି ଯୁଦ୍ଧର କଳାଛାଇ। ପୁଣେରୁ ଆସିଥିବା ଏହି ଖବର ସାରା ଦେଶକୁ ଚକିତ କରିଛି। ଗ୍ୟାସ୍ ନଥିବାରୁ ଏବେ ଶବଦାହ ଗୃହରେ ଝୁଲୁଛି ତାଲା। ଅନ୍ତିମ ସଂସ୍କାର ପାଇଁ ବି ଏବେ କରିବାକୁ ପଡୁଛି ସଂଘର୍ଷ। ଦାହା ଅପେକ୍ଷାରେ ରହିଛନ୍ତି ଶହ ଶହ ଶବ। ମାର୍ଚ୍ଚ ୫ ତାରିଖରେ ଜାରି ହୋଇଥିବା ଆଦେଶରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ପାଇଁ ପ୍ରୋପେନ୍ ଏବଂ ବ୍ୟୁଟେନ୍ ଷ୍ଟକକୁ ପ୍ରାଥମିକତା ଦିଆଯାଇଥିଲା। ଫଳସ୍ୱରୂପ, ଅଣ-ଘରୋଇ ବ୍ୟବହାର ପାଇଁ ଗ୍ୟାସ୍ ଉପଲବ୍ଧତା ହ୍ରାସ ପାଇଛି। ପୁଣେ ମ୍ୟୁନିସିପାଲ କର୍ପୋରେସନ ଏକ ବଡ଼ ନିଷ୍ପତ୍ତି ନେଇ ସହରର ଗ୍ୟାସ୍ ଭିତ୍ତିକ ଶବଦାହ ଗୃହଗୁଡ଼ିକୁ ଅସ୍ଥାୟୀ ଭାବେ ବନ୍ଦ କରିଦେଇଛି। ପୁଣେର ସବୁଠୁ ପୁରୁଣା ଏବଂ ବଡ଼ 'ବୈକୁଣ୍ଠ ଶ୍ମଶାନ'ରେ ଥିବା ୩ଟି ଯାକ ଗ୍ୟାସ୍ ଚୁଲା ଏବେ ଅଚଳ ହୋଇପଡ଼ିଛି। ଫଳରେ ମୃତଦେହ ସତ୍କାର ପାଇଁ ଆସୁଥିବା ପରିବାର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

'ବୈକୁଣ୍ଠ ଶ୍ମଶାନ'ରେ ପ୍ରତିଦିନ ପ୍ରାୟ ୨୦ ଶବଦାହ କରାଯାଇଥାଏ। ମାତ୍ର ବର୍ତ୍ତମାନ କେବଳ ଦୁଇ ଶବଦାହ ପାଇଁ ଏଲ୍‌ପିଜି ବାକି ଅଛି। ପ୍ରତି ଶବଦାହ ପାଇଁ ପ୍ରାୟ ୧୮ କିଲୋ ଗ୍ୟାସ୍ ଆବଶ୍ୟକ ହୋଇଥାଏ। ସମସ୍ତ ଶବଦାହ ବର୍ତ୍ତମାନ ବୈଦ୍ୟୁତିକ ଚୁଲାରେ କରାଯାଉଛି। ଶ୍ମଶାନର ପାଞ୍ଚଟି ବୈଦ୍ୟୁତିକ ଚୁଲି ଏବଂ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଉପକରଣ ସହିତ କାଠ ଆଧାରିତ ସିଷ୍ଟମ କାର୍ଯ୍ୟକ୍ଷମ ରହିଛି। ପୌରସଂସ୍ଥାର ତଥ୍ୟ ଅନୁଯାୟୀ, ପୁଣେର ପୌରାଞ୍ଚଳରେ ପ୍ରତିଦିନ ପ୍ରାୟ ୧୦୦ ରୁ ୧୫୦ ଜଣଙ୍କର ମୃତ୍ୟୁ ରେକର୍ଡ କରାଯାଉଛି। ସହରରେ ୨୪ଟି ଶ୍ମଶାନ ଅଛି।

ଯୁଦ୍ଧ ଯୋଗୁଁ ସପ୍ଲାଏ ଚେନ୍ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। ଇରାନ ଏବଂ ଆମେରିକା-ଇସ୍ରାଏଲ ମଧ୍ୟରେ ଟେନସନ ଯେତିକି ବଢୁଛି, ସାରା ବିଶ୍ୱରେ ଇନ୍ଧନ ସଙ୍କଟ ସେତିକି ଉତ୍କଟ ହେଉଛି। ପ୍ରଥମେ ସେୟାର ମାର୍କେଟ କ୍ରାସ୍, ତା'ପରେ ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ଏବେ ଶ୍ମଶାନରେ ସତ୍କାର ପାଇଁ ସମସ୍ୟା। ଯୁଦ୍ଧର ଏହି ମୂଲ୍ୟ ଏବେ ସାଧାରଣ ଭାରତୀୟଙ୍କୁ ଦେବାକୁ ପଡୁଛି।

---

## ଦିଲ୍ଲୀର ୪୪% ଜଳ ପ୍ରଦୂଷିତ



### କିଛି ଅଞ୍ଚଳରେ ଗାଧୋଇବା ଉପଯୋଗୀ ବି ନୁହେଁ

ନୂଆଦିଲ୍ଲୀ, ୯।୩ଃ ଭାରତରେ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ଓ ଖାଦ୍ୟ ପ୍ରଦୂଷଣ ଏବେ ଚରମ ସୀମାରେ ପହଞ୍ଚିଛି। ନା' ଶୁଦ୍ଧ ଅମ୍ଳଜାନ ମିଳୁଛି ନା ପିଇବାକୁ ମୁନ୍ଦେ ସ୍ୱଚ୍ଛ ଜଳ। ସବୁଠାରୁ ବଡ଼ କଥା ହେଲା ଖାଦ୍ୟରେ ଏତେ ଅପମିଶ୍ରଣ ହେଲାଣି ଯେ ବାହାରେ ଖାଇବାକୁ ଡର ଲାଗୁଛି। ଘରକୁ ଯାହା କିଣି ଆଣୁଛୁ, ଫଳ ପନିପରିବା ଠାରୁ ଆରମ୍ଭ କରି କ୍ଷୀର ପନୀର ସବୁ ଡୁପ୍ଲିକେଟ୍। ଗାଁ ଗହଳି ଛୋଟ ସହର କଥା ଛାଡ଼ନ୍ତୁ, ଖୋଦ ରାଜଧାନୀ ଦିଲ୍ଲୀରେ ସ୍ୱଚ୍ଛ ପାଣି ମୁନ୍ଦାଏ ମିଳିବା ଦୁରୂହ ବ୍ୟାପାର ହୋଇଗଲାଣି। ଏକ ଗବେଷଣାରୁ ଜଣାପଡ଼ିଛି ଯେ ଦିଲ୍ଲୀରେ ୪୪ ପ୍ରତିଶତ ଜଳ ବେସିକ୍ ମାଇକ୍ରୋବାୟୋଲୋଜିକାଲ ସୁରକ୍ଷା ମାନଦଣ୍ଡ ପୂରା କରିବାରେ ଫେଲ୍ ମାରିଛି।

ଦିଲ୍ଲୀର ୧୮ଟି ସ୍ଥାନରେ ହିନ୍ଦୁସ୍ତାନ ଟାଇମ୍ସ ଦ୍ୱାରା ସାତ ଦିନିଆ ଜଳ ନମୁନା ପରୀକ୍ଷା କରାଯାଇଥିଲା। ଶ୍ରୀରାମ ଇନଷ୍ଟିଚ୍ୟୁଟ୍ ଫର୍ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ ସହିତ କରାଯାଇଥିବା ଏହି ଅଧ୍ୟୟନରୁ ପ୍ରଦୂଷଣର ସ୍ତର ଚିନ୍ତାଜନକ ରହିଛି। ପରୀକ୍ଷିତ ହୋଇଥିବା ୮ଟି ନମୁନାରେ ମୋଟ କୋଲିଫର୍ମ କିମ୍ବା ଇ. କୋଲି ପଜିଟିଭ୍ ମିଳିଛି, ଯାହା ମଳ ପ୍ରଦୂଷଣର ସୂଚକ। ଘରୋଇ ଟ୍ୟାପ୍ ସଂଯୋଗରେ, ବିଶେଷକରି ଆଖପାଖ ପଡ଼ୋଶୀ ପାଇପ୍ ଲାଇନଗୁଡ଼ିକରେ ପ୍ରଦୂଷଣ ଅଧିକାଂଶ ପରିମାଣରେ ଦେଖାଯାଇଥିଲା। ପଶ୍ଚିମ ଦିଲ୍ଲୀର ରାଜୌରୀ ଗାର୍ଡେନରେ ପ୍ରଦୂଷଣର ସର୍ବାଧିକ ସ୍ତର ଥିଲା, ତା'ପରେ ଚିଲ୍ଲା ଗ୍ରାମ ଏବଂ ମୟୂର ବିହାର ଫେଜ୍ ୩ରେ ଥିବା ଡିଡିଏ ଫ୍ଲାଟରେ ଜଳ ପ୍ରଦୂଷିତ ଜଳ ନମୁନା ମିଳିଥିଲା। ହିନ୍ଦୁସ୍ତାନ ଟାଇମ୍ସ ରିପୋର୍ଟ ଅନୁସାରେ ଆବାସିକ ନମୁନା ମଧ୍ୟରୁ ତିନୋଟି ସ୍ଥାନର ପାଣି ଗାଧୋଇବା ଉପଯୋଗୀ ବି ନୁହେଁ। ଅନେକ ଏରିଆରେ ଲୋକେ ପାଣିବୋତଲ କିଣ ରୋଷେଇବାସ କରୁଛନ୍ତି। ଏହାକୁ ବ୍ୟବହାର କରୁଛନ୍ତି। ରାଜୌରୀ ଗାର୍ଡେନବାସୀଙ୍କ କହିବା କଥା ହେଲା ଜିଲ୍ଲୀ ଜଳ ବୋର୍ଡ କୌଣସି ଅଭିଯୋଗ ଶୁଣୁ ନାହାନ୍ତି। ତେଣୁ ବାଧ୍ୟ ହୋଇ ସେମାନେ ବୋତଲ ପାଣିରେ ରୋଷେଇ କରୁଛନ୍ତି।

## ଝାମ୍ପିନେଲେ ୨ ଲକ୍ଷ ଟଙ୍କା, ୨ ଦୁର୍ବୃତ୍ତ ଫେରାର



ରାୟଗଡା,୯।୩ (ସଂଚାର ବ୍ୟୁରୋ): ଦିନ ଦ୍ୱିପ୍ରହରରେ ଝାମ୍ପିନେଲେ ୨ଲକ୍ଷ ଟଙ୍କା । ବ୍ୟାଙ୍କକୁ ଡିପୋଜିଟ ପାଇଁ ଯିବା ବେଳେ ଝାମ୍ପିନେଇ ୨ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି । ରାୟଗଡା ସହର କପିଳାସ ରୋଡ଼ରେ ଥିବା ପାତ୍ର ଇଲେକ୍ଟ୍ରୋନିକ ସୋ ରୁମ୍ ର କୋଷାଧକ୍ଷ ରଂଜିତ କୁମାର ଦଳାଇ ନାମକ ବ୍ୟକ୍ତି ନିକଟରେ ଥିବାଏକ ବ୍ୟାଙ୍କରୁ ଟଙ୍କା ଡିପୋଜିଟ୍ କରିବାକୁ ଯାଉଥିବା ବେଳେ ଏହି ଲୁଟ୍ ହୋଇଛି । ଜିଲ୍ଲା ସଦର ଥାନା ଅଧିକାରୀ ପ୍ରସନ୍ନ କୁମାର ବେହେରା ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛନ୍ତି ।

# ଡାଇରିଆର ନିଦାନ ଲାଗି ସ୍ୱଦେଶୀ କିଟ୍

### କଟକର ବେବିକ୍ୟୁ ପ୍ରାଇଭେଟ୍ ଲିମିଟେଡକୁ ପ୍ରଯୁକ୍ତିବିଦ୍ୟା ବିକାଶ ବୋର୍ଡର ସହାୟତା

ନୂଆଦିଲ୍ଲୀ , ୯।୩ : ଛୋଟ ପିଲାଙ୍କ ମଧ୍ୟରେ ଜୀବାଣୁ ଏବଂ ଅଣଜୀବାଣୁ ଡାଇରିଆ ମଧ୍ୟରେ ପ୍ରଭେଦ ଜାଣିବା ଲାଗି ଏକ ସ୍ୱଦେଶୀ ଦ୍ରୁତିତ ନିଦାନ କିଟ୍ ବା ରାପିଡ୍ ଡାଇଗ୍ନୋଷ୍ଟିକ କିଟ୍ ବିକଶିତ କରାଯିବ। ଏହି କିଟକୁ ବ୍ୟବସାୟିକ ରୂପ ଦେବା ଲାଗି ଏକ ପ୍ରକଳ୍ପର ଶୁଭାରମ୍ଭ ହେବାକୁ ଯାଉଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନ ପ୍ରଯୁକ୍ତିବିଦ୍ୟା ବିକାଶ ବୋର୍ଡ (ଟିଡିବି) ପକ୍ଷରୁ କଟକସ୍ଥିତ ବେବିକ୍ୟୁ ପ୍ରାଇଭେଟ୍ ଲିମିଟେଡକୁ ଦାୟିତ୍ୱ ଦିଆଯାଇଛି। ଏହି ସଂସ୍ଥାକୁ ଡାଇରିଆ ରୋଗର ଦ୍ରୁତିତ ଯାଞ୍ଚ ଲାଗି ଡିସ୍ପୋଜେବଲ ପେପର୍ ବିଶ୍ଳେଷଣାତ୍ମକ ଉପକରଣ ବିକଶିତ କରିବା ଲାଗି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ଡାଇକ୍ୟୁ କିଟ୍ ନାମକ ପ୍ରସ୍ତାବିତ ଉତ୍ପାଦ



ଦେଶରେ ପିଲାମାନଙ୍କ ମଧ୍ୟରେ ଦେଖା ଦେଉଥିବା ଡାଇରିଆ ରୋଗର ବ୍ୟାପକ ସମସ୍ୟାକୁ ସମାଧାନ କରିବା ଲାଗି ଜୈବ ପ୍ରଯୁକ୍ତିବିଦ୍ୟା ଏବଂ ପଦାର୍ଥ ବିଜ୍ଞାନକୁ ମିଶ୍ରଣ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱଦେଶୀ ଉଦ୍ଭାବନ। ଏହି କିଟକୁ ଏକ ଦ୍ରୁତ, ଅଣ-କ୍ଷତିକାରକ ଏବଂ କମ ଖର୍ଚ୍ଚରେ ରୋଗ ନିର୍ଣ୍ଣୟ ଉପକରଣ ଭାବରେ ଡିଜାଇନ କରାଯାଇଛି। ଏହାକୁ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଏପରିକି ଅସ୍ଥାୟୀ ରୋଗ ନିର୍ଣ୍ଣୟ କେନ୍ଦ୍ରଗୁଡ଼ିକରେ ବ୍ୟବହାର କରାଯାଇପାରିବ। ଡାଇକ୍ୟୁ ଉପକରଣ ଲ୍ୟାଟେରାଲ ଫ୍ଲୋ ଏସେ ଜ୍ଞାନକୌଶଳ ଉପରେ ଆଧାରିତ। ଏହା ରୋଗ ସଂକ୍ରମିତ ମଳ ବାୟୋମାର୍କର ଉପଯୋଗ କରି ଦ୍ରୁତ ଗତିରେ ରୋଗ ଚିହ୍ନଟ କରିପାରିବ। ଏହି ପ୍ରଣାଳୀରେ ଗୋଲ୍ଡ ନାନୋପାର୍ଟିକିଲ୍ ଆଧାରିତ କଲରମେଟ୍ରିକ ଡିଟେକ୍ସନ ପଦ୍ଧତି ବ୍ୟବହାର କରାଯାଏ। ଏହା ଫଳାଫଳକୁ ସ୍ୱତନ୍ତ୍ର ପରୀକ୍ଷାଗାର ଉପକରଣ ବିନା ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରିବାକୁ ଅନୁମତି ଦିଏ। ପ୍ରୋପ୍ରାଇଟେରୀ ବାୟୋମାର୍କର ଏବଂ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା ରିଏଜେଣ୍ଟର ବ୍ୟବହାର ଉଚ୍ଚ ସମ୍ବେଦନଶୀଳତା ଏବଂ ନିର୍ଦ୍ଦିଷ୍ଟତା ସୁନିଶ୍ଚିତ କରେ। ଫଳରେ ଜୀବାଣୁ ଏବଂ ଅଣ-ଜୀବାଣୁ ସଂକ୍ରମଣ ମଧ୍ୟରେ ଭରସାଯୋଗ୍ୟ ପାର୍ଥକ୍ୟ ଜଣାପଡ଼ିଥାଏ। ଏହି ପରୀକ୍ଷଣ ପ୍ରକ୍ରିୟା ଅତ୍ୟନ୍ତ ସରଳ ଏବଂ ଯାଞ୍ଚ ପାଇଁ ଉପଯୁକ୍ତ । ଡାଇକ୍ୟୁ ଡାଇଗ୍ନୋଷ୍ଟିକ୍ ପ୍ଲାଟଫର୍ମର ପ୍ରମୁଖ ସୁବିଧାଗୁଡ଼ିକ ହେଉଛି ଜୀବାଣୁ ଏବଂ ଅଣ-ଜୀବାଣୁ ଡାଇରିଆ ମଧ୍ୟରେ ଦ୍ରୁତ ପାର୍ଥକ୍ୟ ଜାଣିବା ଏବଂ ଅନାବଶ୍ୟକ ଆଣ୍ଟିବାୟୋଟିକ୍ ବ୍ୟବହାର ତଥା ଆଣ୍ଟିମାଇକ୍ରୋବାୟଲ୍ ପ୍ରତିରୋଧ ହ୍ରାସ କରିବା । ଏହି କିଟ୍ କୁ ଚିକିତ୍ସା ଏବଂ କ୍ଷେତ୍ର ପରିବେଶରେ ବ୍ୟବହାର କରିବା ସହଜ, ଏହା ଅତ୍ୟାଧୁନିକ ପରୀକ୍ଷାଗାର ଭିତ୍ତିଭୂମି ଉପରେ ନିର୍ଭରଶୀଳତା କମାଇବ। ଏହି ପ୍ରଯୁକ୍ତିବିଦ୍ୟା ହାଇଦ୍ରାବାଦର ଜାତୀୟ ଔଷଧୀୟ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ ସହଯୋଗରେ ବିକଶିତ ହୋଇଛି। ହାଇଦ୍ରାବାଦର କର୍ମଚାରୀ ରାଜ୍ୟ ବୀମା ନିଗମ-ଇଏସଆଇସି ହସ୍ପିଟାଲରେ ଏହାକୁ ଚିକିତ୍ସା କ୍ଷେତ୍ରରେ ପ୍ରମାଣିତ ହୋଇଛି।

### କରୁର ଦଳାଚକଟା ମାମଲା

## ବିଜୟଙ୍କୁ ପୁଣି ଥରେ ସିବିଆଇ ସମନ



ହାଇଦ୍ରାବାଦ , ୯।୩ (ସଂଚାର ବ୍ୟୁରୋ) : କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗତ ବର୍ଷ ଘଟିଥିବା କରୁର ଦଳାଚକଟା ମାମଲାରେ ଅଭିନେତାରୁ ରାଜନେତା ହୋଇଥିବା ଏବଂ ତାମିଲଗା ଭେଟ୍ରି କାଝାଗମ (ଟିଭିକେ) ମୁଖ୍ୟ ଜୋଶେଫ ବିଜୟ ଚନ୍ଦ୍ରଶେଖରଙ୍କୁ ମଙ୍ଗଳବାର ଆଉ ଥରେ ପଚରାଉଚରା ପାଇଁ ସମନ ଜାରି କରିଛି। ତଦନ୍ତ ଅନ୍ତର୍ଗତ ଅଭିନେତା ପୂର୍ବରୁ ଜାନୁଆରି ୧୨ ଏବଂ ଜାନୁଆରି ୧୯ ତାରିଖରେ ଦେଶର ସର୍ବୋଚ୍ଚ ତଦନ୍ତ ସଂସ୍ଥାର ମୁଖ୍ୟାଳୟରେ ହାଜର ହୋଇଥିଲେ। ଅଧିକାରୀମାନେ ସୂଚିତ କରିଛନ୍ତି ଯେ, ତଦନ୍ତକାରୀମାନେ ବିଜୟଙ୍କଠାରୁ ଅଧିକ ସ୍ପଷ୍ଟୀକରଣ ଆବଶ୍ୟକ କରୁଥିବା ଅତିରିକ୍ତ ପ୍ରମାଣ ଓ ସାମଗ୍ରୀ ସଂଗ୍ରହ କରିଛନ୍ତି, ଯାହା ଫଳରେ ତାଙ୍କୁ ପୁଣି ଥରେ ହାଜର ହେବାକୁ ଏକ ନୂଆ ନୋଟିସ୍ ଜାରି କରାଯାଇଛି। ଏହି ତଦନ୍ତ ୨୭ ସେପ୍ଟେମ୍ବର ୨୦୨୫ରେ ତାମିଲନାଡୁର କରୁର ଜିଲ୍ଲାରେ ବିଜୟଙ୍କ ଦ୍ୱାରା ସମ୍ବୋଧିତ ଏକ ରାଜନୈତିକ ରାଲି ସମୟରେ ଘଟିଥିବା ଦଳାଚକଟା ସହିତ ଜଡିତ। ଏହି ଦୁଃଖଦ ଘଟଣା ଫଳରେ ୪୧ ଜଣଙ୍କର ମୃତ୍ୟୁ ଘଟିଥିଲା ଏବଂ ୬୦ ରୁ ଅଧିକ ଆହତ ହୋଇଥିଲେ।

## ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶଙ୍କ କାଳିଘାଟ ମନ୍ଦିର ପରିଦର୍ଶନ



କୋଲକାତା,୯।୩ (ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗର ତିନି ଦିନିଆ ଗସ୍ତରେ ଥିବା ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ସୋମବାର ସକାଳେ କୋଲକାତାର ପ୍ରସିଦ୍ଧ କାଳିଘାଟ ମନ୍ଦିରରେ ପୂଜା ଦେବାକୁ ପହଞ୍ଚିଥିଲେ। ଏହି ସମୟରେ କିଛି ଲୋକ ମନ୍ଦିର ବାହାରେ ପ୍ରତିବାଦ କରିଥିଲେ ଏବଂ ନିର୍ବାଚନ କମିଶନଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ମନୋଜ କୁମାର ଅଗ୍ରୱାଲ ମଧ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କ ସହିତ ଉପସ୍ଥିତ ଥିଲେ। ଦୁହେଁ ମନ୍ଦିରରେ ପହଞ୍ଚିବା ପୂର୍ବରୁ ମନ୍ଦିର ପରିସର ବାହାରେ ପ୍ରତିବାଦ ଆରମ୍ଭ ହୋଇଥିଲା। ପ୍ରତିବାଦକାରୀମାନେ କଳା ପତାକା ଦେଖାଇ ନିର୍ବାଚନ କମିଶନ ଏବଂ ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ବିରୋଧରେ ସ୍ଲୋଗାନ ଦେଇଥିଲେ। ପ୍ରତିବାଦକାରୀମାନେ ଅଭିଯୋଗ କରିଥିଲେ ଯେ ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ମାଧ୍ୟମରେ ଅନେକ ଭୋଟରଙ୍କ ନାମ ଅଯଥାରେ ଭୋଟର ତାଲିକାରୁ ବାଦ ଦିଆଯାଇଛି। ପ୍ରତିବାଦକାରୀମାନେ ମୁଖ୍ୟ ନିର୍ବାଚନ କମିଶନରଙ୍କ ସମ୍ମୁଖରେ କମିଶନଙ୍କ ବିରୋଧରେ ସେମାନଙ୍କର କ୍ରୋଧ ପ୍ରକାଶ କରିଥିଲେ। ବିରୋଧ ପ୍ରଦର୍ଶନ ମଧ୍ୟରେ ଜ୍ଞାନେଶ କୁମାର ମନ୍ଦିରରେ ପ୍ରବେଶ କରି ପୂଜା ଦେଇଥିଲେ। ସେହି ସମୟରେ ସେ କୌଣସି ମନ୍ତବ୍ୟ ଦେଇ ନଥିଲେ। ମନ୍ଦିର ଛାଡିବା ପରେ ସାମ୍ବାଦିକଙ୍କ ସହ ଏକ ସଂକ୍ଷିପ୍ତ ଆଲୋଚନାରେ ସେ କେବଳ କହିଥିଲେ, 'ପଶ୍ଚିମବଙ୍ଗର ସମସ୍ତ ଭାଇଭଉଣୀଙ୍କୁ ମୋର ନମସ୍କାର। ମା' କାଳୀ ସମସ୍ତଙ୍କୁ ଭଲରେ ରଖନ୍ତୁ।'

# ସରକାରଙ୍କ ନିର୍ଦ୍ଦେଶକୁ ମାନୁନାହାଁନ୍ତି ବାବୁ

ଭୁବନେଶ୍ୱର, ୯।୩ (ସଂଚାର ବ୍ୟୁରୋ) : ସରକାର ସମ୍ପତ୍ତି ତାଲିକା ମାଗୁଛନ୍ତି, ହେଲେ ସରକାରୀ ବାବୁମାନେ ତାଲିକା ଦେବାକୁ ନାରାଜ। ଡେଡଲାଇନ ପୁରିବାକୁ ଆଉ ହାତରେ ମାତ୍ର କେଇଟା ଦିନ। ହେଲେ ଏବେ ବି ଲକ୍ଷାଧିକ ସରକାରୀ ଅଧିକାରୀ ସମ୍ପତ୍ତି ତାଲିକା ନଦେଇ ସରକାରଙ୍କ ନିର୍ଦ୍ଦେଶକୁ ଫୁ କରି ଉଡାଇଦେଇଛନ୍ତି।

ପ୍ରଥମେ ଡେଡଲାଇନ ଘୁଞ୍ଚିଲା,ଏବେ ସରିବାକୁ ବସିଲାଣି । ହେଲେ ସରକାରୀ ବାବୁଙ୍କର ନିଦ ଭାଙ୍ଗୁନି। ସରକାରଙ୍କ ନାଲିଆଖିକୁ ବି ଭୟ ନାହିଁ । ସମ୍ପତ୍ତି ତାଲିକା ନ ଦେବାକୁ ଯେମିତି ମନସ୍ଥିର କରିଦେଇଛନ୍ତି ଲକ୍ଷାଧିକ ସରକାରୀ ବାବୁ। ବିଧାନସଭାରୁ ଆସିଥିବା ଉତ୍ତରରେ



କିଛି ଏଭଳି ତଥ୍ୟ ସାମ୍ନାକୁ ଆସିଛି। ସିଏମ୍‌ଜିଆଇରୁ ପ୍ରାପ୍ତ ସୂଚନା ଅନୁଯାୟୀ, ମାର୍ଚ୍ଚ ୨ ତାରିଖ ସୁଦ୍ଧା ୧ ଲକ୍ଷ ୨୫ ହଜାର ୮୪୭ ଜଣ ସରକାରୀ କର୍ମଚାରୀ ସମ୍ପତ୍ତି ତାଲିକା ଦାଖଲ କରିନାହାନ୍ତି । ବାରମ୍ବାର ତାଗିଦ ସତ୍ତ୍ୱେ ଅଫିସରମାନେ ସମ୍ପତ୍ତି ତାଲିକା ଦାଖଲ କରୁନଥିବା ବେଳେ ସରକାର ମଧ୍ୟ କାର୍ଯ୍ୟାନୁଷ୍ଠାନ ନେଉନାହାଁନ୍ତି। ପ୍ରଥମେ ଜାନୁଆରୀ ୩୧ ସୁଦ୍ଧା ସମ୍ପତ୍ତି ତାଲିକା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ ସରକାର। ଅବଧି ସରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନନେଇ ମାର୍ଚ୍ଚ ୩୧ ଯାଏଁ ଡେଡଲାଇନ ବଢାଇଲେ ସରକାର। କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଇଛନ୍ତି ସରକାର, ହେଲେ ଏଭଳି ନାଲି ଆଖିକୁ ସରକାରୀ ବାବୁମାନେ ଭୟ କରୁଛନ୍ତି କି ନାହିଁ ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ଅନେକ ବଡ଼ ବାବୁଙ୍କ ଘରେ ଭିଜିଲାନ୍ସ ଚଢାଉରେ ପୁଳା ପୁଳା ଆୟ ବର୍ହିଭୂତ ସମ୍ପତ୍ତି ବାହାରୁଛି । ତେଣୁ ଅମାନିଆ ବାବୁ ସମ୍ପତ୍ତି ତାଲିକା ନ ଦେବା ଯେତିକି ସନ୍ଦେହଜନକ ସେତିକି ପ୍ରଶ୍ନବାଚୀ। କଳାଧନକୁ ସୁରକ୍ଷା ଦେବାକୁ ସମ୍ପତ୍ତି ତାଲିକା ଦେଉନଥିବା ଚର୍ଚ୍ଚା ହେଉଛି।

# ଡୋମଜୁରରେ ଟାୟାର ଗୋଦାମରେ ଅଗ୍ନିକାଣ୍ଡ



କୋଲକାତା,୯।୩ (ସଂଚାର ବ୍ୟୁରୋ): ଡୋମଜୁରର ପାକୁରିଆ ଅଞ୍ଚଳରେ ଅଗ୍ନିକାଣ୍ଡକୁ ନେଇ ଆତଙ୍କ। ରବିବାର ରାତି ପ୍ରାୟ ୧୦ଟା ସମୟରେ ଜାତୀୟ ରାଜପଥ କଡ଼ରେ ଥିବା ଏକ ଟାୟାର ଗୋଦାମରେ ହଠାତ୍ ନିଆଁ ଲାଗିଯାଇଥିଲା। କିଛି ମୁହୂର୍ତ୍ତ ମଧ୍ୟରେ ନିଆଁ ଭୟଙ୍କର ରୂପ ନେଇଥିଲା ଏବଂ ଗୋଦାମରେ ଗଚ୍ଛିତ ବହୁ ସଂଖ୍ୟକ ଟାୟାର ଜଳିବାକୁ ଲାଗିଲା। ନିଆଁର ତୀବ୍ରତା ଏତେ ଥିଲା ଯେ ପାଖରେ ଠିଆ ହୋଇଥିବା ଏକ କ୍ରେନରେ ମଧ୍ୟ ନିଆଁ ଲାଗିଯାଇଥିଲା। କିଛି ସମୟ ମଧ୍ୟରେ କ୍ରେନଟି ସମ୍ପୂର୍ଣ୍ଣ ଭସ୍ମିଭୂତ ହୋଇଯାଇଥିଲା। ନିଆଁ ଏବଂ ଘନ କଳା ଧୂଆଁ ଯୋଗୁଁ ଆଖପାଖ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ସୂଚନା ପାଇ ଅଗ୍ନିଶମ ବିଭାଗ ଏବଂ ଡୋମଜୁର ଥାନାର ପୋଲିସ ଘଟଣାସ୍ଥଳରେ ପହଞ୍ଚିଲେ। ନିଆଁ ଲିଭାଇବା ପାଇଁ ୪ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିବା ପାଇଁ କାମ ଆରମ୍ଭ କରିଦେଇଥିଲା। ଗୋଦାମରେ କିପରି ନିଆଁ ଲାଗିଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଅଗ୍ନିଶମ ବିଭାଗର ପ୍ରାରମ୍ଭିକ ଅନୁମାନ ଯେ ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଥାଇପାରେ। ଗୋଦାମରେ ଥିବା ଜ୍ୱଳନଶୀଳ ସାମଗ୍ରୀ ଯୋଗୁଁ ନିଆଁ ବ୍ୟାପିଯାଇଥିଲା।

# ୧୦୦୦ତମ ଅଧ୍ୟାୟରେ 'ତୁ ଖରା ମୁଁ ଛାଇ'



ଭୁବନେଶ୍ୱର, ୯।୩ (ସଂଚାର ବ୍ୟୁରୋ) : ଲୋକପ୍ରିୟ ଓଡ଼ିଆ ଚ୍ୟାନେଲ ଜୀ ସାର୍ଥକରେ ସଫଳତାର ସହିତ ଆଗେଇ ଚାଲିଛି ମେଗା ଧାରାବାହିକ 'ତୁ ଖରା ମୁଁ ଛାଇ'। ସୋମବାରରୁ ଶନିବାର ରାତି ୮ଟା ୩୦ରେ ପ୍ରସାରିତ ହେଉଥିବା ଭିନ୍ନ ଧରଣର ଏହି ଧାରାବାହିକ ପହଞ୍ଚିଛି ୧୦୦୦ ତମ ଅଧ୍ୟାୟରେ। ଅକ୍ଷୟ ପରିଜାଙ୍କ ପ୍ରଯୋଜନା ଓ ବିଶ୍ୱରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ଧାରାବାହିକ 'ତୁ ଖରା ମୁଁ ଛାଇ'ର କାହାଣୀ ଏକ ନୂଆ ମୋଡ଼ ନେଇଛି। ସମୟର ଚକ୍ରରେ ସାତ ବର୍ଷ ବିତିଯାଇଛି, କିନ୍ତୁ ଅଭି ଆଉ ସେହି ପୁରୁଣା ଅଭି ହୋଇ ରହିନାହିଁ। ମାନିର ମୃତ୍ୟୁ ଖବର ତାକୁ ଭିତରୁ ସଂପୂର୍ଣ୍ଣ ବଦଳାଇ ଦେଇଛି। ସେ ଏବେ ଜଣେ ଶାନ୍ତ, ଗମ୍ଭୀର କିନ୍ତୁ ରହସ୍ୟମୟ ବ୍ୟକ୍ତିତ୍ୱ ସାଜିଛି । ଅନ୍ୟପଟେ, କାହାଣୀର ଦୃଶ୍ୟପଟ୍ଟ କିଛି ଅଲଗା। ମାନି ମରିନାହିଁ ବରଂ ନିଜର ଅତୀତକୁ ପାଶୋରି ଏକ ଭିନ୍ନ ଦୁନିଆରେ ବଞ୍ଚୁଛି। ମାନସିକ ଅସୁସ୍ଥତା ସହ ସଂଗ୍ରାମ କରୁଥିବା ମାନିର ଜୀବନ ଏବେ ତା'ର ଛଅ ବର୍ଷର ପୁଅ 'ଗୋଲୁ'କୁ କେନ୍ଦ୍ର କରି ଗତି କରୁଛି। ନିଜ ପୁଅକୁ ଏକ ସୁରକ୍ଷିତ ଭବିଷ୍ୟତ ଦେବା ପାଇଁ ସେ ଅକ୍ଲାନ୍ତ ପରିଶ୍ରମ କରୁଛି। ତେବେ କାହାଣୀରେ 'ମାଧବ'ର ପ୍ରବେଶ ସବୁକିଛି ଓଲଟପାଲଟ କରିଦେଉଛି। ମାଧବ ନିଜର ପ୍ରତିଶୋଧ ନେବା ପାଇଁ ମାନି ଭିତରେ ଲୁଚି ରହିଥିବା କ୍ରୋଧ ଓ ଅସନ୍ତୋଷକୁ ଉସୁକାଉଛି। ଏହିଠାରୁ ଆରମ୍ଭ ହେଉଛି ଏକ ଭୟଙ୍କର ଷଡ଼ଯନ୍ତ୍ର, ଯାହା ମାନିକୁ ନିଜ ଭାଗ୍ୟ ସହ ଲଢ଼ିବାକୁ ବାଧ୍ୟ କରୁଛି।

# ୧୨୦ମୋବାଇଲ ଫୋନ ଉଦ୍ଧାର, ୨ ଗିରଫ

କୋଲକାତା, ୯।୩(ସଂଚାର ବ୍ୟୁରୋ): ମୁର୍ଶିଦାବାଦର ସୁତି ଥାନାର ପୋଲିସ ଅଭିଯାନରେ ବଡ଼ ସଫଳତା ମିଳିଛି। ପୋଲିସ ମୋଟ ୧୨୦ଟି ଚୋରି ମୋବାଇଲ ଫୋନ୍ ଉଦ୍ଧାର କରିଛି। ଏହି ଘଟଣାରେ ଦୁଇ ଯୁବକଙ୍କୁ ଗିରଫ କରାଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗୁପ୍ତ ସୂତ୍ରରୁ ସୂଚନା ପାଇବା ପରେ ସୁତି ଥାନାର ଆଇସି ତନ୍ମୟ ଭକ୍ତଙ୍କ ନେତୃତ୍ୱରେ ଏସ୍ଆଇ ମହମ୍ମଦ ସାହାଜାହାନ ଏବଂ ତାଙ୍କ ଦଳ ସୁତିର ମାଦୁପୁରର ବଟଗାଛତଳା ଅଞ୍ଚଳରେ ଚଢାଉ କରିଥିଲେ। ସେଠାରୁ ଗିରଫ ହୋଇଥିବା ବ୍ୟକ୍ତିଙ୍କଠାରୁ ଚୋରି ମୋବାଇଲ ଫୋନ୍ ଉଦ୍ଧାର କରାଯାଇଥିଲା। ଉଦ୍ଧାର ହୋଇଥିବା ମୋବାଇଲ ଫୋନ୍ ମଧ୍ୟରେ ୧୯ଟି ଆଇଫୋନ୍ ଏବଂ ବିଭିନ୍ନ ପ୍ରସିଦ୍ଧ ବ୍ରାଣ୍ଡର ଫୋନ୍ ଅନ୍ତର୍ଭୁକ୍ତ। ଫରାକ୍କାର ଏସ୍‌ଡିପିଓ ଶେଖ୍ ଶାମସୁଦ୍ଦିନ କହିଛନ୍ତି ଯେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ନାମ ମହମ୍ମଦ ଶକିଲ ଓରଫ ଜାମରୁଲ (୩୧) ଏବଂ ନୋରଙ୍ଗ ବାଦଶା ଓରଫ ଉସୟ (୧୯)। ଦୁହେଁ ମୁର୍ଶିଦାବାଦର ସୁତି ଅଞ୍ଚଳର ବାସିନ୍ଦା। ପ୍ରାଥମିକ ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ ଚୋରି ମୋବାଇଲ ଫୋନଗୁଡ଼ିକ ବିଭିନ୍ନ ଅଞ୍ଚଳରୁ ସଂଗ୍ରହ କରାଯାଇଥିଲା। ପୋଲିସ ସନ୍ଦେହ କରୁଛି ଯେ ସେଗୁଡ଼ିକୁ ବାଂଲାଦେଶକୁ ଚୋରା ଚାଲାଣ ଉଦ୍ଦେଶ୍ୟରେ ରଖାଯାଇଥିଲା। ଗିରଫ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ସୁତି ଥାନାରେ ଏକ ନିର୍ଦ୍ଦିଷ୍ଟ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ତାହାର ତଦନ୍ତ କରୁଛି ସୁତି ଥାନାର ପୁଲିସ।

# କୋର୍ଟରେ ବୋମା ଗୁଜବ- ଧରାପଡୁ ନାହାନ୍ତି ଗୁଜବକାରୀ

ଭୁବନେଶ୍ୱର,୯।୩ः ବୋମା ଗୁଜବ ଯୋଗୁଁ ଓଡ଼ିଶାରେ ବାରମ୍ବାର ଆଇନ୍ ଅଦାଲତ କାର୍ଯ୍ୟ ବ୍ୟାହତ ହେଉଥିବାବେଳେ ଗୁଜବ ରଟନାକାରୀମାନଙ୍କୁ ଧରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରୁ ନାହିଁ। ଫଳରେ ଏମାନେ ବାରମ୍ବାର ମିଛ ଆତଙ୍କ ସୃଷ୍ଟି କରି ଚାଲିଛନ୍ତି। କଟକରୁ ସମ୍ବଲପୁର ଏବଂ କଳାହାଣ୍ଡିରୁ ପୁରୀ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବୋମା ଆତଙ୍କ କାରଣରୁ ବାରମ୍ବାର କୋର୍ଟ କାର୍ଯ୍ୟ ବ୍ୟାହତ ହୋଇଛି। ଏଥିଯୋଗୁଁ କୋର୍ଟ କର୍ମଚାରୀଙ୍କ ସମେତ ଓକିଲ ଓ ଅଦାଲତକୁ ଆସୁଥିବା ବାଦୀ, ପ୍ରତିବାଦୀ, ସାକ୍ଷୀ ଇତ୍ୟାଦି ମଧ୍ୟ ଭୟଭୀତ ହେଉଛନ୍ତି। ବୋମା ଗୁଜବ ସଂକ୍ରାନ୍ତରେ ବାର୍ତ୍ତା ମିଳିବା ପରେ କର୍ତ୍ତୃପକ୍ଷ ତୁରନ୍ତ ପୁଲିସକୁ ଖବର ଦେଉଛନ୍ତି ଏବଂ ପୁଲିସ ମଧ୍ୟ ବୋମା ଅନୁସନ୍ଧାନକାରୀ କୁକୁରଙ୍କ ସହ ଆସି ଅଦାଲତ ପରିସର ଓ ତାହାର ଆଖପାଖ ଅଞ୍ଚଳରେ ଯାଞ୍ଚ କରୁଛନ୍ତି। ପୁଲିସଠାରୁ ସବୁଜ ସଂକେତ ପାଇବା ପରେ ପୁଣି କୋର୍ଟ କାର୍ଯ୍ୟ ଆରମ୍ଭ ହେଉଛି। ବାରମ୍ବାର କିଏ କାହିଁକି ବିଭିନ୍ନ ଅଦାଲତକୁ ମିଛ ବୋମା ଧମକ ଦେଉଛି ତାହାର ଖୋଳତାଡ଼ ଅବଶ୍ୟ ପୁଲିସ କରୁଛି। କିନ୍ତୁ ଏଯାବତ ଏହି ଘଟଣାରେ କାହାକୁ ଗିରଫ କରାଯାଇନାହିଁ। ଏଭଳି ଧମକ କେଉଁ ସୂତ୍ରରୁ ଆସୁଛି ତାହା ଖୋଜିବା ଦିଗରେ ପୁଲିସର ବୈଷୟିକ ଦଳସବୁ କସରତ ଜାରି ରଖିଛନ୍ତି। କେବଳ କୋର୍ଟ ନୁହେଁ, ବୋମା ଗୁଜବ ପ୍ରଚାରିତ ହେବା ପରେ ଆଖପାଖ ଅଞ୍ଚଳର ଅନ୍ୟ ସରକାରୀ ଓ ବେସରକାରୀ ଦପ୍ତର ଏବଂ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ବି ଅଚଳ ହୋଇଯାଉଛି। ଏମିତିକି ଗୁଜବ ବୋମା ଆତଙ୍କରେ ସମ୍ପୃକ୍ତ ଅଞ୍ଚଳରୁ ଲୋକେ ସେମାନଙ୍କ ଗାଡ଼ିମୋଟର ମଧ୍ୟ ନେଇ ପଳାଉଛନ୍ତି। ଏଠାରେ ଉଲ୍ଲେଖନୀୟ ଯେ ଓଡ଼ିଶାରେ ଏବେ ବିଭିନ୍ନ ଆଇନ ଅଦାଲତରେ ପ୍ରାୟ ୨୨ଲକ୍ଷ ମାମଲା ବିଚାର ପ୍ରତୀକ୍ଷାରେ ରହିଛି। ଏଥିରୁ ପାଖାପାଖି ୧୫ଲକ୍ଷ ଅପରାଧିକ ମାମଲା ବୋଲି କୁହାଯାଉଛି। ବର୍ଷକୁ ବର୍ଷ ମାମଲା ସଂଖ୍ୟା ବୃଦ୍ଧି ପାଉଥିବାବେଳେ ବିଭିନ୍ନ କାରଣରୁ ଫଇସଲା ସଂଖ୍ୟା ଆଶାନୁରୂପ ହେଉନାହିଁ। ଏମିତିକି ୨୦/୩୦ ବର୍ଷ ତଳର ଅନେକ ପୁରୁଣା ମାମଲା ବି ଗଡୁଛି। କେତେକ ଦେୱାନୀ ମାମଲା ପୁରୁଷ ପୁରୁଷ ଧରି ଚାଲୁଥିବାବେଳେ ବିଳମ୍ବିତ ବିଚାର ଯୋଗୁଁ ବହୁ ଅପରାଧିକ ମାମଲା ବି ଦୁର୍ବଳ ହୋଇଯାଉଛି। ପୁରୁଣା ମାମଲା ଏକ ଆହ୍ୱାନ ଭାବେ ଉଭା ହୋଇଥିବାରୁ ଇତିମଧ୍ୟରେ ସୁପ୍ରିମକୋର୍ଟ ସବୁ ହାଇକୋର୍ଟଙ୍କୁ ପତ୍ର ଲେଖି ପ୍ରତି ଶନିବାରରେ କୋର୍ଟ କାର୍ଯ୍ୟ ଅବ୍ୟାହତ ରଖିବାକୁ କହିଛନ୍ତି। ଏ ପରିପ୍ରେକ୍ଷୀରେ ଓଡ଼ିଶା ହାଇକୋର୍ଟରେ ମଧ୍ୟ ପୁରୁଣା ମାମଲା ଫଇସଲା ପାଇଁ ଶନିବାରିଆ ଅଦାଲତ କାମ ଆରମ୍ଭ ହୋଇଛି। ତେବେ ଅଭିଜ୍ଞ ଆଇନ୍‌ଜୀବୀମାନେ କହୁଛନ୍ତି ଯେ ପୁରୁଣା ମାମଲା ଫଇସଲା ପାଇଁ ସମୟସୀମା ରଖାଯିବା ସହିତ ନୂଆ ମାମଲାଗୁଡ଼ିକର ଯେପରି ତ୍ୱରିତ ଫଇସଲା ହୋଇପାରିବ ତାହା ଉପରେ ଗୁରୁତ୍ୱ ଦେଇ ଭିତ୍ତିଭୂମିର ବିକାଶ କରାଯିବାର ଆବଶ୍ୟକ। ଅନ୍ତତଃପକ୍ଷେ ୨୦୦୦ ମସିହା ପୂର୍ବରୁ ରୁଜୁ ହୋଇ ଏଯାବତ୍ ଗଡୁଥିବା ଅପରାଧିକ ମାମଲାଗୁଡ଼ିକୁ ଆଗାମୀ ଗ୍ରୀଷ୍ମାବକାଶ ମଧ୍ୟରେ ଫଇସଲା କରାଯାଇପାରିଲେ ଓଡ଼ିଶା ସାରା ଦେଶ ପାଇଁ ଉଦାହରଣ ସୃଷ୍ଟି କରିପାରନ୍ତା ବୋଲି ଆଇନ୍‌ଜୀବୀମାନେ କହୁଛନ୍ତି। ମାମଲା ଫଇସଲା ପାଇଁ ବିଚାରପତିଙ୍କଠାରୁ ଆରମ୍ଭ କରି ବାଦୀ ଓ ପ୍ରତିବାଦୀମାନେ ଆଗ୍ରହ ପ୍ରକାଶ କରୁଥିବାବେଳେ ବାରମ୍ବାର ବୋମା ଗୁଜବ ସୃଷ୍ଟି କରି ରାଜ୍ୟର ବିଭିନ୍ନ ସ୍ଥାନରେ ଆଇନ୍ ଅଦାଲତ କାର୍ଯ୍ୟ ବ୍ୟାହତ କରାଯିବା ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବୋଲି କୁହାଯାଉଛି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସବୁ...

ମତାମତକୁ ଗୁରୁତ୍ୱ ଦେଇଛନ୍ତି। ବର୍ତ୍ତମାନର ବଜାର ସ୍ଥିତି ଅନୁଯାୟୀ କେନ୍ଦ୍ର, ରାଜ୍ୟ ଓ ଅନ୍ୟ ସ୍ୱୟଂଶାସିତ ସରକାରୀ ଅନୁଷ୍ଠାନର କର୍ମଚାରୀମାନେ ନିଜ ନିଜର ମତାମତ ଦେବେ। ଏଥିପାଇଁ କେନ୍ଦ୍ର ବେତନ କମିଶନ ଏକ ଓ୍ୱେବସାଇଟରେ ସେମାନଙ୍କ ମତାମତ ଆହ୍ୱାନ କରିଛନ୍ତି। କମିଶନ ଏଥିପାଇଁ ଏକ ଦୀର୍ଘ ପ୍ରଶ୍ନପତ୍ର ମଧ୍ୟ ପ୍ରସ୍ତୁତ କରିଛନ୍ତି।

### ୨୪ ଘଣ୍ଟାରେ...

ଖୋଦ ରାଜ୍ୟ ସରକାର ବିଧାନସଭାରେ ଏଭଳି ତଥ୍ୟ ରଖିଛନ୍ତି। ସେ ମଧ୍ୟରୁ ଯାହା ଭିତରୁ ଗତ ୪ବର୍ଷର ତଥ୍ୟ ଚମକାଇଲା ଭଳି। ଗତବର୍ଷ ସର୍ବାଧିକ ୧୨ ହଜାର ୩୭୫ଟି ମାମଲା ରୁଜୁ ହୋଇଥିବା ବେଳେ ୬ହଜାର ୪୩୮ ଜଣଙ୍କ ଜୀବନ ଯାଇଛି। ଦିନକୁ ରାଜ୍ୟରେ ସଡକ ଦୁର୍ଘଟଣାରେ ହାରାହାରି ୧୭ଜଣଙ୍କ ମୃତ୍ୟୁ ହେଉଛି।

### ୩ ରାଜ୍ୟ...

ରାଜନୈତିକ ଦୃଷ୍ଟିକୋଣରୁ ସମ୍ବେଦନଶୀଳ । କାରଣ ଏହି ରାଜ୍ୟର ପ୍ରତ୍ୟେକ ଆସନର ଗଣିତ ଜାତୀୟ ରାଜନୀତିକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି ।

### ଛାତି...

ସେହିପରି ୨୦୨୫ ରେ ୪୯ ହଜାର ୪୨୬ ମାମଲା ରୁଜୁ ହେଇଥିବା ବେଳେ ୪୩୨ କୋଟି ୨୮ ଲକ୍ଷ ଟଙ୍କା ଲୁଟିନେଇ ଛନ୍ତି ସାଇବର ଠକ। ଯାହା ଭିତରୁ ଫେରିପାରିଛି ମାତ୍ର ୫ କୋଟି ୩୧ ଲକ୍ଷ ୪୫ ହଜାର ୮୮୬ ଟଙ୍କା। ସାଇବର କ୍ରାଇମ କୋର୍ଡିନେସନ ସେଣ୍ଟରରର ତଥ୍ୟ ମଧ୍ୟ ଉଭୟ ସାଧାରଣ ଲୋକ ଓ ତଦନ୍ତକାରୀ ସଂସ୍ଥା ପାଇଁ ଚ୍ୟାଲେଞ୍ଜ ଆଣି ଦେଇଛି । ୨୦୨୫ରେ ସାରା ଦେଶରେ ୧୯ ହଜାର ୮ ଶହ ୧୨ କୋଟି ଟଙ୍କାର ଠକେଇ ହୋଇଛି। ୨୦୨୪ ରେ ସାରା ଦେଶରୁ ଲୁଟ ହୋଇଛି ୧୩ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା। ଏଣୁ ଏବେ ନିଜେ ସଚେତନ ହେବାର ସମୟ ଆସିଛି। ଗୋଲ୍ଡେନ ଆୱାର ବା ଘଟଣା ଘଟିବାର ୩ ଘଣ୍ଟା ମଧ୍ୟରେ ୧୯୩୦ ନମ୍ବରରେ ତୁରନ୍ତ କଲ କରିବାକୁ ପରାମର୍ଶ ଦିଆଯାଇଛି। ମୋବାଇଲ ହଜିଲେ ନିର୍ଦ୍ଦିଷ୍ଟ ଓ୍ୱେବସାଇଟ ଜରିଆରେ ଅଭିଯୋଗ କରିପାରିବେ। ଏହାବାଦ ମଧ୍ୟ ସଂଚାର ସାଥି ଓ୍ୱେବସାଇଟରେ ଅଭିଯୋଗ କଲେ ପୋଲିସ ସାଇବର ଠକଙ୍କୁ ଧରିବାରେ ସମର୍ଥ ହୋଇପାରିବ। ବାରମ୍ବାର ପୋଲିସ ପକ୍ଷରୁ ସଚେତନ କରାଯାଉଛି । ଅପରେସନ କବଚ ନାଁରେ ବିଭିନ୍ନ ଜିଲ୍ଲାରେ ସାଇବର ଠକଙ୍କୁ ଧରିବାକୁ ଅଭିଯାନ ଚାଲୁଛି । ତଥାପି ଏଭଳି ତଥ୍ୟ ସଭିଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି।

### ରାଜଧାନୀ...

ଆୟୋଜନ କରିଛନ୍ତି । ସେହିଭଳି ଏହି ଦୌଡରେ ବିଜେଡି ମଧ୍ୟ ପଛରେ ନାହିଁ । ଦଳର ପ୍ରଥମ ପସନ୍ଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ମଧ୍ୟ ଆଜି ରାଜଧାନୀର ଅନ୍ୟଏକ ସମ୍ଭ୍ରାନ୍ତ ହୋଟେଲରେ ଦଳୀୟ ବିଧାୟକମାନଙ୍କୁ ନୈଶ୍ୟ ଭୋଜିରେ ଆପ୍ୟାୟିତ କରୁଥିବାର ସୂଚନା ମିଳିଛି । ଯେମିତି ହେଉ ବିଜେଡିର ବଳକା ଭୋଟ ନବୀନଙ୍କ ମନୋନିତ କମନ ପ୍ରାର୍ଥୀ ଦତ୍ତେଶ୍ୱର ପଟକୁ ଯିବାପାଇଁ ଏଭଳି ବୈଠକର ଆୟୋଜନ ହୋଇଥିବା ସୂଚନା ମିଳଛି ।

ଉଲ୍ଲେଖନୀୟ ଯେ ଶାସକ ବିଜେପି ନିକଟରେ ନିଜର ୭୯ ବିଧାୟକଙ୍କ ସମେତ ୩ ସ୍ୱାଧୀନ ବିଧାୟକ ରହିଛନ୍ତି । ସେହିଭଳି ବିଜେଡି ନିକଟରେ ନିଜର ୪୮ ବିଧାୟକ ଅଛନ୍ତି। କଂଗ୍ରେସର ୧୪ ଜଣ ବିଧାୟକ ସହିତ ଜଣେ ସିପିଏମ୍ ବିଧାୟକ ରହିଛନ୍ତି । ଏହାଛଡା ବିଜେଡିରୁ ନିକଟରେ ନିଲମ୍ବିତ ଦୁଇ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ ମଧ୍ୟ ରହିଛନ୍ତି । ବର୍ତ୍ତମାନ ଦଳୀୟ ବିଧାୟକଙ୍କୁ ଖୁଆଡରେ ଏକଜୁଟ ରଖିବାପାଇଁ ହୋଟେଲରେ ଭୋଜିଭାତ ଆରମ୍ଭ ହୋଇଥିବାବେଳେ ଆଗାମୀ ଦିନରେ ସ୍ୱାଧୀନ ବିଧାୟକଙ୍କ ଉପରେ ନଜର ପକାଯିବ ବୋଲି କୁହାଯାଉଛି ।

### ଭାରତରେ...

ଟପୁଛି। ଯୋଗାଣ ମନ୍ତ୍ରୀ କହିଛନ୍ତି, ଗ୍ୟାସ ଯୋଗାଣରେ କୌଣସି ଅସୁବିଧା ନାହିଁ। ଚାହିଦା ବଢ଼ିବା ପରେ ଲାଗୁ ହୋଇଛି ନୂଆ ନିୟମ। ଗ୍ୟାସ ପାଇବା ପାଇଁ ୨୧ ଦିନ ଆଗରୁ ବୁକିଂ କରିବାକୁ ପଡ଼ିବ। ଦୁଇଟା ସିଲିଣ୍ଡର ଥିଲେ ୩୦ ଦିନ ପୂର୍ବରୁ ବୁକିଂ କରିବାକୁ ପଡ଼ିବ।

## ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ବିକ୍ଷୋଭ




କଟକ, ୯।୩ (ସଂଚାର ବ୍ୟୁରୋ) : କେନ୍ଦ୍ର ବିଜେପି ସରକାର ସମ୍ପ୍ରତି ଯୁଦ୍ଧ ଆଳରେ ରନ୍ଧନ ଗ୍ୟାସର ଅହେତୁକ ମୂଲ୍ୟବୃଦ୍ଧିକୁ ଏସୟୁସିଆଇ ତରଫରୁ ତୀବ୍ର ନିନ୍ଦା କରାଯାଇଛି। କେନ୍ଦ୍ର ସରକାରଙ୍କର ଏହି ନିଷ୍ପତ୍ତି ପ୍ରତିବାଦରେ ଆଜି ପାର୍ଟି ପକ୍ଷରୁ ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପାର୍ଟି ପକ୍ଷରୁ ଅଭିଯୋଗ କରାଯାଇଛି ଯେ ତୈଳର କୌଣସି ସଙ୍କଟ ନଥାଇ ଯୁଦ୍ଧ ବାହାନାରେ କେନ୍ଦ୍ର ସରକାର କମ୍ପାନୀମାନଙ୍କ ସ୍ୱାର୍ଥରେ ରନ୍ଧନ ଗ୍ୟାସର ମୂଲ୍ୟ ବୃଦ୍ଧି କରିଛି। ଗୋଟିଏପଟେ ଦରଦାମ୍ ବଢ଼ି ଚାଲିଛି ଅନ୍ୟପଟେ ସାଧାରଣ ଲୋକଙ୍କ ରୋଜଗାର କମିଚାଲିଛି। ଫଳରେ ସାଧାରଣ ଲୋକଙ୍କ ବଞ୍ଚିବା ଦୁର୍ବିସହ ହୋଇପଡିଛି। ପେଟ୍ରୋଲ ଡିଜେଲର ଦର ବୃଦ୍ଧି ଫଳରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ଆହୁରି ବୃଦ୍ଧି ପାଉଛି।

### ମୁଲତବୀ ଆଲୋଚନାରେ ବର୍ଷିଲେ ଯୋଗାଣ ମନ୍ତ୍ରୀ

# ଖାଦ୍ୟ ସୁରକ୍ଷା ନାଁରେ ଭୁତାଉଥିଲେ ବିଜେଡି ସରକାର

ଭୁବନେଶ୍ୱର, ୯।୩ (ସଂଚାର ବ୍ୟୁରୋ) : ଖାଦ୍ୟ ସୁରକ୍ଷା ନାଁରେ ପୂର୍ବର ବିଜେଡି ସରକାର ୨୪ ବର୍ଷ ଧରି ରାଜ୍ୟର ଖାଉଟୀଙ୍କୁ କେବଳ ଭୁଆଁ ବୁଲାଇବା ଛଡା କିଛି କରିନାହାନ୍ତି। ବିଶେଷ କରି, ଗ୍ରାମାଞ୍ଚଳରେ ରହୁଥିବା ଖାଉଟୀଙ୍କ ପାଇଁ ଚାଉଳର ପ୍ରକୃତ ଆବଶ୍ୟକତା ହୃଦୟଙ୍ଗମ କରିନାହାନ୍ତି । ତାଙ୍କ ଶାସନ ସମୟରେ ଖାଉଟୀଙ୍କୁ ନିୟମିତ ମାସିକ କୋଟା ବ୍ୟତୀତ, ଅତିରିକ୍ତ ଚାଉଳ କୋଟା ଯୋଗାଇନାହାନ୍ତି। ଏପରିକି କେନ୍ଦ୍ର ସରକାରଙ୍କ ଦ୍ୱାରା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନସ୍ଥ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୩ ଟଙ୍କା ପ୍ରତି କିଲୋଗ୍ରାମ ଦରରେ ଯୋଗାଇଦିଆ ଯାଉଥିବା ଚାଉଳକୁ ସାମାନ୍ୟ ରିହାତି ଦେଇ ୧ ଟଙ୍କା ପ୍ରତି କିଲୋଗ୍ରାମ ଦରରେ ବାଣ୍ଟି, ଗରିବ ଖାଉଟୀଙ୍କୁ ମିଛ କହିବାର ପାପ କରିଛନ୍ତି ବୋଲି ଆଜି ବିଧାନସଭାରେ ଖାଦ୍ୟ ସୁରକ୍ଷା ସମ୍ପର୍କିତ ମୁଲତବି ପ୍ରସ୍ତାବ ଆଲୋଚନାର ଉତ୍ତର ଦେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

ଚିରାଚରିତ ଢଙ୍ଗରେ ସେ ପୂର୍ବର ବିଜେଡି ସରକାରକୁ ଦୋଷ ଦେଇ କହିଛନ୍ତି ଯେ, ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ଼ ପାଇଁ ଆବେଦନ କରିବାରୁ ବଞ୍ଚିତ କରିବା ପାଇଁ ବର୍ଷ ବର୍ଷ ଧରି ବିଭାଗୀୟ ପୋର୍ଟାଲକୁ ବନ୍ଦ କରି ରଖାଯାଇଥିଲା। ଏପରିକି ୨୦୨୪ ପୂର୍ବରୁ ହସ୍ତଗତ ହୋଇଥିବା ଲକ୍ଷ ଲକ୍ଷ ଆବେଦନ ଗୁଡ଼ିକ ଉପରେ କୌଣସି ପଦକ୍ଷେପ ନିଆଯାଇନଥିଲା। ପୂର୍ବ ସରକାରଙ୍କ ଅମଳରେ, ବିଭିନ୍ନ ସର୍ଭେର ଆଳ ଦେଖାଇ ଓ ରାଜନୈତିକ ଉଦ୍ଦେଶ୍ୟ ରଖି, ଲୋକଙ୍କ ରାସନ କାର୍ଡ ମଧ୍ୟ କଟାଯାଉଥିଲା। ପ୍ରାୟ ୧୦ ଲକ୍ଷ ୫୪ ହଜାର ପରିବାରର ୩୦ ଲକ୍ଷ ୬୯ ହଜାର ସଦସ୍ୟଙ୍କୁ ପୂର୍ବ ସରକାର ସେମାନଙ୍କ ରାସନ କାର୍ଡ଼ କାଟିଥିଲେ। ଏପରିକି ଗରିବ ହିତାକାରୀଙ୍କ ଠାରୁ ଉଠାଣ କରିଥିବା ରାସନ ସାମଗ୍ରୀର ୪୨ କୋଟି ଆର୍ଥିକ ମୂଲ୍ୟ ମଧ୍ୟ ପୂର୍ବ ସରକାର ଆଦାୟ କରିବାକୁ ପଛାଇନଥିଲେ ବୋଲି ସେ କହିଛନ୍ତି। ତେବେ ସରକାର ବଦଳିବା ପରେ ବର୍ଷ ବର୍ଷ ଧରି ବନ୍ଦ ଥିବା ରାସନ



କାର୍ଡ ପୋର୍ଟାଲ ଚାଲୁ କରାଯାଇଅଛି । ପୂର୍ବ ସରକାର ଅମଳରେ ଯେଉଁମାନେ ଅନ୍ୟାୟ ଭାବରେ ବାଦ ପଡ଼ିଥିଲେ, ସେମାନଙ୍କ ପୁନଃ କ୍ଷେତ୍ର ତର୍ଜମା କରି, ଯୋଗ୍ୟ ପରିବାର ମାନଙ୍କୁ ପୁଣି ଥରେ ଖାଦ୍ୟ ସୁରକ୍ଷାଭୁକ୍ତ କରି, ସେହି ଗରିବ ପରିବାର ମାନଙ୍କୁ ନ୍ୟାୟ ପ୍ରଦାନ କରିଛନ୍ତି । ନୂଆ ସରକାର ଆସିଲା ପରଠାରୁ ରାସନ କାର୍ଡ ପାଇଁ ହସ୍ତଗତ ହୋଇଥିବା ସମସ୍ତ ୧୭ ଲକ୍ଷ ୩୮ ହଜାର ୯୪୬ ଗୋଟି ଆବେଦନ ଗୁଡ଼ିକର ତ୍ୱରିତ କ୍ଷେତ୍ର ତର୍ଜମା କରାଯାଉଅଛି। ସେ ମଧ୍ୟରୁ ୪ ଲକ୍ଷ ୯୬ ହଜାର ୯୧୯ ଗୋଟି ଆବେଦନ ଯାହାର ପରିବାର ସଦସ୍ୟ ସଂଖ୍ୟା ୯ ଲକ୍ଷ ୮୩ ହଜାର ୯୦୦ କ୍ଷେତ୍ର ତର୍ଜମା ପରେ ଯୋଗ୍ୟ ବିବେଚିତ ହୋଇ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ସେହିପରି ୮ ଲକ୍ଷ ୫୮ ହଜାର ୬୫୪ ଗୋଟି ଅଯୋଗ୍ୟ ଆବେଦନ ଗୁଡ଼ିକୁ ବାଦ ଦେବାପରେ ବଳକା ଥିବା ୩ ଲକ୍ଷ ୮୩ ହଜାର ୩୭୩ ଗୋଟି ଏବଂ ସଦ୍ୟ ହସ୍ତଗତ ହେଉଥିବା ଆବେଦନ ଗୁଡ଼ିକର ବ୍ଲକ ଏବଂ ପୌରାଞ୍ଚଳ ସ୍ତରରେ କ୍ଷେତ୍ର ତର୍ଜମା ଚାଲିଛି। କ୍ଷେତ୍ର ତର୍ଜମାରେ ଯୋଗ୍ୟ ବିବେଚିତ ହେଉଥିବା ଆବେଦନକାରୀଙ୍କୁ, ଖାଦ୍ୟ ସୁରକ୍ଷାରେ ଅନ୍ତର୍ଭୁକ୍ତ କରାଯାଉଅଛି ବୋଲି ସେ କହିଛନ୍ତି। ବର୍ତ୍ତମାନ ରାଜ୍ୟରେ ୧୨ ଲକ୍ଷ ୩୬ ହଜାର ୩୯୯ ପରିବାରର ୩୪ ଲକ୍ଷ ୭୭ ହଜାର ୫୫୦ ସଦସ୍ୟ ଅନ୍ତୋଦୟ ଅନ୍ନ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ଅଛନ୍ତି । ୮୬ ଲକ୍ଷ ୬୨୫ ପରିବାରର ୨ କୋଟି ୯୧ ଲକ୍ଷ ୧୮ ହଜାର ୫୭୬ ସଦସ୍ୟ ଅଗ୍ରାଧିକାର ପରିବାର ଶ୍ରେଣୀରେ ଅନ୍ତର୍ଭୁକ୍ତ ଅଛନ୍ତି ।

# ଲୋକଙ୍କୁ ମିଳୁନି ଆମ୍ବୁଲାନ୍ସ ସେବା

# ରାସ୍ତା କଡ଼ରେ ପଡ଼ି ଖତ ଖାଉଛି



ଫୁଲବାଣୀ,୯।୩ (ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ବ୍ଲକ କୁହାଯାଉଥିବା ଫିରିଙ୍ଗିଆରେ ଏବେ ବିପର୍ଯ୍ୟସ୍ତ ହୋଇପଡିଛି ଆମ୍ବୁଲାନ୍ସ ସେବା। ଆମ୍ବୁଲାନ୍ସଟିଏ ପାଇଁ ରୋଗୀମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଆମ୍ବୁଲାନ୍ସକୁ ଫୋନ କଲେ କେତେବେଳେ ଯୋଗାଯୋଗ ହୋଇପାରୁନଥିବା ବେଳେ ଆଉ କେତେବେଳେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ଅଞ୍ଚଳବାସୀ।

ଅନ୍ୟପଟେ ତିନି ମାସରୁ ଅଧିକ ସମୟ ହେବ ସହର ପାଖରେ ଥିବା ମୁଖ୍ୟ ରାସ୍ତା କଡରେ ଖରାପ ହୋଇ ପଡ଼ିରହି ଖତ ଖାଇବାକୁ ବସିଲାଣି ୧୦୮ ଆମ୍ବୁଲାନ୍ସ। ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଫୁଲବାଣୀ ବାଲିଗୁଡା ରାସ୍ତାର ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ମାଶ୍ରୀପଡା ଛକ ନିକଟରେ। ଆମ୍ବୁଲାନ୍ସର ନମ୍ବର ଓଡି୦୨ବିଯେ ୦୮୫୫ ରହିଥିବା ବେଳେ ଆମ୍ବୁଲାନ୍ସ ଦୀର୍ଘ ଦୁଇ ମାସରୁ ଅଧିକ ଦିନ ଧରି ରାସ୍ତା କଡରେ ପଡ଼ିରହିଛି। ଆମ୍ବୁଲାନ୍ସଟି କେଉଁ ମେଡିକାଲର ଓ କିଏ ଏହି ଆମ୍ବୁଲାନ୍ସକୁ ଆଣି ଏଭଳି ଅବସ୍ଥାରେ ରାସ୍ତା କଡରେ ଥୋଇ ଚାଲିଯାଇଛି ତାହା ଜଣାପଡୁନଥିବା ବେଳେ ଏହି ଆମ୍ବୁଲାନ୍ସ ଏଭଳି ଅବସ୍ଥାରେ ରାସ୍ତା କଡରେ ପଡି ରହିବା ସ୍ୱାସ୍ଥ୍ୟ ବିଭାଗ ପାଖରେ ଖବର ଅଛି କି ନାହିଁ ତାହା ମଧ୍ୟ ଜଣାପଡୁନି। ସେପଟେ ଏହି ଅଚଳ ହୋଇ ପଡିରହିଥିବା ଆମ୍ବୁଲାନ୍ସକୁ ସଜଡ଼ା ଯାଇ ପାରିଲେ ଆମ୍ବୁଲାନ୍ସଟି ରୋଗୀ ସେବାରେ ଲାଗି ପାରନ୍ତା ବୋଲି ସାଧାରଣରେ ଦାବି ହେଉଛି।

କିଛିଦିନ ତଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ମେଡିକାଲକୁ ନୂତନ ଆମ୍ବୁଲାନ୍ସ ଯୋଗାଇ ଦେଇଛନ୍ତି। ତଥାପି ସମୁଦ୍ରକୁ ଶଙ୍ଖେ ଭଳି ଆମ୍ବୁଲାନ୍ସ ସମସ୍ୟା ଲାଗି ରହିଛି । ସେପଟେ ଆମ୍ବୁଲାନ୍ସଟି ରାସ୍ତା କଡରେ ପଡିପଡି ଖତ ଖାଇବାକୁ ବସିଥିବା ଯୋଗୁ ରୋଗୀ ସେବାରେ ବ୍ୟାଘାତ ଦେଖାଦେଇଛି। ଅନ୍ୟପଟେ ସରକାର ଲକ୍ଷାଧିକ ଟଙ୍କାର ଆମ୍ବୁଲାନ୍ସ ଏକ ପ୍ରକାର ଫୋପାଡ଼ି ଦେଲା ଭଳି ରାସ୍ତା କଡରେ ରଖାଯାଇଛି । ଏହି ଆମ୍ବୁଲାନ୍ସ ପ୍ରତି ଧ୍ୟାନ ଦେବା ଜରୁରୀ ହୋଇପଡିଛି।

## ଗଞ୍ଜେଇ ବୋଝେଇ ଟ୍ରକ ଜବତ, ୨ ଗିରଫ



ସୁନ୍ଦରଗଡ଼,୯।୩ (ସଂଚାର ବ୍ୟୁରୋ)ଃ ବୌଦ୍ଧରୁ ପଞ୍ଜାବ ଚାଲାଣ ହଉଥିବା ଏକ ଗଞ୍ଜେଇ ଭର୍ତ୍ତି ଟ୍ରକକୁ ଜବତ କରିଛି ସୁନ୍ଦରଗଡ଼ ଟାଉନ ପୋଲିସ। ଘଟଣାରେ ଜଡିତ ଦୁଇ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ହଉଛନ୍ତି ବୀରେନ୍ଦ୍ର ପାଲ ଓ ଟ୍ରକ ଚାଳକ ଅଜୟ କୁମାର ବୋଲି ସୂଚନା ମିଳିଛି। ଗିରଫ ବୀରେନ୍ଦ୍ରର ଘର ପଞ୍ଜାବ ରାଜ୍ୟ ଲୁଧିଆନ ଜିଲ୍ଲା ମୁଣ୍ଡିଆ ଅଧୀନ କୁନାଲ କଲୋନୀ ର ହୋଇଥିଲା ବେଳେ ଚାଳକ ଅଜୟର ଘର ପଟିଆଲା ଜିଲ୍ଲା ମହେନ୍ଦ୍ରଗଞ୍ଜ ଥାନା ଅନ୍ତର୍ଗତ ରାଜପୁରା ଅଞ୍ଚଳର ବୋଲି ଜଣାପଡିଛି। ବୌଦ୍ଧ ଜିଲ୍ଲାରୁ ଏହି ଟ୍ରକ ଭର୍ତ୍ତି ଗଞ୍ଜେଇ ସୁନ୍ଦରଗଡ଼ ଦେଇ ଲୁଧିଆନା ଯାଉଥିବା ଖବର ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌର ପାଇବା ପରେ ଟାଉନ ଥାନା ଅଧିକାରୀ ସୁଶାନ୍ତ ପରିଡାଙ୍କୁ ଧରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସଦର ଉପଖଣ୍ଡ ଅଧିକାରୀ ନିର୍ମଳ ମହାପାତ୍ରଙ୍କ ନେତୃତ୍ୱରେ ସ୍କ୍ୱାଡ଼ ଗଠନ କରି ବିଜୁ ଏକ୍ସପ୍ରେସର ସୁଶୀଳା ମୋଟର୍ସ ନିକଟରୁ ଏହି ଟ୍ରକକୁ ଜବତ କରିଥିଲେ। ଏଥିରୁ ଆଠ ବସ୍ତା ଗଞ୍ଜେଇ ଯାହାର ଓଜନ ଏକ କୁଇଣ୍ଟାଲ ୪୬କେଜି ଓ ଏହାର ମୂଲ୍ୟ ୩୦ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ଟାଉନ ଥାନା ପରିସରରେ ସୁନ୍ଦରଗଡ଼ ଏସପି ଏକ ସାମ୍ବାଦିକ ସମ୍ମିଳନୀରେ ଏହାର ସୂଚନା ଦେଇଛନ୍ତି।

## ଶ୍ୱଶୁରଘର ଛାତରୁ ପଡ଼ି ଜ୍ୱାଇଁର ମୃତ୍ୟୁ



ନୀଳଗିରି,୯।୩ (ସଂଚାର ବ୍ୟୁରୋ)ଃ ନୀଳଗିରି ଥାନା ଅଧିନ ଦକ୍ଷିଣନରସିଂହପୁର ପଞ୍ଚାୟତ ରାଜନଗର ଗ୍ରାମର ବାଞ୍ଛାନିଧି ପାତ୍ରଙ୍କ ପୁଅ ବୁଲୁ ଓରଫ ଅଜୟ ପାତ୍ର (୫୪) ଗତକାଲି ବାଲେଶ୍ୱର ଆଜିମାବାଦ ସ୍ଥିତ ଶ୍ୱଶୁର ଘରକୁ ଉଭୟ ଝିଅ ଜ୍ୱାଇଁ ଯାଇଥିଲେ। ହେଲେ ଆଜି ଅପରାହ୍ନ ୫ ଘଟିକା ସମୟରେ ଶ୍ୱଶୁରଘର ଦୁଇ ତାଲା ଛାତରୁ ପଡ଼ି ଅଜୟଙ୍କର ମୃତ୍ୟୁ ହୋଇଥିବା ବଡଭାଇ ବିଜୟ ପାତ୍ରଙ୍କୁ ଖବର ଦିଆଯାଇଥିଲା। ଖବର ପାଇ ବଡଭାଇ ବିଜୟ ଆଜିମାବାଦ ସ୍ଥିତ ସାନଭାଇର ଶ୍ୱଶୁର ଘରେ ପହଞ୍ଚି ଦେଖିବା ବେଳକୁ ଦ୍ୱିତୀୟ ତାଲା କୋଠାର ଏକ କାଛ ଭାଙ୍ଗି ଅଜୟ ତଳେ ପଡିଥିବା ଜାଣିବାକୁ ପାଇଥିଲେ। ଏଥିରେ ତାଙ୍କର କାନ, ଓଠ, ପାଟି ଓ ଥୋଡ଼ିରେ ଗଭୀର କ୍ଷତ ସୃଷ୍ଟି ହୋଇ ରକ୍ତଶ୍ରାବ ହୋଇଥିଲା। ଶ୍ୱଶୁର ଘରେ ସ୍ତ୍ରୀର ଉପସ୍ଥିତିରେ ସ୍ୱାମୀର ମୃତ୍ୟୁକୁ ନେଇ ଅଜୟଙ୍କ ପରିବାର ଲୋକ ବିଶ୍ୱାସ କରିପାରୁନଥିବା ବେଳେ ତାହା ଏବେ ସନ୍ଦେହ ଘେରରେ। ଅଜୟଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଆସନ୍ତାକାଲି ଶବ ବ୍ୟବଚ୍ଛେଦ ହେବ ବୋଲି ବିଜୟ ସୂଚନା ଦେଇଛନ୍ତି।

## ପେଟ୍ରୋଲ ପମ୍ପରୁ ଡିଜେଲ ଚୋରି ଅଭିଯୋଗରେ ଦୁଇ ଗିରଫ

ବୈଶିଙ୍ଗା,୯।୩ (ସଂଚାର ବ୍ୟୁରୋ)ଃ ବୈଶିଙ୍ଗା ଥାନା ଅର୍ନ୍ତଗତ ୧୮ ନଂ ଜାତୀୟ ରାଜପଥର ହାତୀଝୁରି ନିକଟରେ ଏକ ନିର୍ମାଣାଧୀନ ପେଟ୍ରୋଲ ପମ୍ପରେ ଡିଜେଲ ଚୋରି ଅଭିଯୋଗରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ସୋମବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ମିଳିଥିବା ସୂଚନା ମୁତାବକ ବିଶିକେସନ ସେଠୀ ନାମକ ବ୍ୟକ୍ତି ଇଣ୍ଡିଆନ ଅଏଲ କମ୍ପାନୀର ଲାଇସେନ୍ସରେ ହାତୀଝୁରି ନିକଟରେ ଏକ ପେଟ୍ରୋଲ ଫିଲିଙ୍ଗ ଷ୍ଟେସନ ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ଶନିବାର ବିଳମ୍ବିତ ରାତିରେ ପ୍ରାୟ ଦୁଇ ହଜାର ଲିଟର ଗଚ୍ଛିତ ଥିବା ଡିଜେଲ ଚୋରି ହୋଇଯାଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ୧୧୭ ନଂ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ବେଳେ ଗୁପ୍ତ ସୂଚନା ମୁତାବକ ନିକଟସ୍ଥ ଗ୍ରାମରେ ଚଢ଼ାଉ କରି ଫରିଦ୍ ଖାଁ ଓ ଇମ୍ରାନ ଖାଁ ନାମକ ଦୁଇଜଣଙ୍କୁ ଗିରଫ କରି ଏକ ପିକ ଅପ୍ ଭ୍ୟାନ୍ ରେ ପାଞ୍ଚଟି ବଡ଼ବଡ଼ ପ୍ଲାଷ୍ଟିକ ଜାରକିନରେ ଭର୍ତ୍ତି ୧୨୫୦ ଲିଟର ଡିଜେଲ୍ ଜବତ କରାଯାଇଥିଲା। ଅଭିଯୁକ୍ତ ମାନେ ଏଭଳି ଚୋରୀ ଘଟଣା ବାରମ୍ବାର କରୁଥିବା ଖବର ମିଳିଛି ।

### ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି ବାମନଦେଇଭଟା ବାସିନ୍ଦା

## ମୁନ୍ଦାଏ ପାଣି ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା



ନବରଂଗପୁର/ଉମରକୋଟ,୯।୩ (ସଂଚାର ବ୍ୟୁରୋ)ଃ ମୁନ୍ଦାଏ ପାଣି ପାଇଁ ଘଣ୍ଟା ଘଣ୍ଟା ଗୋରା ବାଲଟି ଧରି ଅପେକ୍ଷା କରିବାକୁ ପଡୁଛି ବୋରୱେଲ ପାଖରେ। ପିଇବା, ରୋଷେଇ କରିବା ସହ ନିତ୍ୟ ବ୍ୟବହାର୍ଯ୍ୟ ସକାଶେ ଜଳର ସଙ୍କଟ। ଗ୍ରାମରେ ସରକାର ପକ୍ଷରୁ ଘରକୁ ଘର ପାଇପ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ଥାଇ ମଧ୍ୟ କାମରେ ଲାଗୁନାହୁଁ। ଏଣୁ ବାଧ୍ୟ ହୋଇ ପୋଖରୀ ପାଣି ଉପରେ ଭରସା କରୁଛନ୍ତି ଲୋକେ। ଗ୍ରାମରେ ଜଳ ସଙ୍କଟ ନେଇ ପ୍ରଶାସନ ଓ ସରକାରଙ୍କୁ ଯେତେ ଅଭିଯୋଗ କଲେ କେବଳ ମିଳୁଛି ଫମ୍ପା ଆଶ୍ୱାସନା ଓ ପ୍ରତିଶୃତି। ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକଷ୍ଟରେ ଦୁଇ ଥର ଅଭିଯୋଗ ପରେ ବି ସମାଧାନ ହୋଇ ପାରୁ ନାହିଁ ।

ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଭଣ୍ଡାରୀଗୁଡା ପଂଚାୟତର ବାମନଦେଇଭଟା ଗାଁରେ ଲାଗି ରହିଛି ଜଳ ସଙ୍କଟ । ଗାଁରେ ପ୍ରାୟ ୨୨୦ ପରିବାରରେ ୭୫୦ରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବାସବାସ କରୁଛନ୍ତି । ଉକ୍ତ ଗାଁରେ ଦୁଇଟି ୱାର୍ଡରେ ଚାରି ଗୋଟି ସାହି ରହିଛି। ଗାଁରେ ୫ଟା ନଳକୂଅ ଥିବା ବେଳେ ୨ଟି ନଳକୂଅ ଖରାପ ହୋଇଯାଇଛି, ବାକି ୩ଟି ନଳକୂଅରୁ ଅଳ୍ପ ଅଳ୍ପ ପାଣି ବାହାରୁ ଥିବା ବେଳେ ହାଣ୍ଡିଏ ପାଣି ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଫଳରେ ନିତ୍ୟବ୍ୟବହାର୍ଯ୍ୟ ସକାଶେ ଗ୍ରାମ ପୋଖରୀ ହିଁ ଭରସା ପାଲଟିଛି।

ଜଳ ଜୀବନ ମିଶନ ମାଧ୍ୟମରେ ଗ୍ରାମରେ ପାଣି ଟାଙ୍କି ସହ ପ୍ରତ୍ୟେକ ଘରକୁ ପାଇପ ସଂଯୋଗ କରାଯାଇଛି କିନ୍ତୁ ଟ୍ରାନ୍ସଫରମର ଖରାପ ହୋଇଯିବା ଯୋଗୁଁ ପ୍ରାୟ ତିନି ବର୍ଷ ହେଲା ଜଳ ଯୋଗାଣ ସମ୍ପୂର୍ଣ ବନ୍ଦ ହୋଇ ଯାଇଛି । ଦୀର୍ଘଦିନ ବ୍ୟବହାର ହୋଇ ନଥିବା ଯୋଗୁଁ ପାଇପ ଗୁଡିକ ମଧ୍ୟ୍ୟ ଖରାପ ହେବାକୁ ବସିଲାଣି। ଯଥାଶୀଘ୍ର ପ୍ରକଳ୍ପରୁ ପାଣି ଯୋଗାଇ ଦିଆଯାଉ ନଚେତ ଆନ୍ଦୋଳନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ



ବୋରିଗୁମ୍ମା/ଜୟପୁର,୯।୩ (ସଂଚାର ବ୍ୟୁରୋ)ଃ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ସୁଭଦ୍ରା ଯୋଜନା ଶୁଭାରମ୍ଭ ଦଶହରା ପଡିଆ ଜୟପୁର ଠାରେ ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଷ୍ଟଲ୍ କରାଯାଇଥିଲା। ଏଥିରେ ବିଭିନ୍ନ ପ୍ରକାରର ଶିକ୍ଷଣ ସାମଗ୍ରୀ, ଶିକ୍ଷାର ଅଭିବୃଦ୍ଧି ଓ ଶିକ୍ଷାର ମାନ ବଢାଇବା ନିମନ୍ତେ ଶିକ୍ଷା ବିଭାଗ ଦ୍ୱାରା ଯେଉଁ ଭଳି ଭାବରେ ପଦକ୍ଷେପ ନିଆ ଯାଉଅଛି ଏ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଇବା ନେଇ ଶିକ୍ଷା ବିଭାଗ ଦ୍ୱାରା ଏକ ନିଆରା ପ୍ରୟାସ ବୋଲି ଚନ୍ଦନ କୁମାର ନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜୟପୁର ସୂଚନା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶଶୀଭୁଷଣ ଦାଶ, ଜଗନ୍ନାଥ ମୀଶ୍ର, ଇନ୍ଦ୍ର ପ୍ରଧାନ, ମନୋଜ କୁମାର ଦାଶ୍, ଉକାନାନ୍ତି ଦେବି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ୧୪.୦୩.୨୦୨୬ ରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସରକାରଙ୍କ ତରଫରୁ ପ୍ରକାଶ।

## ବାଲିଅନ୍ତା ବ୍ଲକରେ ପଲ୍ଲୀରେ ପ୍ରଶାସନ ପ୍ରହସନ



ବାଲିଅନ୍ତା,୯।୩ (ସଂଚାର ବ୍ୟୁରୋ)ଃ ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପରୁଦ୍ରପୁର ଗ୍ରାମ ପଞ୍ଚାୟତ କଲ୍ୟାଣ ମଣ୍ଡପ ସଭା କକ୍ଷରେ ଅଭିଯୋଗ ଶୁଣାଣି ଜନିତ " ପଲ୍ଲୀରେ ପ୍ରଶାସନ" ଆଜି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅପରାଜିତା ସ୍ୱାଇଁ ପ୍ରତାପରୁଦ୍ରପୁର ସରପଞ୍ଚ ଶ୍ରଦ୍ଧେୟା ପାତ୍ର, ସମିତି ସଭ୍ୟ ଉମାରାଣୀ ମହାନ୍ତି, ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଅଭିଯୋଗ ଶୁଣାଣି କରିଥିଲେ। ଆଜିର ଅଭିଯୋଗ ଶୁଣାଣିରେ ସର୍ବମୋଟ ୨ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୧ ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୧ ଗୋଟି ଅଭିଯୋଗ ହସ୍ତଗତ ହୋଇଥିଲା। ବାଲିଅନ୍ତା ବ୍ଲକରେ ବାରମ୍ବାର ବିଡ଼ିଓଙ୍କ ବଦଳି ନେଇ ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟ ଆଗେଇ ପାରୁ ନାହିଁ । ବ୍ଲକରେ ଜନ ଅଭିଯୋଗ ଶୁଣାଣି ଶିବିର ଏକ ପ୍ରହସନ ବୋଲି ଚର୍ଚ୍ଚା ହେଉଛି । ଅଭିଯୋଗ ଶୁଣାଣି ହେଉଛି ହେଲେ ତାର ସମାଧାନ କରାଯାଉ ନଥିବାରୁ ଲୋକମାନଙ୍କର ପ୍ରଶାସନ ଏବଂ ଜନ ପ୍ରତିନିଧିଙ୍କ ଉପରେ ଭରଷା ରହୁନଥିବା ଜଣାଯାଇଛି । ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ଏବଂ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଓଏମ୍‌ଡବ୍ଲ୍ୟୁ ସଂଗଠନରେ ସାମିଲ ହେଲେ ୭୦୦ରୁ ଉର୍ଦ୍ଧ୍ୱ ଶ୍ରମିକ

### ଚିନ୍ତାରେ ଏସ୍‌ଆର୍‌ସିକେଏମ୍‌ଏସ୍ ସଂଗଠନ



ଯାଜପୁର,୯।୩ (ସଂଚାର ବ୍ୟୁରୋ)ଃ ଯାଜପୁର ଜିଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଖଣି ଉପତ୍ୟକାର ପ୍ରାୟ ୭୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ଓଡିଶା ମାଇନିଙ୍ଗ ୱାର୍କସ ୟୁନିଅନ (ଓଏମଡବ୍ଲ୍ୟୁ)ରେ ସାମିଲ ହୋଇଛନ୍ତ। ଏହିଁ ଶ୍ରମିକ - କର୍ମଚାରୀମାନେ ପୂର୍ବରୁ ଏସଆରସିକେଏମଏସ ୟୁନିଅନର ସଭ୍ୟ ଥିବାର ଓଏମଡବ୍ଲ୍ୟୁ ସଂଗଠନ ପକ୍ଷରୁ କୁହାଯାଉଛି। ଯଦି ଏହାର ସତ୍ୟତା ଥାଏ ତେବେ ଏସଆରସିକେଏମଏସ ସଂଗଠନ ଖଣି ଆଞ୍ଚଳରେ ଦୁର୍ବଳ ହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ତେଣୁ ଏହାର ସତ୍ୟତାକୁ ନେଇ ପ୍ରଶ୍ନ ଉଠୁଛି ।

ଉକ୍ତ ଶ୍ରମିକ - କର୍ମଚାରୀମାନେ ଖଣି ଉପତ୍ୟକା କାଳିଆପାଣି ପଞ୍ଚାୟତର ଓସ୍ଥପାଳ ସ୍ଥିତ ଫେକର୍-ବେଦାନ୍ତ ଖଣି ସମେତ ସେଠାରେ କାର୍ଯ୍ୟରତ ଓଏମପିଏଲ, ଏମଏମପିଏଲ ଓ ଏଏସି କମ୍ପାନୀର ଶ୍ରମିକ ଓ କର୍ମଚାରୀ ବୋଲି କୁହାଯାଉଛି । ଓଏମଡବ୍ଲ୍ୟୁ ଶ୍ରମିକ ସଂଗଠନରେ ସାମିଲ ହେବା ସେମାନଙ୍କର ଏହି ସହଯୋଗ ଓ ବିଶ୍ୱାସ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ବିକାଶକୁ ଅଧିକ ତ୍ୱରାନ୍ୱିତ କରିବ।

ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଓଏମଡ଼ବ୍ଲ୍ୟୁର ସଭାପତି ସବ୍ୟସାଚୀ ବଳ ସାମନ୍ତ, ସାଧାରଣ ସମ୍ପାଦକ ଅମଳେନ୍ଦୁ ବେହୁରା, କାର୍ଯ୍ୟକାରୀ ସଭାପତି ନାରାୟଣ ଚନ୍ଦ୍ର ଧୀର, ମଣ୍ଡଳ ସଭାପତି ମନୋଜ ନାୟକ ପ୍ରମୁଖ ସାମିଲ ଥିଲେ ।

## କ୍ୟାନ୍ସର ସହ ସଂଗ୍ରାମ କରୁଛନ୍ତି ନାରାୟଣ

### ଚିକିତ୍ସାରେ ଅର୍ଥ ବାଧକ, ଦୁର୍ଦ୍ଦଶାରେ ପାଞ୍ଚପ୍ରାଣୀ କୁଟୁମ୍ବ

### ସହାୟତା ଅପେକ୍ଷାରେ ଅସହାୟ ପରିବାର



ଛତ୍ରପୁର,୯।୩ (ସଂଚାର ବ୍ୟୁରୋ)ଃ ଗଞ୍ଜାମ ବ୍ଲକ ସନ୍ତୋଷପୁର ପଞ୍ଚାୟତର କୁଜିଢେପା ଗ୍ରାମର ନାରାୟଣ ପ୍ରଧାନ (୪୦) ବର୍ତ୍ତମାନ କ୍ୟାନ୍ସର ରୋଗରେ ପୀଡିତ ଅଛନ୍ତି। ପେଶାରେ ସେ ଜଣେ ରାଜମିସ୍ତ୍ରୀ। ଦୀର୍ଘଦିନ ଧରି ରୋଗାକ୍ରାନ୍ତ ହେବାରୁ ସେ ଆଉ କାମ କରିପାରୁନାହାନ୍ତି। ନାରାୟଣ ହେଉଛନ୍ତି ପରିବାରର ଏକମାତ୍ର ରୋଜଗାରିଆ। ତାଙ୍କ ପରିବାରରେ ତିନି ଛୁଆ, ଭିନ୍ନକ୍ଷମ ସ୍ତ୍ରୀ ଓ ବୃଦ୍ଧ ମା ଅଛନ୍ତି। ଜୀବନ ସାଥୀ ହୋଇ ସୁଖଦୁଃଖରେ ସାଙ୍ଗ ହେବାର ପ୍ରତିଶ୍ରୁତି ଦେଇ ସେ ଭିନ୍ନକ୍ଷମ ଅନିତାଙ୍କ (୩୫) ହାତ ଧରିଥିଲେ। ଅସୁମାରୀ ସ୍ୱପ୍ନ ଦେଖାଇ ବିବାହ କରିଥିଲେ। କିନ୍ତୁ ସମୟର ସ୍ରୋତରେ ସେହି ସବୁ ସ୍ୱପ୍ନ ଆଜି ଭାଙ୍ଗିଯାଇଛି। ଏକମାତ୍ର ରୋଜଗାରିଆ ଗୁରୁତର ରୋଗରେ ପୀଡିତ ହେବାରୁ ପରିବାର ଆଜି ଗୁରୁତର ଆର୍ଥିକ ସଙ୍କଟରେ ପଡ଼ିଛି। ଫଳରେ ପାଞ୍ଚ ପ୍ରାଣୀ କୁଟୁମ୍ବଙ୍କ ଭବିଷ୍ୟତ ମଧ୍ୟ ଅନିଶ୍ଚିତତାରେ ଝୁଲିରହିଛି। ତିନି ଛୁଆଙ୍କ ପଢ଼ାଶୁଣା ଓ ଆଗାମୀ ଭବିଷ୍ୟତକୁ ନେଇ ପରିବାର ଗଭୀର ଚିନ୍ତାରେ ରହିଛନ୍ତି। ଚିକିତ୍ସା ପାଇଁ ବହୁତ ଅର୍ଥ ଆବଶ୍ୟକ ହେଉଥିବା ବେଳେ ଅର୍ଥାଭାବ ତାଙ୍କ ଚିକିତ୍ସାରେ ବଡ଼ ବାଧକ ସାଜିଛି।

ଏପରି ଦୁର୍ଦ୍ଦଶା ମଧ୍ୟରେ ପରିବାର ସମ୍ପୂର୍ଣ୍ଣ ଅସହାୟ ଅବସ୍ଥାରେ ଦିନ କାଟୁଛି। ତେଣୁ ସ୍ଥାନୀୟ ପ୍ରଶାସନ, ସମାଜସେବୀ ସଂଗଠନ ଓ ସହୃଦୟ ବ୍ୟକ୍ତିମାନେ ନାରାୟଣଙ୍କ ଚିକିତ୍ସା ପାଇଁ ସହଯୋଗର ହାତ ବଢ଼ାଇବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

## ବିଶ୍ୱ ମହିଳା ଦିବସ ପାଳିତ



ବେତନଟୀ,୯।୩ (ସଂଚାର ବ୍ୟୁରୋ)ଃ ବେତନଟୀ ଡାକ ବଙ୍ଗଳା ପରିସରରେ ପଦ୍ମମାଳୀ ମହିଳା ସଙ୍ଗଠନ ତରଫରୁ ବିଶ୍ୱ ମହିଳା ଦିବସ ଆଜି ପାଳିତ ହୋଇଯାଇଛି। ପଦ୍ମମାଳୀ ମହିଳା ସଙ୍ଗଠନର ସଭାପତି ସଂଯୁକ୍ତା ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଙ୍ଗଠନର ସଦସ୍ୟାମାନଙ୍କୁ ଏଥିରେ ସମ୍ବର୍ଦ୍ଧନା କରାଯାଇଥିଲା । ଏହା ସହିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଙ୍କ ଜ୍ୟୋତି ବେତନଟୀ ବଜାର ପରିକ୍ରମା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏଥିରେ ପଦ୍ମମାଳୀ ମହିଳା ସଙ୍ଗଠନର ସମ୍ପାଦିକା ପ୍ରଭାତୀ ମହାନ୍ତି, କାର୍ଯ୍ୟକାରୀ ସଭାପତି ଗୀତାଞ୍ଜଳୀ ଭୂୟାଁ, କୋଷାଧ୍ୟକ୍ଷା ବିନୋଦିନୀ ମହାନ୍ତ, ସଦସ୍ୟା ଅନିନ୍ଦିତା ସାହୁ, ରଞ୍ଜିତା କର, କୁମୁଦିନୀ ମହାନ୍ତ, ସୁଶିଳା ବାରିକ, ମନିଲତା ବଳା, ରଶ୍ମିତା ଦାଶ, ରୋଜାଲିନ ସାହୁ, ପିଙ୍କି ସ୍ୱାଇଁ, ମିନତୀ ସାହୁ, ଲକ୍ଷ୍ମୀପ୍ରିୟା ସିଂ, ହରିପ୍ରିୟା ଦାସ ପ୍ରମୁଖ ବିଶ୍ୱ ମହିଳା ଦିବସ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ପଦ୍ମମାଳୀ ମହିଳା ସଙ୍ଗଠନ ତରଫରୁ ସ୍ୱତନ୍ତ୍ର ଭାବରେ ଉଦ୍ୟୋଗୀ ମହିଳା କୁମୁଦିନୀ ମହାନ୍ତ, ସେବିକା ସୁଶିଳା ବାରିକ, ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସମ୍ପାଦକ ଅନୁପ କୁମାର ଦଣ୍ଡପାଟ, ଉପସଭାପତି ଗତିକୃଷ୍ଣ ମହାନ୍ତ ଓ ସଦସ୍ୟ କମଳଲୋଚନ କରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

## ହାଟବରଡିହ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ



ଖୋର୍ଦ୍ଧା,୯।୩ (ସଂଚାର ବ୍ୟୁରୋ)ଃ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ ଚିଲିକା ବ୍ଲକ ଅନ୍ତର୍ଗତ ହାଟବରଡିହ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପଲ୍ଲୀରେ ପ୍ରଶାସନ ଜନଶୁଣାଣୀ ଶିବିରରେ ଅଧ୍ୟକ୍ଷତା କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣି କରିଛନ୍ତି । ଉକ୍ତ ଜନ ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଜ୍ୟୋତି ଶଙ୍କର ସାହୁ , ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଚିଲିକା ପଂଚାୟତ ସମିତି ଅଧ୍ୟକ୍ଷା ,ଉପଖଣ୍ଡ ପୁଲିସ ଅଧିକାରୀ, ବାଲୁଗାଁ, ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର, ଚିଲିକା ବିଡିଓ, ଚିଲିକା ତହସିଲଦାର ପ୍ରମୁଖ ଯୋଗଦେଇ ଥିଲେ ।

ଆଜିର ଅଭିଯୋଗ ଶିବିରକୁ ମୋଟ ୭୯ଟି ଅଭିଯୋଗ ଆସିଥିଲା ବେଳେ ତନ୍ମଧ୍ୟରୁ ୭୪ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୦୫ଟି ଗ୍ରାମୀଣ ସମସ୍ୟା ଜନିତ ଅଭିଯୋଗ ଥିଲା । ଜିଲ୍ଲାପାଳ ଅଭିଯୋଗ ଶିବିରରେ ୦୫ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ।

## ଜନଶୁଣାଣି ବେଳେ ବ୍ଲକ ଆଗରେ ଧାରଣାରେ ବସିଲେ ଚାଷୀ




ବାଲିଆପାଳ,୯।୩ (ସଂଚାର ବ୍ୟୁରୋ)ଃ ଜଳେଶ୍ୱର ବ୍ଲକ ପରିସରରେ ଜିଲ୍ଲାପାଳ ଓ ଆରକ୍ଷୀଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୧୫୬ଟି ଅଭିଯୋଗର ଶୁଣାଣି ହୋଇଥିଲା। ଶିବିରକୁ ପ୍ରଧାନମନ୍ତ୍ରୀ ଆବାସ, ରାସ୍ତା, ପାଣି, ପଶ୍ଚିମବଙ୍ଗ କୁ ଚୋରା ମାଟି ଓ ବାଲି ଚାଲାଣ, ଧାନ ବିକ୍ରି ଓ ଶିଶୁ ବଟିକା ଉପରେ ଅଭିଯୋଗ ଆସିଥିଲା। ଶିବିରରେ ବାଲେଶ୍ୱର ଜିଲ୍ଲାପାଳ ଓ ଏସ.ପି ଅନୁପସ୍ଥିତ ଥିବା ବେଳେ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପାରିଷଦ ବାଲେଶ୍ୱର ବିଶ୍ୱରଂଜନ ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ଉପସ୍ଥିତିରେ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଗୁଡ଼ିକୁ ଗ୍ରହଣ କରିଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥି ଯୋଗୁଁ ଅନେକ ଫେରିଯାଇଥିଲେ।

ସେହିପରି ଜଣାଶୁଣାଣି ଚାଲିଥିବା ବେଳେ ବ୍ଲକ ଆଗରେ ଧାରଣା ବସିଥିଲେ ଦକ୍ଷିଣ ପ୍ରହରାଜପୁର ସେବା ସମବାୟ ସମିତି ଅନ୍ତର୍ଗତ ଚାଷୀ ଓ ଡ଼ାଇରେକ୍ଟରମାନେ। ଧାନ କିଣା ସମୟରେ ସେବା ସମବାୟ ସମିତିର ଅଣଦେଖା କରି ଅଳ୍ପ ଧାନ କିଣୁଥିବାରୁ ସରକାରଙ୍କ ସମୟ ଅନୁସାରେ ୩୧ ମାର୍ଚ୍ଚ ଶେଷ ତାରିଖ ଥିବାବେଳେ ଆଉ ୨୨ଦିନ ଭିତରେ ମିଲର ସବୁ ଚାଷୀଙ୍କ ଧାନ କିଣି ପାରିବେ ନାହିଁ। ତେଣୁ ଏହାର ପ୍ରତିବାଦରେ ଚାଷୀମାନେ ଧାରଣାରେ ବସିଥିଲେ। ଯଦି ୭ ଦିନ ମଧ୍ୟରେ ସରକାର ସଠିକ୍ ପଦକ୍ଷେପ ନ ନିଅନ୍ତି ତେବେ ଆମ୍ଭେମାନେ ସେବା ସମବାୟ ସମିତି ଆଗରେ ରାସ୍ତା ରୋକ ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି।

# ବେଫିକର ମାଟି ବୋଝେଇ ଟ୍ରାକ୍ଟର ଚାଳକ

### ଚାଳକ ସାଜିଛନ୍ତି ଗାଁର ନାବାଳକ ଓ ଅନଭିଜ୍ଞ ବ୍ୟକ୍ତି

### ଅସାଧୁ ପୁଲିସ କର୍ମଚାରୀ ଓ ମାଟି ମାଫିଆଙ୍କ ଭିତିରି ବୁଝାମଣା ଚର୍ଚ୍ଚା



କାକଟପୁର/ଅସ୍ତରଙ୍ଗଃ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଓ ତହସିଲ କାର୍ଯ୍ୟାଳୟ ସାମ୍ନାରେ ଖୁଲମ ଖୁଲ୍ଲା ବେଆଇନ ମାଟି ଚୋରା ଚାଲାଣ ହେଉଥିବା ବେଳେ ସବୁ ଦେଖି ନିରବଦ୍ରଷ୍ଟା ପାଲଟିଛନ୍ତି ଅସ୍ତରଙ୍ଗ ଥାନାଅଧିକାରିଣୀ ଓ ତହସିଲଦାର। କାହା ଛତ୍ରଛାୟା ତଳେ ନମ୍ବର ବିହୀନ ଟ୍ରାକ୍ଟରଙ୍କ ମାଟି ଚାଲାଣ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବର୍ତ୍ତମାନ କିଛି ଦିନ ହେବ ଅସ୍ତରଙ୍ଗ ଥାନାରେ କାର୍ଯ୍ୟରତ ନୂତନ ଥାନାଧିକାରିଣୀଙ୍କ ଖାମଖିଆଲ ଯୋଗୁଁ ଆଇନ ଶୃଙ୍ଖଳା ସହ ବେଫିକର ମାଟି ମାଫିଆଙ୍କ ଚୋରା ଚାଲାଣ ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି।

ଅସ୍ତରଙ୍ଗ ଥାନା ଠାରୁ ଅଳ୍ପ କିଛି ଦୂରରେ ତଥା ଅସ୍ତରଙ୍ଗ ରାଜସ୍ୱ ସର୍କଲ ମୌଜାରେ ବେଆଇନ ଭାବେ ମାଟି ଖନନ କରାଯାଉଛି। ବେଫିକର ଟ୍ରାକ୍ଟର ଚାଳକ ବିନା ନମ୍ବର ପ୍ଲେଟରେ ଗାଁ ମାନଙ୍କରେ କୌଣସି ସରକାରୀ ଅନୁମତି ନଥାଇ ଇତି ମଧ୍ୟରେ ଶହ ଶହ ଟ୍ରିପ ମାଟି ଜେସିବି ମେସିନ ଦ୍ୱାରା ଉଠାଉଛନ୍ତି। ରାସ୍ତାରେ ଧାଡି ବାନ୍ଧି ମାଟି ପରିବହନ ଟ୍ରାକ୍ଟର ଗୁଡିକ ଯାତାୟାତ କରୁଥିବା ବେଳେ ପୁଲିସ କି ରାଜସ୍ୱ ନିରୀକ୍ଷକ ନଜର ନ ପଡିବା ମାଟି ଲୁଟେରାଙ୍କ ସହିତ ଭିତିରି ବୁଝାମଣା ଅଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏ ବାବଦକୁ ସରକାରୀ ତହସିଲକୁ ଟଙ୍କାଟିଏ ରାଜସ୍ୱ ଆସୁନାହିଁ। ମାଟି ଲୁଟେରାଙ୍କ ପକେଟକୁ ଦୈନିକ ଲକ୍ଷାଧିକ ଟଙ୍କା ଲାଭାଂସ ଯାଉଛି ବୋଲି ଚର୍ଚ୍ଚା ହେଉଛି।

ଅନ୍ୟ ପକ୍ଷେ ଯେଉଁ ଟ୍ରାକ୍ଟର ଗୁଡିକ ମାଟି ପରିବହନ କରୁଛନ୍ତି ସେଗୁଡିକ କୌଣସି କାଗଜପତ୍ର ମଧ୍ୟ ନାହିଁ। ସବୁଠାରୁ ଆଶ୍ଚର୍ଯ୍ୟ କଥା ଟ୍ରାକ୍ଟର ଗୁଡିକର ଚାଳକ ସାଜିଛନ୍ତି ଗାଁର ନାବାଳକ ଓ ଅନଭିଜ୍ଞ ବ୍ୟକ୍ତି। ଅଭିଜ୍ଞତା ନଥାଇ ବିନା ଲାଇସେନ୍ସ ରେ ସେମାନେ ଗାଡି ଚଳାଉଛନ୍ତି। ମାଟି ଚୋରା ଚାଲାଣ ଚଳାଉଥିବାରୁ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ଏ ନେଇ ସମାଜସେବୀ ନିଜ ଏକ୍ସ ମାଧ୍ୟମରେ ପୁରୀ ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲାପାଳଙ୍କୁ ଏକ୍ସ ମାଧ୍ୟ୍ୟମରେ ଜଣାଇଛନ୍ତି। ଏ ସମସ୍ତ ସମସ୍ୟାକୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।




## ନିବେଶକଙ୍କ ୮ ଲକ୍ଷ କୋଟି ଧୋଇଗଲା

# ୧୩୫୩ ପଏଣ୍ଟ ଖସିଲା ସେନ୍‌ସେକ୍ସ




ମୁମ୍ବାଇ, ୯।୩ଃ ପୁଞ୍ଜି ବଜାର ନିବେଶକମାନଙ୍କ ଉପରେ ଯୁଦ୍ଧର ବଡ଼ ପ୍ରଭାବ ପଡ଼ିଛି। ନିବେଶକମାନେ ଛାନିଆଁ ହୋଇ ସେୟାର ବିକ୍ରି କରିବାରେ ଲାଗିଛନ୍ତି। ଏଥିଯୋଗୁ ଆଜି ଉଭୟ ସେନ୍‌ସେକ୍ସ ଓ ନିଫ୍‌ଟି ଆଜି ପାଖାପାଖି ୨ ପ୍ରତିଶତ ତଳକୁ ଖସିଯାଇଛି। ସେନସେକ୍ସ ୧୩୫୨.୭୪ ପଏଣ୍ଟ୍ (୧.୭୧ ପ୍ରତିଶତ) ହ୍ରାସ ପାଇଁ ୭୭,୫୬୬.୧୬ ପଏଣ୍ଟ୍‌ରେ ବନ୍ଦ ହୋଇଛି। ତେବେ ଦିନର କାରବାର ମଝିରେ ସେନ୍‌ସେକ୍ସ ଆଜି ୨୪୯୪.୩୫ ପଏଣ୍ଟ ବା ୩.୧୬ ପ୍ରତିଶତ ତଳକୁ ଖସିଯାଇଥିଲା। ପରେ ଏଥିରେ ସୁଧାର ଆସିଥିଲା। ସେହିଭଳି ନିଫ୍‌ଟି ଆଜି ଦିନର କାରବାର ମଧ୍ୟରେ ୭୫୨.୬୫ ପଏଣ୍ଟ ବା ୩.୦୭ ପ୍ରତିଶତ ତଳକୁ ଖସିଯାଇଥିଲା। କିନ୍ତୁ ପରେ ଏଥିରେ ସୁଧାର ଆସିବାରୁ ନିଫ୍‌ଟି ୨୪,୦୨୮.୦୫ ପଏଣ୍ଟରେ ବନ୍ଦ ହୋଇଛି, ଯାହାକି ଗତ ଶୁକ୍ରବାର ତୁଳନାରେ ୪୨୨.୪୦ ପଏଣ୍ଟ ବା ୧.୭୩ ପ୍ରତିଶତ କମ୍। ଆଜି ବମ୍ବେ ଷ୍ଟକ ଏକ୍ସଚେଞ୍ଜ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମୋଟ ବଜାରପୁଞ୍ଜି ଆଜି ୪,୪୯,୬୮,୨୬୦.୮୧ କୋଟି ଟଙ୍କାକୁ କମିଯାଇଛି। ଏଥିପାଇଁ ନିବେଶକମାନଙ୍କର ପ୍ରାୟ ୮ ଲକ୍ଷ ଟଙ୍କା ଧୋଇଯାଇଛି। ଯୁଦ୍ଧ ପ୍ରଭାବରେ ଅଶୋଧିତ ତେଲ ଦର ବୃଦ୍ଧି ପାଇଛି। ସେହିଭଳି ଟଙ୍କାର ବିନିମୟ ମୂଲ୍ୟ ମଧ୍ୟ ରେକର୍ଡ ସ୍ତରକୁ ହ୍ରାସ ପାଇଛି। ଏଥିସହିତ ଏସିଆର ଅନ୍ୟ ବଜାରରେ ଷ୍ଟକ୍ ମାର୍କେଟଗୁଡ଼ିକ ନିମ୍ନମୁଖୀ ହୋଇଛି। ଦକ୍ଷିଣ କୋରିଆର କୋପ୍‌ସି ୭ ପ୍ରତିଶତକୁ ଅଧିକ, ଜାପାନର ନିକେଇ ୬.୫ ପ୍ରତିଶତ, ଚୀନର ସାଂଘାଇ ଏସ୍‌ଏସ୍‌ଇ କମ୍ପୋଜିଟ୍ ଏବଂ ହଂକଂର ହ୍ୟାଙ୍ଗ୍ ସେଙ୍ଗ୍ ଆଦି ତଳକୁ ଖସିଛି। ବିଦେଶୀ ସଂସ୍ଥାଗତ ନିବେଶକମାନେ ମଧ୍ୟ ଭାରତୀୟ ପୁଞ୍ଜି ବଜାରରୁ ମୁହଁ ଫେରାଇବା ଅବ୍ୟାହତ ରଖିଛନ୍ତି।

୧ ଡଲାରର ବିନିମୟ ମୂଲ୍ୟ ଆଜି ୯୨.୨୮ ଟଙ୍କାକୁ ହ୍ରାସ ପାଇଛି, ଯାହାକି ଗତ ଶୁକ୍ରବାର ତୁଳନାରେ ୪୬ ପଇସା କମ୍। ଅଶୋଧିତ ତେଲ ଦର ବୃଦ୍ଧି, ଇକ୍ୱିଟି ବଜାର ନିମ୍ନମୁଖୀ ହେବା ଏବଂ ବିଦେଶୀ ସଂସ୍ଥାଗତ ନିବେଶକମାନେ ଭାରତରୁ ମୁହଁ ଫେରାଇବା ଫଳରେ ଟଙ୍କା ମୂଲ୍ୟ ଉପରେ ଏହାର ପ୍ରଭାବ ପଡ଼ିଛି ବୋଲି ବିଶେଷଜ୍ଞମାନେ କହିଛନ୍ତି।



# ମଧ୍ୟପ୍ରାଚ୍ୟର ମହାଯୁଦ୍ଧ ଭିତରେ ହ୍ରାସ ପାଇଲା ସୁନାଦର

## ରୁପା ଦର ଅପରିବର୍ତ୍ତିତ

ଭୁବନେଶ୍ୱର, ୯।୩ଃ ମଧ୍ୟପ୍ରାଚ୍ୟ ଯୁଦ୍ଧ କାରଣରୁ ସୁନାରୁପା ବଜାରରେ ଅସ୍ଥିରତା ଦେଖାଦେଇଛି। ଏହାରି ଭିତରେ ଆଜି ସୁନା ଦର କମିଛି। ଭୁବନେଶ୍ୱର ବଜାରରେ ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ୍ ପିଛା ୧୯୬୦ ଟଙ୍କା ହ୍ରାସପାଇ ୧,୬୧,୬୮୦ ଟଙ୍କା ହୋଇଛି। ସେହିଭଳି ୨୨ କ୍ୟାରେଟ୍ ସୁନା ଦର ୧୮୦୦ ଟଙ୍କା ତଳକୁ ଖସି ୧,୪୮,୨୦୦ ଟଙ୍କାରେ ରହିଛି। ଚଳିତମାସ ୨ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ସୁନା ଦର କମିଥିଲା। କିନ୍ତୁ ୭ ତାରିଖ ଦିନ ଏହା ବଢ଼ିଥିଲା। କିନ୍ତୁ ଆଜି ଦର ହ୍ରାସ ଘଟିଛି। ଅନ୍ୟପକ୍ଷରେ ରୁପା ଦର ଲଗାତାର ଭାବେ ଗତ କିଛିଦିନ ହେଲା ଅପରିବର୍ତ୍ତିତ ରହିଛି। ଭୁବନେଶ୍ୱର ବଜାରରେ ରୁପା ଦର ସଂପ୍ରତି କିଲୋଗ୍ରାମ୍ ପିଛା ୨,୯୦,୦୦୦ ଟଙ୍କା ରହିଛି।

# ପ୍ରଥମ ଥର ଡଲାର ତୁଳନାରେ ସର୍ବନିମ୍ନ ସ୍ତରକୁ ଖସିଲା ଟଙ୍କା

## ମହଙ୍ଗା ହେବ ଆମଦାନୀ




ନୂଆଦିଲ୍ଲୀ, ୯।୩ଃ ବିଶ୍ୱରେ ଯୁଦ୍ଧ ଓ ଭୂରାଜନୈତିକ ଅସ୍ଥିରତା ଭିତରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାରେ ମୂଲ୍ୟ ରସାତଳକୁ ଗଲାଣି। ପ୍ରାୟ ପ୍ରତିଦିନ ଭାରତୀୟ ମୁଦ୍ରା ମୂଲ୍ୟ ଖସୁଛି। ମାର୍ଚ୍ଚ ୯ ତାରିଖ ସୋମବାର ଡଲାର ତୁଳନାରେ ମୁଦ୍ରା ମୂଲ୍ୟ ୪୬ ପଇସା ହ୍ରାସ ପାଇଛି। ଫଳରେ ଗୋଟିଏ ଡଲାର ମୂଲ୍ୟର ବର୍ତ୍ତମାନ ୯୨.୩୩ ଟଙ୍କାରେ ପହଞ୍ଚିଛି। ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ତୀବ୍ର ବୃଦ୍ଧି ଏବଂ ମଧ୍ୟପ୍ରାଚ୍ୟରେ ପରିସ୍ଥିତି ଖରାପ ହେଉଥିବା ମଧ୍ୟରେ ଡଲାରର ମଜବୁତ ହେବା ଯୋଗୁ ଟଙ୍କାର ଏହି ବଡ଼ ହ୍ରାସ ଘଟିଛି।

ବିଶେଷଜ୍ଞମାନେ କହିଛନ୍ତି ଯେ ଯୁଦ୍ଧ ନ କମିବା ପର୍ଯ୍ୟନ୍ତ ଟଙ୍କା ଚାପରେ ରହିପାରେ। ଚଳିତ ବର୍ଷ ଟଙ୍କା ୨% ରୁ ଅଧିକ ହ୍ରାସ ପାଇଛି, ଫଳରେ ୨୦୨୬ରେ ବିଶ୍ୱର ଇମର୍ଜିଂ ମାର୍କେଟ୍ (ଉଦୀୟମାନ ବଜାର)ର ସବୁଠାରୁ ଖରାପ ପ୍ରଦର୍ଶନ କରିଥିବା କରେନ୍ସି ହୋଇଛି। ଟଙ୍କା ମୂଲ୍ୟରେ ଏହି ବଡ଼ ହ୍ରାସର ପ୍ରମୁଖ କାରଣ ଅଶୋଧିତ ତୈଳ ବୃଦ୍ଧି ହେବା। ମଧ୍ୟପ୍ରାଚ୍ୟରେ ଚାପ ଯୋଗୁ ସପ୍ଲାଏ ବନ୍ଦ ହେବାର ଭୟ ରହିଛି। ତେଣୁ କ୍ରୁଡ୍ ଅଏଲ୍ ମୂଲ୍ୟ ବଢ଼ିଛି। ସୋମବାର ବ୍ରେଣ୍ଟ କ୍ରୁଡ୍ ୨୫% ବଢ଼ି ପ୍ରତି ବ୍ୟାରେଲ୍ ୧୧୭ ଡଲାର ପାଖାପାଖି ପହଞ୍ଚି ଯାଇଛି। ଇରାନ ସହ ଯୁଦ୍ଧ ହେବା ପରେ ତୈଳ ମୂଲ୍ୟରେ ୫୦ % ବଢ଼ି ସାରିଲାଣି।

ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ବିଶ୍ୱବ୍ୟାପୀ ବଜାରରେ ଅନିଶ୍ଚିତତାର ବାତାବରଣ ସୃଷ୍ଟି କରିଛି। ନିବେଶକମାନେ ରିସ୍କ ଉଠାଇବା ପରିବର୍ତ୍ତେ ଏକ ନିରାପଦ ଆସେଟ ଭାବରେ ଆମେରିକୀୟ ଡଲାରରେ ନିବେଶ କରୁଛନ୍ତି। ଗ୍ଲୋବାଲ୍ ରିସର୍ଚ୍ଚର ଏକ ରିପୋର୍ଟ ଅନୁଯାୟୀ, "ଯଦି ଏହି ଯୁଦ୍ଧ ଦୀର୍ଘ ସମୟ ଧରି ଜାରି ରହେ, ତେବେ ତୈଳ ଆମଦାନୀ ଉପରେ ନିର୍ଭରଶୀଳ ଦେଶଗୁଡ଼ିକର ମୁଦ୍ରା ସବୁଠାରୁ ଅଧିକ ଚାପରେ ରହିବ। ଭାରତ ଏବଂ ଫିଲିପାଇନ୍ସ ସବୁଠାରୁ ଦୁର୍ବଳ ପରିସ୍ଥିତିର ସାମ୍ନା କରିପାରନ୍ତି।

ମୁଦ୍ରା ମୂଲ୍ୟ ହ୍ରାସ ହେବା ଦ୍ୱାରା ଦେଶରେ ମହଙ୍ଗା ସ୍ଥିତି ଦେଖା ଦେବ। କାରଣ ଆମଦାନୀ କରାଯାଉଥିବା କିଛି ସାମଗ୍ରୀର ମୂଲ୍ୟ ବଢ଼ିବ। ସେହିପରି ବିଦେଶରେ ପାଠପଢ଼ିବାରେ ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ ଆହୁରି ବ୍ୟୟବହୁଳ ହେବ। ଯଦି ଡଲାର ତୁଳନାରେ ଯଦି କୌଣସି ଦେଶର ମୁଦ୍ରାର ମୂଲ୍ୟ ହ୍ରାସ ପାଏ, ତେବେ ଏହାକୁ ମୁଦ୍ରା ହ୍ରାସ, କିମ୍ବା ଦୁର୍ବଳ ହେବା ବୋଲି କୁହାଯାଏ। ଇଂରାଜୀରେ ଏହାକୁ ମୁଦ୍ରା ଅବମୂଲ୍ୟାୟନ (କରେନ୍ସି ଡେପ୍ରିସିଏସନ) କୁହାଯାଏ। ପ୍ରତ୍ୟେକ ଦେଶର ବିଦେଶୀ ମୁଦ୍ରା ସଂରକ୍ଷଣ ଅଛି, ଯାହା ମାଧ୍ୟମରେ ସେମାନେ ଆନ୍ତର୍ଜାତୀୟ କାରବାର କରନ୍ତି। ବିଦେଶୀ ଭଣ୍ଡାର ବୃଦ୍ଧି କିମ୍ବା ହ୍ରାସର ପ୍ରଭାବ ମୁଦ୍ରାର ମୂଲ୍ୟ ଉପରେ ପଡ଼େ। ଯଦି ଭାରତର ଫରେନ ରିଜର୍ଭରେ ଯେତିକି ଡଲାର ରହିଛି ଆମେରିକୀୟ ଭଣ୍ଡାରରେ ସେତିକି ଟଙ୍କା ରହିବ ତେବେ ଭାରତୀୟ ମୁଦ୍ରା ମୂଲ୍ୟ ସ୍ଥିର ରହିବ। ଯଦି ଆମ ପାଖରୁ ଡଲାର କମେ ତେବେ ଟଙ୍କା ଦୁର୍ବଳ ହେବ; ଯଦି ଏହା ବୃଦ୍ଧି ପାଏ, ତେବେ ଟଙ୍କା ମଜବୁତ ହେବ।

# ୧୧୦ ଡଲାର ପାର୍ କଲା କ୍ରୁଡ୍ ଅଏଲ୍

ନୂଆଦିଲ୍ଲୀ, ୯।୩ଃ ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଇରାନ୍-ଇସ୍ରାଏଲ୍ ଯୁଦ୍ଧର ଭୟଙ୍କର ପ୍ରଭାବ ଏବେ ବିଶ୍ୱ ତୈଳ ବଜାର ଉପରେ ଦେଖିବାକୁ ମିଳିଛି। ସୋମବାର ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ପ୍ରାୟ ସାଢ଼େ ତିନି ବର୍ଷ ପରେ ପ୍ରଥମ ଥର ପାଇଁ ୧୧୦ ଡଲାର ଅତିକ୍ରମ କରିଛି। ଗୋଟିଏ ସମୟରେ ଏହା ବ୍ୟାରେଲ ପିଛା ୧୧୪ ଡଲାରରେ ପହଞ୍ଚି ଯାଇଥିଲା, ଯାହା ଶୁକ୍ରବାର ତୁଳନାରେ ପ୍ରାୟ ୨୧% ଅଧିକ। ଇରାନ୍ ସହ ଚାଲିଥିବା ସଂଘର୍ଷ ଯୋଗୁଁ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍' ପଥରେ ତୈଳ ପରିବହନ ବାଧାପ୍ରାପ୍ତ ହେବାର ଆଶଙ୍କା ଦେଖାଦେଇଛି। ବିଶ୍ୱର ପ୍ରାୟ ୨୦% ତୈଳ ଏହି ପଥ ଦେଇ ଯାଇଥାଏ। ଯୁଦ୍ଧ କାରଣରୁ ଅନେକ ପ୍ରମୁଖ ତୈଳ ଉତ୍ପାଦନକାରୀ ଦେଶ ସେମାନଙ୍କ ଉତ୍ପାଦନ କମାଇଥିବାରୁ ବଜାରରେ ଅଭାବ ପରିଲକ୍ଷିତ ହେଉଛି। ଭାରତ ନିଜର ଆବଶ୍ୟକତାର ପ୍ରାୟ ୮୫% ତୈଳ ଆମଦାନୀ କରିଥାଏ। ଅଶୋଧିତ ତୈଳ ଦର ବୃଦ୍ଧି ପରେ ସାଧାରଣ ଜନତାଙ୍କ ମନରେ ଭୟ ସୃଷ୍ଟି ହୋଇଛି ଯେ, ଏବେ ପେଟ୍ରୋଲ ଓ ଡିଜେଲ ଦର ପୁଣି ବଢ଼ିପାରେ। ସୂଚନାଯୋଗ୍ୟ, ଗତ ଶନିବାର ଘରୋଇ ଗ୍ୟାସ୍ ସିଲିଣ୍ଡର ପିଛା ୬୦ ଟଙ୍କା ବୃଦ୍ଧି ପାଇଛି। ତେବେ ଏହି ସଙ୍କଟ ମଧ୍ୟରେ ଭାରତ ସରକାରଙ୍କ ପକ୍ଷରୁ ଏକ ବଡ଼ ଆଶ୍ୱାସନା ମିଳିଛି। ସରକାରୀ ସୂତ୍ର ଅନୁସାରେ, ଭାରତରେ ବର୍ତ୍ତମାନ ପାଇଁ ପେଟ୍ରୋଲ ଓ ଡିଜେଲ ଦର ବଢ଼ାଇବାର କୌଣସି ଯୋଜନା ନାହିଁ। ଭାରତ ପାଖରେ ପର୍ଯ୍ୟାପ୍ତ ପରିମାଣର ତୈଳ ଗଚ୍ଛିତ ଅଛି ଏବଂ ସରକାର ଅନ୍ୟ ବିକଳ୍ପ ପଥ ଦେଇ ତୈଳ ଆମଦାନୀ କରୁଛନ୍ତି। ହର୍ମୁଜ୍ ଜଳପଥ ବଦଳରେ ଭାରତ ଅନ୍ୟ ଉତ୍ସରୁ ତୈଳ ଆମଦାନୀ ହାର ୬୦% ରୁ ୭୦% କୁ ବୃଦ୍ଧି କରିଛି। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ପ୍ରାୟ ୧୦୧.୧୯ ଟଙ୍କା ଏବଂ ଡିଜେଲ ଦର ୯୨.୭୭ ଟଙ୍କା ରହିଛି। ଯଦିଓ ବିଶ୍ୱ ବଜାରରେ ଦର ବଢ଼ୁଛି, କିନ୍ତୁ ଭାରତୀୟ ତୈଳ କମ୍ପାନୀଗୁଡ଼ିକ ଏପର୍ଯ୍ୟନ୍ତ ଖୁଚୁରା ଦରରେ କୌଣସି ପରିବର୍ତ୍ତନ କରିନାହାନ୍ତି।




# ମଧ୍ୟପ୍ରାଚ୍ୟରେ ତେଜୁଛି ଯୁଦ୍ଧ

# ବଢ଼ିବ ଦରଦାମ, କମିବ ଅଭିବୃଦ୍ଧି



ନୂଆଦିଲ୍ଲୀ, ୯।୩ଃ ପଶ୍ଚିମ ଏସିଆରେ ବଢୁଛି ଯୁଦ୍ଧ। ଏହା ପ୍ରଭାବରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଏବେ ଉପରମୁହାଁ। ଯଦି ଉପଭୋକ୍ତାଙ୍କ ଉପରେ ତୈଳ କମ୍ପାନିଗୁଡ଼ିକ ବୋଝ ପକାନ୍ତି ତେବେ ଘରୋଇ ବଜାରରେ ଇନ୍ଧନ ଦର ବଢ଼ିବ। ଫଳସ୍ୱରୂପ ୨୦୨୬-୨୭ରେ ମୁଦ୍ରାସ୍ଫୀତିରେ ୧୦ରୁ ୨୦ ବେସିସ୍ ପଏଣ୍ଟ ବୃଦ୍ଧି ଘଟିପାରେ ବୋଲି ଅନୁମାନ କରିଛନ୍ତି ଅର୍ଥନୀତିଜ୍ଞ। ଏହା ସହିତ ଜିଡିପି ଅଭିବୃଦ୍ଧି ମଧ୍ୟ ପ୍ରଭାବିତ ହୋଇପାରେ ବୋଲି ପୂର୍ବାନୁମାନ କରାଯାଇଛି। ଯୁଦ୍ଧ ସ୍ଥିତିରେ ଇରାନ ହୋର୍ମୁଜ ଜଳପଥ ବନ୍ଦ କରିଦେଇଛି। ଫଳରେ ଏହି ବାଟ ଦେଇ ପେଟ୍ରୋଲିୟମ ଏବଂ ଗ୍ୟାସ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୧୦୦ ଡଲାର ଛୁଇଁଛି। ଏକ୍ଟିଏଫ୍ସି ବ୍ୟାଙ୍କ ଅନୁମାନ କରିଛି ଯେ, ଯଦି ବ୍ୟାରେଲ ପିଛା ଅଶୋଧିତ ତୈଳ ଦର ହାରାହାରି ୬୫ ଡଲାର ରୁହେ ତେବେ ୨୦୨୬-୨୭ରେ ମୁଦ୍ରାସ୍ଫୀତି ୪.୩% ରହିପାରେ। ଅନ୍ୟପକ୍ଷରେ, ଯଦି ଏହା ୭୫ ଡଲାରକୁ ବୃଦ୍ଧି ପାଏ, ତେବେ ମୁଦ୍ରାସ୍ଫୀତି ଆଉ ୨୦ ବେସିସ୍ ପଏଣ୍ଟ ବଢ଼ିପାରେ। ଯଦି ସ୍ଥିତି ଅଧିକ ଗମ୍ଭୀର ରୁହେ ଏବଂ ସରକାର ଉତ୍ପାଦ ଶୁଳ୍କ ହ୍ରାସ ନ କରନ୍ତି ତେବେ ଉପଭୋକ୍ତାଙ୍କ ଉପରେ ବୋଝ ପଡ଼ିବ। ଏଭଳି ସ୍ଥିତିରେ ମୁଦ୍ରାସ୍ଫୀତି ୫୦ ବେସିସ୍ ପଏଣ୍ଟ ବଢ଼ିପାରେ ବୋଲି କୁହନ୍ତି ଏକ୍ଟିଏଫ୍ସି ବ୍ୟାଙ୍କ ମୁଖ୍ୟ ଅର୍ଥନୀତିଜ୍ଞ ସାକ୍ଷୀ ଗୁପ୍ତା। କେୟାର୍‌ଏଜ୍ ରେଟିଙ୍ଗ୍ସର ମୁଖ୍ୟ ଅର୍ଥନୀତିଜ୍ଞ ରଜନୀ ସିହ୍ନା କୁହନ୍ତି, ଯଦି ଅଶୋଧିତ ତୈଳ ଦର ଅଧିକ ସମୟ ଧରି ୮୦ ଡଲାର ଉପରେ ରୁହେ, କେବଳ ପରୋକ୍ଷ ପ୍ରଭାବ ଦ୍ୱାରା ୨୦୨୬- ୨୭ରେ ମୁଦ୍ରାସ୍ଫୀତି ପାଖାପାଖି ୧୦ ବେସିସ୍ ପଏଣ୍ଟ ବଢ଼ିପାରେ। ଡିବିଏସ୍ ବ୍ୟାଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ବରିଷ୍ଠ ଅର୍ଥନୀତିଜ୍ଞ ରାଧିକା ରାଓ କହିଛନ୍ତି ଯେ,ବ୍ୟାରେଲ ପିଛା ଅଶୋଧିତ ତୈଳ ଦର ହାରାହାରି ୭୦ ବ୍ୟାରେଲ ରହିଲେ ମୁଦ୍ରାସ୍ଫୀତି ଉପରେ ଅପ୍ସାଇଡ୍ ରିସ୍କ ରହିଛି। ଭାରତ ଏହାର ତୈଳ ଆବଶ୍ୟକତାର ୮୫%ରୁ ଅଧିକ ଆମଦାନି ଜରିଆରେ ପୂରଣ କରିଥାଏ। ଏଥିମଧ୍ୟରୁ ଅଧା ହୋର୍ମୁଜ ଜଳମାର୍ଗ ଦେଇ ଆସିଥାଏ। ପାଖାପାଖି ୪୭% ସାଉଦି ଆରବ, ୟୁଏଇ, କୁଏତ୍ ଏବଂ ଇରାକ ଭଳି ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡ଼ିକରୁ ଆସିଥାଏ। ଏହାସତ୍ତ୍ୱେ ବିଶେଷଜ୍ଞଙ୍କ ମତରେ ଇନ୍ଧନର ଖୁଚୁରା ଦର ଉପରେ ସେଭଳି ବିଶେଷ ପ୍ରଭାବ ପଡ଼ିବ ନାହିଁ। ଖର୍ଚ୍ଚର କିଛି ଭାଗ ତୈଳ ମାର୍କେଟିଂ କମ୍ପାନିଗୁଡ଼ିକ ସହ୍ୟ କରିପାରନ୍ତି।



# ଆଜିର ସୁନା ଦର

ସୁନା ଓ ରୁପା ଦରରେ ନିଆଁ। ଗୋଟିଏ ଦିନରେ ୧୦,୦୦୦ ଟଙ୍କାରୁ ଅଧିକ ବଢ଼ିଲା। ମଧ୍ୟପ୍ରାଚ୍ୟରେ ବଢୁଥିବା ଯୁଦ୍ଧ ଓ ଉତ୍ତେଜନା ଯୋଗୁଁ ଭାରତୀୟ ବଜାରରେ ସୁନା ଏବଂ ରୁପା ଦର ଆକାଶଛୁଆଁ ହୋଇଛି। ଆଜି ସକାଳେ ସୁନା ଦରରେ ଏକ ବଡ଼ ଧରଣର ବୃଦ୍ଧି ଦେଖିବାକୁ ମିଳିଛି। ଯାହା ସାଧାରଣ ଗ୍ରାହକଙ୍କୁ ବଡ଼ ଝଟକା ଦେଇଛି। ୨୪ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ପ୍ରାୟ ୧ ଲକ୍ଷ ୭୩ ହଜାର ୯୦ ଟଙ୍କାରେ ପହଞ୍ଚିଛି। ଶୁକ୍ରବାର ତୁଳନାରେ ଏହା ପ୍ରାୟ ୧୦,୬୦୦ ଟଙ୍କା ବୃଦ୍ଧି ପାଇଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ଦର ବଢ଼ି ୧ ଲକ୍ଷ ୫୯ ହଜାର ଟଙ୍କାରେ ପହଞ୍ଚିଛି। ସେହିପରି ରୁପା ମଧ ସୁନାକୁ ତାଳ ଦେଇ ବଢ଼ିଛି। କିଲୋଗ୍ରାମ ପିଛା ପ୍ରାୟ ୨ ହଜାର ୯୪ ହଜାର ୯୦୦ ଟଙ୍କାରେ ପହଞ୍ଚିଛି। ଗୋଟିଏ ଦିନରେ ରୁପା ଦର ପ୍ରାୟ ୧୨,୭୬୦ ଟଙ୍କା ବଢ଼ିଛି। ଆମେରିକା-ଇସ୍ରାଏଲ ଏବଂ ଇରାନ ମଧରେ ଚାଲିଥିବା ସଂଘର୍ଷ ଯୋଗୁଁ ନିବେଶକମାନେ ସୁନାକୁ ସବୁଠାରୁ ସୁରକ୍ଷିତ ମନେକରୁଛନ୍ତି। ସେହିପରି ଟଙ୍କାର ମୂଲ୍ୟ ହ୍ରାସ ଘଟିବାରୁ ସୁନା ଦର ବଢ଼ିଛି। ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କମିଥିବାରୁ ଦେଶରେ ସୁନା ଦର ବୃଦ୍ଧି ପାଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।

## ଲାଠିକଟାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି



ସୁନ୍ଦରଗଡ,୯।୩ (ସଂଚାର ବ୍ୟୁରୋ):ସୋମବାର ଲାଠିକଟା ବ୍ଲକର ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଉପସ୍ଥିତ ରହି ଜନ ସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୫୬ ଗୋଟି ଅଭିଯୋଗର ଶୁଣାଣୀ ମଧ୍ୟରୁ ୧୮ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୩୨ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏଥି ମଧ୍ୟରୁ ୬ଗୋଟି ଅଭିଯୋଗର ତତ୍ କ୍ଷଣାତ ସମାଧାନ କରାଯାଇଥିଲା । ଏଥି ସହିତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬ଜଣ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଗଲା। ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତାଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା,ବ୍ରିଜ ନିର୍ମାଣ, ଆବାସ ସମସ୍ୟା, ରାସନ୍ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା। ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଂଜନ ସାହୁ, ଉପ ଜିଲ୍ଲାପାଳ ପାନପୋଷ ବିଜୟ କୁମାର ନାୟକ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଗୋହିରା ଶଗଡ଼ପଟା ରାସ୍ତା ନିର୍ମାଣ ଘୋଟାଲା ତଦନ୍ତ କେବେ ?

**ଖବର ପ୍ରସାରଣ ପରେ କୁମ୍ଭକର୍ଣ୍ଣ ନିଦ୍ରାରେ ଗ୍ରାମ୍ୟ ଉନ୍ନୟନ ବିଭାଗ**



ଆନନ୍ଦପୁର,୯।୩ (ସଂଚାର ବ୍ୟୁରୋ): ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ ଅନ୍ତର୍ଗତ ଗୋହିରା- ଶଗଡ଼ପଟା ରାସ୍ତା ନିର୍ମାଣ କାମରେ ବ୍ୟାପକ ଅନିୟମିତତା ହୋଇଥିବା ଖବର ପ୍ରସାରଣ ପରେବି ଠିକାଦାର ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେବାରୁ ଆନନ୍ଦପୁର ପ୍ରଶାସନର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ଉଠିଛି। ସରକାରୀ ଟଙ୍କାରେ ହେଉଥିବା ଏହି ରାସ୍ତା କାମରେ ଠିକାଦାର ଓ କିଛି ଅଧିକାରୀ ମିଶି ଲୁଟ୍ ଚାଲାଉଥିବା କଥା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି।ସୂଚନା ଅନୁସାରେ, ରାସ୍ତା କାମରେ ନିମ୍ନମାନର ସାମଗ୍ରୀ ବ୍ୟବହାର ହୋଇଥିବା ସହ ଅନେକ ସ୍ଥାନରେ ମାଟି ଖୋଲି ନେଇ ଛାଡ଼ି ଦିଆଯାଇଛି। ଏହା ଫଳରେ ରାସ୍ତାର ଗୁଣବତ୍ତା ମାନ ଉପରେ ଗଭୀର ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକେ କହିବା ଅନୁଯାୟୀ, ଠିକାଦାର ଟଙ୍କାରେ କିଛି ଅଧିକାରୀଙ୍କ ମୁହଁ ବନ୍ଦ ହୋଇଥିବାରୁ କାମରେ ଅନିୟମିତତା ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ।ଏହା ସହିତ ରାସ୍ତା କାମ ପାଇଁ କୋଟି କୋଟି ଟଙ୍କା ର ମୂଲ୍ୟବାନ ଗଛ କାଟି ମାଟି ଖୋଲି ନେଇଥିବା ଅଭିଯୋଗ ମଧ୍ୟ ଉଠିଛି। କିନ୍ତୁ ଏହାକୁ ନେଇ ଆନନ୍ଦପୁର ବନ ବିଭାଗ ନୀରବ ଦ୍ରଷ୍ଟା ସାଜିଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଖବର ପ୍ରସାରଣ ପରେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଥିବା ଭଳି ଲାଗୁଛି। ଏପର୍ଯ୍ୟନ୍ତ ଘଟଣାର ତଦନ୍ତ ଆରମ୍ଭ ନ ହେବାରୁ ସ୍ଥାନୀୟ ଲୋକମାନେ ପ୍ରଶ୍ନ କରୁଛନ୍ତି,, ଠିକାଦାର ସୂଚନା ଫଳକ ନ ଲଗାଇ କାର୍ଯ୍ୟ କରୁଛି କାହା ଛତ୍ରଛାୟା ତଳେ ରହି? କିଏ ସେ ପ୍ରଭାବୀ ଶାଳୀ ବ୍ୟକ୍ତି? ଏହି ଘଟଣା ରେ ମୁହଁ ଖୋଲିବା ପାଇଁ ଜନ ପ୍ରତିନିଧି କାହିଁକି ଡରୁଛନ୍ତି ପଛଘୁଞ୍ଚା ? ସରକାର ଙ୍କ ପକ୍ଷରୁ ବାର କୋଟି ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ ଅନ୍ୟମିତତା ଚରମ ସୀମାରେ? ଏହି ଘୋଟାଲାର ତଦନ୍ତ କେବେ ହେବ? ସରକାରୀ ଟଙ୍କାର ସଠିକ୍ ବ୍ୟବହାର ଓ ରାସ୍ତା କାମର ଗୁଣବତ୍ତା ମାନ ଯାଞ୍ଚ ପାଇଁ ତୁରନ୍ତ ଜିଲ୍ଲାପାଳ ଉଚ୍ଚସ୍ତରୀୟ ତଦନ୍ତ କରି ଠିକାଦାର ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ତେବେ ଦେଖିବାକୁ ବାକି ରହିଲା ତଦନ୍ତ କେବେ ହେଉଛି ଦୋଷୀ ବିରୁଦ୍ଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

## ବାଇକ୍ ଧକ୍କାରେ ଜଣେ ମୃତ ୩ ଗୁରୁତର

ବାରିପଦା, ୯।୩ (ସଂଚାର ବ୍ୟୁରୋ): ଆଜି ରାତ୍ରୀ ପାଖା ପାଖି ନଅଟା ସମୟରେ ବାରିପଦା ସହର ଦେଇ ଯାଇଥିବା ୧୮ ନମ୍ବର ଜାତୀୟ ରାଜପଥ ର ଡାଗୋଡାହି ଗୋଲେଇ ଏବଂ ତକତପୁର ଛକ ମଧ୍ୟରେ ଦୁଇ ବାଇକ ମୁହାଁ ମୁହିଁ ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ତିନିଜଣ ଗୁରୁତର ଆହତ ହୋଇଛନ୍ତି। ଖବର ନେବାରୁ ଜଣା ପଡିଅଛି ଯେ ଗୋଟିଏ ବାଇକ ରେ ଦୁଇ ଜଣ ଏବଂ ଅନ୍ୟଗୋଟିଏ ବାଇକରେ ଦୁଇ ଜଣ ଥିଲେ। ଗୋଟିଏ ବାଇକ କୁ ବିପରୀତ ଦିଗରୁ ଅନ୍ୟ ଗୋଟିଏ ବାଇକ ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା । ଫଳରେ ଦୁର୍ଘଟଣା ଭୟଙ୍କର ହୋଇଥିଲା । ଦୁର୍ଘଟଣା ଖବର ପାଇ ଆଖ ପାଖର ଲୋକେ ଆସି ଗୁରୁତର ଙ୍କୁ ଆମ୍ବୁଲାନ୍ସ ଯୋଗେ ବାରିପଦା ଡାକ୍ତରଖାନା କୁ ପଠାଇଥିଲେ । ପୋଲିସ ଘଟଣା ସ୍ଥଳରେ ପହଁଞ୍ଚି ଦୁର୍ଘଟଣା ର ତଦନ୍ତ କରିବା ସହିତ ମୃତକର ଶବକୁ ଜବତ କରି ପିଆରଏମ ମେଡିକାଲକୁ ବ୍ୟବଛେଦ ପାଇଁ ପଠାଇଛି । ତେବେ ମୃତକ ଏବଂ ଗୁରୁତରଙ୍କ ପରିଚୟ ମିଳିପାରିନାହିଁ ।

## ଚୂଡ଼ା ମିଲ୍‌ରୁ ଚୋରି ଅଭିଯୋଗରେ ଜଣେ ଗିରଫ



ଡାବୁଗାଁ, ୯।୩ (ସଂଚାର ବ୍ୟୁରୋ):ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଏକ ଚୂଡ଼ା ମିଲରୁ ଚୋରୀ ଅଭିଯୋଗରେ ସୋମବାର ପୋଲିସ ଜଣେ ଯୁବକ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ:- ଡାବୁଗାଁ ବ୍ଲକ ଅଧୀନ ଡାବୁଗାଁ- ପାପଡାହାଣ୍ଡି ମୁଖ୍ୟ ରାସ୍ତା କଡରେ ଥିବା ଦିନେଶ ସିଂ ଙ୍କ ଚୂଡ଼ା ମିଲରେ ରବିବାର ରାତି ୧୦ ଘ. ରେ କାମ ସାରି ଡାବୁଗାଁ ଗ୍ରାମ ମଧରେ ଥିବା ନିଜ ଘରକୁ ଯାଇଥିଲେ। ସୋମବାର ସକାଳେ ମିଲ କୁ ଆସି ଦେଖିଥିଲେ ଯେ ମିଲ ଭିତରେ ଥିବା ଏକ ୨ ଏଚପି ର ପାଣି ମଟର, ୧ ଟି ୱେଲଡିଙ୍ଗ ମେସିନ, ବିଭିନ୍ନ ରେଞ୍ଜି ଓ ଅନ୍ୟାନ୍ୟ ଲୁହା ସାମଗ୍ରୀ ସବୁ ଚୋରୀ ହୋଇଛି। ଦିନେଶ ସିଂ ମିଲ ଭିତରେ ସମସ୍ତ ସ୍ଥାନରେ ଖୋଜାଖୋଜି କରି ସାରିବା ପରେ ଯାଇ ଡାବୁଗାଁ ଥାନାରେ ପୂର୍ବାହ୍ନରେ ଏତଲା ଦେଇଥିଲେ। ଆଜି ପ୍ରାୟ ମଧାହ୍ନ ସମୟରେ ପୋଲିସ ଖବର ପାଇଲା ଯେ ଜଣେ ଯୁବକ ଏକ ଅଟୋ ଗାଡିରେ ବିଭିନ୍ନ ଲୁହା ସାମଗ୍ରୀ ନେଇ ନବରଙ୍ଗପୁର ଆଡକୁ ଯାଉଛି। ସଙ୍ଗେ ସଙ୍ଗେ ପୋଲିସ ଯାଇ ଡାବୁଗାଁ ରୁ କିଛି ଦୂରରେ ଏକ ଅଟୋ ଗାଡି ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ କରିବା ରେ ଚୂଡ଼ା ମିଲ ଚୋରୀ ହୋଇଥିବା ସାମଗ୍ରୀ ଗୁଡିକ ବୋଲି ପୋଲିସ ଜାଣିବାକୁ ପାଇଲା। ସଙ୍ଗେ ସଙ୍ଗେ ପୋଲିସ ଉକ୍ତ ଯୁବକ ସହ ଅଟୋ ଗଡିକୁ ଥାନା କୁ ଆଣିଥିଲେ। ଉକ୍ତ ଯୁବକକୁ ପଚାରିବାରୁ ଯୁବକ ଜଣଙ୍କ ଚୋରୀ କରିଥିବା ମଣିଥିଲା। ଏହାପରେ ପୋଲିସ ଯୁବକ କୁ ଗିରଫ କରିବା ସହ ସମସ୍ତ ସାମଗ୍ରୀ ଜବତ କରିଥିଲେ। ଗିରଫ ଯୁବକ ଜଣଙ୍କ ହେଲେ ନବରଙ୍ଗପୁର ଥାନା ଅଧୀନ ଦଶରାପଦା ର ମେଦିନିସାହି ର ଶିବା ହରିଜନ (୨୮)। ସୋମବାର ଅପରାହ୍ନରେ ଅଭିଯୁକ୍ତ ଶିବା ହରିଜନ କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ଥାନା କେସ ନଂ ୪୨/୨୬ ରେ ଏକ ମାମଲା ରୁଜୁ କରାଯାଇଛି। ଉକ୍ତ ମାମଲାର ଥାନା ସବଇନିସ୍ପେକ୍ଟର ବିକ୍ରମ କିଶୋର ସାହୁ ତଦନ୍ତ କରୁଛନ୍ତି।

# ଆଇବିସିଏସ୍ ପକ୍ଷରୁ 'ସଷ୍ଟେନହେଲ୍‌ଥ -୨୦୨୬' ଆୟୋଜିତ




ଭୁବନେଶ୍ୱର,୯।୩ (ସଂଚାର ବ୍ୟୁରୋ):ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ (ଆଇବିସିଏସ), ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ ଏବଂ କନ୍‌ସୋରଟିୟମ୍ ଅଫ୍ ଆକ୍ରେଡିଟେଡ ହେଲ୍‌ଥ କେୟାର ଅର୍ଗାନାଇଜେସନ୍‌ସ(କାହୋ)ର ମିଳିତ ଆନୁକୂଲ୍ୟରେ ସୋଆ କ୍ୟାମ୍ପସ-୨ ପରିସରରେ ଦୁଇ ଦିନ ଧରି ଜାତୀୟ ସ୍ତରର "ସଷ୍ଟେନ୍‌ହେଲ୍‌ଥ -୨୦୨୬" ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ଏହି ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସିର ଡାଇରେକ୍ଟର ଜେନେରାଲ ଶ୍ରୀ କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ 'ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସ୍ଥିରତା ଏବଂ ନୂତନ ଉଦ୍‌ଭାବନ'ର ପ୍ରସଙ୍ଗକୁ ନେଇ ଏହି କ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ନିମନ୍ତେ କୃତ୍ରିମ ବୁଦ୍ଧିମତାର ବ୍ୟବହାର, ଡିଜିଟାଲ୍ ପରିବର୍ତନ ଏବଂ ନୂତନ ଉଦ୍‌ଭାବନକୁ ନେଇ ରୋଗୀମାନଙ୍କୁ କିପରି ଉନ୍ନତମାନର ଚିକିତ୍ସା ଯୋଗାଇ ଦିଆଯାଇପାରିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ୟୁନିସେଫ୍‌ର ହେଲ୍‌ଥ ସ୍ପେଶିଆଲିଷ୍ଟ ଡକ୍ଟର ମୀନା ସୋମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱାସ୍ଥ୍ୟସେବାରେ ରୋଗୀର ଚିକିତ୍ସା କରିବା ସହିତ ଯତ୍ନ ନେବା ଓ ପରିଷ୍କାର ପରିଚ୍ଛନତା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରି କ୍ୱାଲିଟି ହେଲ୍‌ଥ କେୟାରରେ ସ୍ଥିରତା, ନୂତନତା ଓ କୃତ୍ରିମ ବୁଦ୍ଧିମତାକୁ ପ୍ରୟୋଗ କରି ସ୍ୱାସ୍ଥ୍ୟସେବା ସାଧାରଣ ଲୋକଙ୍କ ପାଖରେ କିପରି ପହଞ୍ଚା ଯାଇପାରିବ ଓ ଉନ୍ନତମାନର ଚିକିତ୍ସା ପ୍ରଦାନ କରାଯାଇପାରିବ ତାହା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଏହି ଅବସରରେ ସଷ୍ଟେନହେଲ୍‌ଥ ୨୦୨୬ ନାମକ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା।

ଦ୍ୱିତୀୟ ଦିନର କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର (ଡକ୍ଟର) ଅନୁପ କୁମାର ସାମନ୍ତରାୟ ଅଧ୍ୟକ୍ଷତା କରି ମେଡିକାଲ୍‌ର ୱେଷ୍ଟ ମ୍ୟାନେଜମେଣ୍ଟ, ଜଳବାୟୁ ପରିବର୍ତନ ପ୍ରଭାବରେ ଦେଖାଯାଉଥିବା ଜରୁରୀକାଳୀନ ପରିସ୍ଥିତିରେ ରୋଗୀକୁ କିପରି ଉତ୍ତମ ଚିକିତ୍ସା ପ୍ରଦାନ କରାଯିବା ସହ ଆଗାମୀ ସମୟରେ ସଷ୍ଟେନେବିଲିଟିର ସନ୍ତୁଳନକୁ କିପରି ବଜାୟ ରଖାଯିବ ସେ ବିଷୟରେ ମତ ରଖିଥିଲେ।

ଷ୍ଟେଟ୍ ଲେବଲ୍ ଏନ୍‌ଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି, ଆଇଏଫ୍‌ଏସ୍‌ର ଚେୟାରମ୍ୟାନ୍ ଡକ୍ଟର ସୁଦର୍ଶନ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ସୋଆ ଦ୍ୱାରା ଆୟୋଜିତ ଏଭଳି ପ୍ରୟାସ ଖୁବ ପ୍ରଶଂସନୀୟ। ସ୍ଥାୟିତ୍ୱ ଓ ନୂତନତାକୁ ନେଇ କିପରି ବୁଦ୍ଧିମତାର ସହିତ ଚିକିତ୍ସା କ୍ଷେତ୍ରରେ ପ୍ରୟୋଗ କରାଯାଇ ରୋଗୀ ଉନ୍ନତମାନର ଚିକିତ୍ସା ପାଇପାରିବ ଏବଂ ସାଧାରଣ ଲୋକଙ୍କ ପାଖରେ କିପରି ଏହାର ସୁବିଧା ଉପଲବ୍ଧ ହୋଇପାରିବ ସେ ନେଇ ସରକାରଙ୍କ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି ବୋଲି ଡକ୍ଟର ପଣ୍ଡା କହିଥିଲେ।

ଏହି ସମ୍ମିଳନୀରେ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ସମ୍ମିଳନୀର ଦ୍ୱିତୀୟ ଦିନରେ ଆଇବିସିଏସ୍‌ର ପ୍ରଫେସର ପ୍ରୀତି ୱାଇ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## 'ମୋ ଗାଁ -ମୋ ଗର୍ବ' ତରଫରୁ କମ୍ପ୍ୟୁଟର ଶିକ୍ଷା ଶୁଭାରମ୍ଭ



କାକଟପୁର/ଅସ୍ତରଙ୍ଗ, ୯।୩ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଆଳସାହି ନିକଟସ୍ଥ ଗାଦିବ୍ରହ୍ମ ମଠ ପରିସରରେ ଗଢି ଉଠିଥିବା 'ମୋ ଗାଁ -ମୋ ଗର୍ବ'ର ଆବାହକ ଇଂ. ଅରୁଣ କୁମାର ବିଶ୍ୱାଳ ଓ ସଭାପତି କୃଷ୍ଣଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ମହତ୍ୱ କାର୍ଯ୍ୟ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାଂସ୍କୃତିକ ବିକାଶକୁ ସୁଦୃଢ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଯାହାକି ରବିବାର ପୂର୍ବାହ୍ନରେ ଅସ୍ତରଙ୍ଗ ବ୍ଲକ ନିକଟସ୍ଥ ଆଳସାହି ଭୀମାଛକ ନିକଟବର୍ତ୍ତୀ ସ୍ଥାନରେ ମୋ ଗାଁ -ମୋ ଗର୍ବ ଆବାହକ ଅରୁଣ କୁମାର ବିଶ୍ୱାଳଙ୍କ ପୌରହିତରେ ଏକ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର କରକମଳରେ ଶୁଭଉଦଘଘାଟନ ହୋଇଛି। ବୈରଣ୍ୟ ଅତିଥି ଭାବେ 'ମୋ ଗାଁ -ମୋ ଗର୍ବ'ର ଆବାହକ ଇଂ. ଅରୁଣ କୁମାର ବିଶ୍ୱାଳ, ସଭାପତି କୃଷ୍ଣଚନ୍ଦ୍ର ବେହେରା, ସମ୍ପାଦକ ଅଜୟ ଜେନା, ସଂଯୋଜକ ଶିଖର ବାରିକ, ଶିକ୍ଷାକମିଟି ସଦସ୍ୟ ବିଷ୍ଣୁ ଚରଣ ମଲ୍ଲିକ,ଉପଦେଷ୍ଟା ବେଣୁଧର ଲେଙ୍କା,କମ୍ପ୍ୟୁଟର ପ୍ରଶିକ୍ଷକ କେଦାରନାଥ ନାୟକ, ଆଶିଷ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

ମୁଖ୍ୟଅତିଥି ମୋ ଗାଁ -ମୋ ଗର୍ବ ଆବାହକ ଇଂ. ଅରୁଣ କୁମାର ବିଶ୍ୱାଳ କହିଛନ୍ତି, ଅଧିବୃତ୍ତ ଶିକ୍ଷା କେନ୍ଦ୍ରମାନେ କେବଳ ନୂତନ ରାଜସ୍ୱ ସୁଯୋଗରୁ ଲାଭବାନ ହେବେ ନାହିଁ ବରଂ ଶିକ୍ଷା, ନିଯୁକ୍ତି ଏବଂ ଡିଜିଟାଲ ସାକ୍ଷରତା ପ୍ରସାରରେ ଏକ ପରିବର୍ତ୍ତନକାରୀ ଭୂମିକା ଗ୍ରହଣ କରିବେ। ବିଭିନ୍ନ ଦକ୍ଷତା ଆଧାରିତ କମ୍ପ୍ୟୁଟର ପାଠ୍ୟକ୍ରମ ବ୍ୟତୀତ, ଓକେସିଏଲ ଇ -ଗର୍ଭର୍ଣ୍ଣାନ୍ସ ମନିଟରିଂ, ସରକାରୀ ଅଧିକାରୀଙ୍କ ତାଲିମ୍, ସ୍କୁଲ ଇ -କଣ୍ଟେଣ୍ଟ ବିକାଶ ଆନ୍ଦୋଳନ କ୍ଷେତ୍ରରେ ମଧ୍ୟ ପଦକ୍ଷେପ ନେଉଛି। ଏହା କମ୍ପ୍ୟୁଟର ସାକ୍ଷରତା, ଦକ୍ଷତା ବିକାଶ ଏବଂ ଇ -ଗର୍ଭର୍ଣ୍ଣାନ୍ସ ପଦକ୍ଷେପ ମାଧ୍ୟମରେ ଡିଜିଟାଲ ବିଭାଜନକୁ ଦୂର କରିବା ଏବଂ ଶିକ୍ଷାର୍ଥୀଙ୍କୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଶ୍ରୀ ବିଶ୍ୱାଳ ମତ ଦେଇଥିଲେ। ଗ୍ରାମାଞ୍ଚଳ ରେ ଏଭଳି କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ମୋ ଗାଁ -ମୋ ଗର୍ବ ତରଫରୁ ଶୁଭାରମ୍ଭ ହୋଇଥିବାରୁ ଶିକ୍ଷାର୍ଥୀ ଭୂୟଂଶି ପ୍ରଶଂସା କରିଛନ୍ତି।

## ପ୍ରଚାର ଓ ପ୍ରସାର ଅଭାବରୁ ପ୍ରହସନ ପାଲଟିଛି ଜନଶୁଣାଣି

● ୭୫ଟି ଅଭିଯୋଗ ମଧ୍ୟରୁ ୭ଗୋଟି ସମାଧାନ




କାକଟପୁର/ଅସ୍ତରଙ୍ଗ, ୯।୩ (ସଂଚାର ବ୍ୟୁରୋ):ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପରିସରରେ ଥିବା ସମ୍ମିଳନୀ କକ୍ଷ ମଧ୍ୟରେ ବ୍ଲକ ଅଧକ୍ଷା ଆରତୀ ନାଏକଙ୍କ ଅଧକ୍ଷତାରେ ପରିଚାଳିତ ଶିବିରରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା,ଉପଜିଲ୍ଲାପାଳ ରାଜକିଶୋର ଜେନା , ଅତିରିକ୍ତ ପ୍ରକଳ୍ପ ଅଧିକାରୀ ରାଜୀବ ଲୋଚନ ବେହେରା , ସହକାରୀ ଜିଲ୍ଲାପାଳ ତଥା ଅଭିଯୋଗପ୍ରକୋଷ୍ଠ ଅଧିକାରୀ ବିବେକାନନ୍ଦ ସାହୁ,ତହସିଲଦାର ପ୍ରିୟଙ୍କାପ୍ରିୟଦର୍ଶନୀ ପତି, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ଅକ୍ଷୟ କୁମାର ଶତପଥୀ, ପୁଲିସ ଡିଏସପି ତିଳୋତ୍ତମା ରାଉତ,ଜଳ ଓ ପରିମଳ ଉପଖଣ୍ଡ ନିର୍ବାହୀ ଯନ୍ତ୍ରୀ ଶ୍ରୀ ଯୁକ୍ତ ପ୍ରଭାତ ଚନ୍ଦ୍ର ବେହେରା,ବିଡ଼ିଓ ତଥା ଶିକ୍ଷା, ଯୋଗାଣ ବିଭାଗ, ମଙ୍ଗଳ ବିଭାଗ, ସମାଜ କଲ୍ୟାଣ ବିଭାଗ, ପୂର୍ତ୍ତ, ଗ୍ରାମ୍ୟ ନିର୍ମାଣ, କୃଷି, ଜଙ୍ଗଲ, ବିଦ୍ୟୁତ, ଜଳସେଚନ, ପଶୁ ସମ୍ପଦ, ଶ୍ରମ, ମୃତ୍ତିକା ସଂରକ୍ଷଣ ଆଦି ବିଭିନ୍ନ ବିଭାଗର ଅଧିକାରୀ, ଅଧିକାରିଣୀମାନେ ଯୋଗ ଦେଇଥିଲେ।

କିନ୍ତୁ ଉପଯୁକ୍ତ ସୂଚନା, ପ୍ରଚାର ଓ ପ୍ରସାର ଅଭାବରୁ ଏହା ସହ ଡାକବାଜି ଯନ୍ତ୍ରରେ ପ୍ରଚାର ନ ହେବାରୁ ଗ୍ରାମାଞ୍ଚଳରେ ବସବାସ କରୁଥିବା ଶତାଧିକ ଲୋକେ ଯୁଗ୍ମ ଜନଶୁଣାଣୀ ସମ୍ପର୍କରେ ଜାଣିପାରିଲେ ନାହିଁ। ବ୍ଲକସ୍ତରୀୟ ଜିଲ୍ଲାପାଳ ଜନଶୁଣାଣୀ ଶିବିରରେ ସମ୍ମିଳନୀ କକ୍ଷରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ, ଅଧିକାରିଣୀଙ୍କ ଠାରୁ ଅଭିଯୋଗକାରୀ ସମ୍ପୂର୍ଣ୍ଣ କମ୍। ଯାହା ଫଳରେ ଲୋକ ଦେଖାଣିଆ ଜନଶୁଣାଣୀ ଶିବିର କରିବା କେବଳ ଧର୍ମକୁ ଆଖି ଠାର ସଦୃଶ । ଯୁଗ୍ମ ଜନଶୁଣାଣୀ ଶିବିରରେ ପୁରୀ ଜିଲ୍ଲାପାଳ ଅନୁପସ୍ଥିତ ରହିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଓ ଉପଜିଲ୍ଲାପାଳ ରାଜକିଶୋର ଜେନା ମୁଖ୍ୟ ଅଧିକାରୀ ଭାବେ ଯୋଗ ଦେଇଥିଲେ। ପ୍ରଶାସନ ଖାମଖିଆଲ ଭାବ ଜନଶୁଣାଣୀ ଆୟୋଜନକୁ ନେଇ ଅସୋନ୍ତଷ ପ୍ରକାଶ କରିବା ସହ ସମାଲୋଚନା କରାଯାଇଛି।

ଅଭିଯୋଗ ପ୍ରକୋଷ୍ଠ ରେ ସମୁଦାୟ ୭୫ଗୋଟି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୬୪ଟି ବ୍ୟକ୍ତିଗତ, ୧୯ଟି ସମ୍ବଧୀୟ ଓ ୧ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସହାୟତା ସମ୍ପର୍କରେ ଅଭିଯୋଗ ରହିଥିଲା। ତତକ୍ଷଣତା ୭ଗୋଟି ଅଭିଯୋଗର ସମାଧାନ କରାଯାଇଥିଲା।

## ଆନ୍ତର୍ଜାତୀୟ ମହିଳା ଦିବସରେ ଆଇନ ସଚେତନତା କାର୍ଯ୍ୟକ୍ରମ




ଫୁଲବାଣୀ, ୯।୩ (ସଂଚାର ବ୍ୟୁରୋ): ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଫୁଲବାଣୀଙ୍କ ପକ୍ଷରୁ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ), ଫୁଲବାଣୀ ପରିସରରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଅଛି।

ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଅଧକ୍ଷ ଶ୍ରୀଯୁକ୍ତ ରାମ ଶଙ୍କର ହୋତା, ପରିବାର ଅଦାଲତ ବିଚାରପତି ଶ୍ରୀମତୀ ରୂପଶ୍ରୀ ଚୌଧୁରୀ, ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଶ୍ରୀଯୁକ୍ତ ରାଜେଶ ଦାଶ, ଏଫ.ଟି.ଏସ.ସି. କୋର୍ଟ ବିଚାରପତି ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ସ୍ୱାଇଁ, ଶ୍ରୀମତୀ ବନାଲି ତ୍ରିପାଠୀ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି, ରେଜିଷ୍ଟ୍ରାର, ସିଭିଲ କୋର୍ଟ, ଫୁଲବାଣୀ ଶ୍ରୀଯୁକ୍ତ ପ୍ରିୟ ରଞ୍ଜନ ଓଝା, ମହିଳା ଅଦାଲତ ବିଚାରପତି ତଥା ଭାରପ୍ରାପ୍ତ ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଶ୍ରୀମତୀ ବିଶ୍ୱକଲ୍ୟାଣୀ ମିଶ୍ର,ଏସ. ଡି.ଜେ.ଏମ. ଶ୍ରୀମତୀ ସୌମ୍ୟା ସୋନାଲିକା, ବରିଷ୍ଠ ଆଇନଜୀବୀ ଶ୍ରୀଯୁକ୍ତ ବିଜୟ କୁମାର ମହାନ୍ତି, ଚିଫ ଲିଗାଲ ଏଡ ଡିଫେନ୍ସ କାଉନ୍ସେଲ ଶ୍ରୀଯୁକ୍ତ ଦେବବ୍ରତ ପ୍ରଧାନ, ଡେପୁଟି ଚିଫ ଲିଗାଲ ଏଡ ଡିଫେନ୍ସ କାଉନ୍ସେଲ ଶ୍ରୀଯୁକ୍ତ ନିରୋଦ କୁମାର ପାତ୍ର, ସହକାରୀ ଲିଗାଲ ଏଡ ଡିଫେନ୍ସ କାଉନ୍ସେଲ ଶ୍ରୀଯୁକ୍ତ କେ. ଲକ୍ଷ୍ମୀ ନାରାୟଣ ଦୋରା ଓ ଶୁଭାଙ୍ଗୀ ହାରିତସ୍ୟ, ଡି.ଏସ.ପି ଶ୍ରୀଯୁକ୍ତ ସୁନିଲ ଅରୁଣ କୁମାର ନାୟକ, ସହକାରୀ ଶ୍ରମ ଅଧିକାରୀ, ଫୁଲବାଣୀ ଶ୍ରୀଯୁକ୍ତ ବିଶ୍ୱରଞ୍ଜନ କହଁର ଓ ଶ୍ରୀଯୁକ୍ତ ଦେବାଶିଷ କହଁର, ଜିଲ୍ଲା କୋର୍ଟ ଫୁଲବାଣୀର ମହିଳା କର୍ମଚାରୀ, କନ୍ଧମାଳ ଜିଲ୍ଲା ପ୍ରଶାସନର କର୍ମଚାରୀ, ଫୁଲବାଣୀ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରୀବୃନ୍ଦ ଏବଂ ମହିଳା ପାରା ଲିଗାଲ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ ।

## ତୁଳସୀ ମହିଳା କଲେଜରେ ଆନ୍ତର୍ଜାତୀୟ ମହିଳା ଦିବସ




କେନ୍ଦ୍ରାପଡ଼ା,୯।୩(ସଂଚାର ବ୍ୟୁରୋ): ତୁଳସୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ବାସନ୍ତୀ ଶୁକ୍ଲାଙ୍କ ସଭାପତିତ୍ୱରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ନାରୀ ସଶକ୍ତିକରଣ ସମ୍ପର୍କରେ ଅଧ୍ୟକ୍ଷା ଡ. ଶୁକ୍ଲା ଏକ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ । ନାରୀ ନିଜର ଆତ୍ମବିଶ୍ୱାସ, ସାହସ ଓ କାର୍ଯ୍ୟଦକ୍ଷତା ମାଧ୍ୟମରେ ସଫଳତା ପାଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଓଡିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ଡ. ଏଲୋରା କବି ନାରୀମାନେ ସୁରକ୍ଷିତ ହେଲେ ସମଗ୍ର ସମାଜର ଉନ୍ନତି ହୋଇପାରିକ ବୋଲି କହିଥିଲେ । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ସବିତା ଦାସ ଏକ ସୁନ୍ଦର ବିଶ୍ୱଗଠନ କରିବାରେ ନାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ତପନ କୁମାର ଦାସ କନ୍ୟା, ଭଗିନୀ, ଜାୟା ଓ ମା' ରୂପରେ ନାରୀ ବନ୍ଦନୀୟା ବୋଲି କହିଥିଲେ । ଆଇ. କ୍ୟୁ. ଏ. ସି. ସେଲ ସଂଯୋଜିକା ଡ. ଏରିକା ମହାନ୍ତି ମହିଳା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଗଣିତ ବିଭାଗ ମୁଖ୍ୟ ପ୍ରଫେସର ନିବେଦିତା ନାୟକ ମହିଳା ବିବସରେ ଚଳିତ ବର୍ଷର ଥିମ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଶପଥ ନେଇଥିଲେ।

## ବୋରିଗୁମ୍ମା ଟ୍ରାଫିକ୍ ଛକ ନିକଟରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି


ଆଦିବାସୀ ଜାଗରଣ ସଂଘ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ।

ବୋରିଗୁମ୍ମା/ଜୟପୁର, ୯।୩ (ସଂଚାର ବ୍ୟୁରୋ): ଆଦିବାସୀ ଜାଗରଣ ସଂଘ ତରଫରୁ ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରାଯାଇଛି। ଦେଶ ସ୍ୱାଧୀନ ପାଇଁ ଅବିଭକ୍ତ କୋରାପୁଟ ଜିଲ୍ଲାର ତେନ୍ତୁଳିଗୁମ୍ମା ଗ୍ରାମରେ ୧୮୯୯ ମସିହାରେ ଶହିଦ ଲକ୍ଷ୍ମଣ ନାୟକ ଜନ୍ମଗ୍ରହଣ କରିଥିଲେ । ଦେଶ ସ୍ୱାଧନ ପାଇଁ ହସି ହସି ଫାଶି ଖୁଣ୍ଟରେ ଝୁଲିଗଲେ । ସେହି ମହାନ ସ୍ୱାଧନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ବୋରିଗୁମ୍ମା ଟ୍ରାଫିକ୍ ଛକ ନିକଟରେ ସ୍ଥାପନା କରିବାପାଇଁ ସରକାର ଅନୁମତି ଦେବା ନିମନ୍ତେ ଆଦିବାସୀ ଜାଗରଣ ସଦସ୍ୟମାନଙ୍କ ପକ୍ଷରୁ ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାବି ପତ୍ର ପ୍ରଦାନ କରାଯାଇଛି । ସେହିପରି ପନିପରିବା ବଜାର ମଣ୍ଡି ପାଇଁ ଅନୁମତି ଦେବା ପାଇଁ

ଜାଗରଣ ସଂଘର ସଦସ୍ୟମାନେ ଜୟପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି। ବୋରିଗୁମ୍ମା ବ୍ଲକର ଆଦିବାସୀମାନେ ପନିପରିବା ଚାଷ କରି ଜୀବିକା ଉପାର୍ଜନ କରନ୍ତି । କିନ୍ତୁ ଚାଷିମାନେ ପନିପରିବା ଚାଷ କରି ଠିକ୍ ଦରରେ ବିକ୍ରି କରିପାରୁନାହାଁନ୍ତି। କିନ୍ତୁ ବ୍ୟବସାୟୀମାନେ ବସିରହି କମ୍ ଦରରେ ଚାଷୀଙ୍କ ଠାରୁ କିଣି ଅଧିଦରରେ ବିକ୍ରି କରୁଛନ୍ତି । ଫଳରେ ଚାଷୀମାନେ ଆର୍ଥିକ ସ୍ୱାବଲମ୍ବି ହୋଇପାରୁନାହଁନ୍ତି । ଏହାକୁ ସଂଘ ଚିନ୍ତା କରି ପନିପରିବା ମଣ୍ଡି କରି ଚାଷୀଙ୍କ ଠାରୁ ଠିକ୍ ଦରରେ କିଣିବା ଏବଂ ଖାଉଟିକୁ ସୁଲଭ ମୂଲ୍ୟରେ ବକ୍ରି କରି ଯୋଗାଇ ଦେବା ପାଇଁ ନିଷ୍ପତି ହୋଇଛି । ଆଦିବାସୀଙ୍କ ଜମି ଉପରେ ବଜାର ମଣ୍ଡି କରି ବକ୍ରି ପଟା କରିବାକୁ ପ୍ରଶାସନ ଅନୁମତି ଦେବାକୁ ଆଇନ୍ ପରାମର୍ଶତାଦା ହରିଶ୍ଚନ୍ଦ୍ର ମୁଦୁଲିଙ୍କ ନେତୃତ୍ୱରେ ସଂଘ ସଭାପତି ସତ୍ୟନାରାୟଣ ନାୟକ, ଉପସଭାପତି କମୁଲୁ ଜାନୀ ପ୍ରମୁଖ ଦାବି କରିଛନ୍ତି

## ଦୁର୍ବୃତ୍ତଙ୍କ ପଥର ମାଡ଼ରେ ଭାଙ୍ଗିଲା ସିପିଆଇଏମ୍ ଯୁବ ନେତାଙ୍କ ଗାଡି କାଚ



ନୀଳଗିରି,୯।୩(ସଂଚାର ବ୍ୟୁରୋ): ଔପଦା ବ୍ଲକ କାଣ୍ଡଗରଡ଼ି ପଂଚାୟତ ବାରୁଦଖାନା ଗ୍ରାମ ର ସିପିଆଇଏମ ଯୁବ ନେତା ଗଙ୍ଗାଧର ମହାନ୍ତି ଅଂଚଳ ରେ ବିକାଶ ପାଇଁ ସବୁବେଳେ ପ୍ରଶାସନ ଙ୍କ ପାଖରେ ପହଁଞ୍ଚିଥାନ୍ତି । ସେ ଗତକାଲି ସନ୍ଧ୍ୟାରେ ବଉଳଗଡିଆ ଅଞ୍ଚଳର ବହୁ ପୁରାତନ ଚହଲା ମେଳଣ ଉତ୍ସବ ଦେଖିବା ପାଇଁ ଶ୍ରୀ ମହାନ୍ତି ଯାଇଥିଲେ। ସେ ତାଙ୍କ ଗାଡି ରଖି ମେଳଣକୁ ଯିବା ଅବସ୍ଥାରେ ଦୁର୍ବୃତ୍ତମାନେ ତାଙ୍କ ଗାଡି ଉପରକୁ ପଥର ମାଡ଼ କରି ସାମ୍ନା କାଚ ଭାଙ୍ଗିଦେଇଛନ୍ତି।

ଦୀର୍ଘ୨ମାସ ହେବ ଈଶ୍ୱରପୁର ଫାଣ୍ଡି ଅଧିକାରୀ ନଥିବାରୁ ଏବେ ଅଞ୍ଚଳଟି ମୁରବିଶୂନ୍ୟ ହୋଇ ପଡିଛି। ଯାହା ଦ୍ୱାରା ପୋଲିସ ପ୍ରେଟ୍ରୋଲିଙ୍ଗ ଅଭାବ ରହୁଛି।ବଉଳ ଗଡିଆ ଠୁଁ ପଞ୍ଚଲିଙ୍ଗେଶ୍ୱର ପ୍ରଯ୍ୟନ୍ତ ଏବେ ଛିନ୍ତାଇ,ଚୋରି ଡକାୟତି, ମଦ ଓ ଡ୍ରଗ୍ସ ମାଫିଆଙ୍କର ଆଡ୍ଡା ସ୍ଥଳୀ ପାଲଟିଛି।ଏପରିକି ସାଧାରଣ ଜନ ଜୀବନ ସନ୍ଧ୍ୟା ରେ ବାହାରିବା କଷ୍ଟସାଧ୍ୟ ହୋଇପଡିଛି।ତେଣୁ ତୁରନ୍ତ ଦୃବୃତ୍ତଙ୍କୁ ସାବାଡ଼ କରିବା ପାଇଁ ପ୍ରଶାସନ ତରଫରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଅଂଚଳ ବାସୀଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ସାଧାରଣ ରେ ଦାବି କରାଯାଇଛି।ସବୁଠାରୁ ଦୁଃଖ ର ବିଷୟ ଉକ୍ତ ସମାସ୍ୟା ପ୍ରତି ସ୍ଥାନୀୟପ୍ରଶାସନ ନାଁ ରାଜନେତା କାହାରି ଦୃଷ୍ଟି ପଡୁନଥିବା ରୁ ଯୁବ ନେତାଗଙ୍ଗାଧର ମହାନ୍ତି ସୋସିଆଲ ମିଡ଼ିଆ ରେ ବାଲେଶ୍ୱର ଏସପି ଙ୍କୁ ତଦନ୍ତ କରି ପଦକ୍ଷେପ ନେବା କୁ ନିବେଦନ କରିଛନ୍ତି। ଏହା ସୋସିଆଲ ମିଡ଼ିଆ ରେ ଭାଇରାଲ ହେବାରେ ଲାଗିଛି। ଦେଖି ବାକୁବାକି ରହିଲା ବାଲେଶ୍ୱର ଏସପି କେବେ ନେଉଛନ୍ତି ପଦକ୍ଷେପ ତାହାହିଁ ସମୟ କହିବ।

## ବସ୍ତା ବ୍ଲକ ଶାରୀରିକ ଶିକ୍ଷା ଶିକ୍ଷକ ସଂଘ ଗଠିତ



ବାଲିଆପାଳ, ୯।୩ (ସଂଚାର ବ୍ୟୁରୋ): ବସ୍ତା ବ୍ଲକର ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକ ମାନଙ୍କୁ ନେଇ ବାର୍ଷିକ କାର୍ଯ୍ୟକାରିଣୀ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ବିଶ୍ୱ ପ୍ରସିଦ୍ଧ ଡଗରା ବେଳାଭୂମିରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଚନ୍ଦ୍ରକାନ୍ତ ଘଡାଇ ଯୋଗଦେବା ସହ ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟା ଓ ସଫଳତା ପ୍ରାପ୍ତି ନିମନ୍ତେ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ସର୍ବସମ୍ମତି କ୍ରମେ ସଂଘର କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଶାରୀରିକ ଶିକ୍ଷା ଶିକ୍ଷକ ସଂଘର ସଭାପତି ଭାବରେ ସାରସ୍ୱତ ସାହୁ, ସମ୍ପାଦକ ଭାବରେ ପ୍ରାଣକୃଷ୍ଣ ନାୟକ, ଯୁଗ୍ମ ସମ୍ପାଦକ ଭାବରେ ସତ୍ୟ ରଞ୍ଜନ ପାତ୍ର ଥିବା ବେଳେ ଉପ ସଭାପତି ଭାବରେ ରଞ୍ଜିତା ସାହୁ, ସହ ସମ୍ପାଦକ ଭାବରେ ବିଜୟକୃଷ୍ଣ ପ୍ରଧାନ, କୋଷାଧ୍ୟକ୍ଷ ଭାବରେ କମଳଲୋଚନ ବେହେରା ଓ ସହ କୋଷାଧ୍ୟକ୍ଷ ଭାବରେ ଲଲାଟେନ୍ଦୁ ଦେ ମନୋନୀତ ହୋଇଛନ୍ତି। ସେହିପରି ମୁଖ୍ୟ ଉପଦେଷ୍ଟା ସଦାନନ୍ଦ ପ୍ରଧାନ ଥିବା ବେଳେ ଉପଦେଷ୍ଟା କମିଟିରେ ରାଜକିଶୋର ବାରିକ, ଅଜୟ କୁମାର ପ୍ରଧାନ, ରୀତାରାଣୀ ମହାପାତ୍ର, ଅନ୍ନପୂର୍ଣ୍ଣା ଦେ ଓ ନରେନ୍ଦ୍ର ସାମଲ ପ୍ରମୁଖ ସ୍ଥାନ ପାଇଛନ୍ତି। ସମନ୍ୱୟ କମିଟିରେ ପର୍ଶୁରାମ ରାଉତ, ଜୟନ୍ତ ଗିରି, ସୁନାରାମ ସିଂ ସ୍ଥାନ ପାଇଥିବା ବେଳେ ସଂଯୋଜକ ଭାବରେ ପ୍ରଦୀପ ଦାସ ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ ଶାରୀରିକ ଶିକ୍ଷା ଶିକ୍ଷକ ମାନଙ୍କର ସ୍ୱାର୍ଥ ପାଇଁ ଏହି ସଂଘ ସମର୍ପିତ ବୋଲି ସଭାପତି ସାରସ୍ୱତ ସାହୁ ମତବ୍ୟକ୍ତ କରିଛନ୍ତି।

# ଲାପଟପ୍ ଯୋଗୁଁ ଆପଣଙ୍କର ହେଉଛି କି ହାତ ଯନ୍ତ୍ରଣା ?




ଲଗାତାର ଲାପଟପ୍ ଚଳାଇବା ଯୋଗୁ ହାତ ଯନ୍ତ୍ରଣା ଆରମ୍ଭ ହୋଇ କିଛି ଲୋକଙ୍କ କ୍ଷେତ୍ରରେ ଏହା କ୍ରମଶଃ ସ୍ଥାୟୀ ଭାବେ ରହିଯାଏ। ଏହାକୁ କମ୍ କରିବା ପାଇଁ ଉପଯୁକ୍ତ ପୋଷ୍ଚର, ସମୟ ବ୍ୟବଧାନରେ ବ୍ରେକ୍ ଓ ବ୍ୟାୟାମ କରିବା ଆବଶ୍ୟକ। ଆଜିକାଲି ଯୁଗ ଡିଜିଟାଲ୍ ହୋଇପଡିଛି, ଯେଉଁଠାରେ ଲାପଟପ୍ ବା କମ୍ପ୍ୟୁଟର ଜୀବନର ଅଭିନ୍ନ ଅଙ୍ଗ ହୋଇପଡିଛି। ଅଫିସ୍ କାମ, ଅନ୍ଲାଇନ୍ କ୍ଲାସ୍ ଓ ପଢ଼ିବା ପାଇଁ ଲୋକମାନେ ଘଣ୍ଟା ଘଣ୍ଟା ସ୍କ୍ରିନ୍ ଆଗରେ ବସିବାକୁ ବାଧ୍ୟ ହେଉଛନ୍ତି। ଫଳରେ ହାତରେ ଯନ୍ତ୍ରଣା, ପବନ ଅଟକିବା ବା ଦୁର୍ବଳ ଲାଗିବା ପରି ସମସ୍ୟା ବଢ଼ିଥାଏ। ଲଗାତାର ଟାଇପିଂ କରିବା ସହ ମାଉସ୍ ଚଳାଇବା ଦ୍ୱାରା ମାଂସପେଶୀ ଉପରେ ଚାପ ପଡିଥାଏ। ଫଳରେ ହାତରେ ନିଷ୍କ୍ରିୟ ହେବା ସହ ଜ୍ୱଳନ ଓ ପବନ ଅଟକିବା ପରି ଅନୁଭବ ହୋଇଥାଏ। ଯଦି ଏପରି ସମସ୍ୟା ହେଉଥାଏ, ତେବେ ଆରମ୍ଭରୁ ଧ୍ୟାନ ଦିଆ ନଗଲେ ଏହା କ୍ରମଶଃ ସ୍ଥାୟୀ ରୂପେ ରହିଯାଇଥାଏ। ଶେଷରେ କାର୍ପଲ୍ ଟର୍ଣ୍ଣଲ୍ ସିଣ୍ଡ୍ରୋମ୍ ପରି ସମସ୍ୟା ସୃଷ୍ଟି କରିଥାଏ। ବରଂ ଏଭଳି ସମସ୍ୟା ଆରମ୍ଭରୁ ଡେରି ନ କରି ହାଲ୍କା ବ୍ୟାୟାମ କରିବା ଦ୍ୱାରା ହାତର ମାଂସପେଶୀକୁ ମଜଭୁତ କରିବା ସହ ଯନ୍ତ୍ରଣାକୁ ନିୟନ୍ତ୍ରଣ କରିପାରିବେ। ଦୀର୍ଘ ସମୟ ଟାଇପିଂ କରିବା ଦ୍ୱାରା ମାଂସପେଶୀ ଉପରେ ଅଧିକ ଚାପ ପଡିଥାଏ। ଏହାଦ୍ୱାରା ହାତରେ ଯନ୍ତ୍ରଣା ହୋଇଥାଏ। ହାତ ଓ ମଣିବନ୍ଧର ଭୁଲ୍ ସ୍ଥିତି ଯୋଗୁ ମଧ୍ୟ ସ୍ନାୟୁ ଉପରେ ପ୍ରଭାବ ପଡିଥାଏ। ଫଳରେ ସ୍ନାୟୁ ଯନ୍ତ୍ରଣା ହୋଇଥାଏ। ଅଧିକ ସମୟ କାମ କରିବା ଦ୍ୱାରା ହାତକୁ ରକ୍ତ ସଞ୍ଚାଳନ କରିବା ଯୋଗୁ ମଧ୍ୟ ଯନ୍ତ୍ରଣା ଅନୁଭବ ହୋଇଥାଏ। ଲଗାତାର ଗୋଟିଏ ଶୈଳୀରେ ବସି ରହିବା ଅଭ୍ୟାସ ମାଂସପେଶୀକୁ ଶକ୍ତ କରିଦେଇଥାଏ। ଅଧିକ ସମୟ ଟାଇପିଂ କରିବା ଦ୍ୱାରା ଆଙ୍ଗୁଠି ଓ ମଣିବନ୍ଧରେ କାର୍ପଲ୍ ଟନଲ୍ ସିଣ୍ଡ୍ରୋମ୍ ସମସ୍ୟା ଦେଖା ଦେଇଥାଏ। ଫଳରେ ଆଙ୍ଗୁଳି ଓ ମଣିବନ୍ଧରେ ଝିମ୍ଝିମ୍ ହେବା ସହ ନିସ୍ତେଜ ଅନୁଭବ ହୋଇଥାଏ। ଟେବଲ୍ ଉପରେ ହାତକୁ ସିଧା ରଖନ୍ତୁ। ହାତକୁ ହାଲ୍କା ଭାବେ ୫ରୁ ୧୦ ସେକେଣ୍ଡ ଯାଏ ଚାପ ଦିଅନ୍ତୁ। ଏବେ ଧୀରେ ଧୀରେ ଛାଡନ୍ତୁ। ଏହକୁ ୧୦ରୁ ୧୫ ଥର ଯାଏ ଦୋହରାନ୍ତୁ। ଏହି ବ୍ୟାୟାମ କରିବା ଦ୍ୱାରା ମଣିବନ୍ଧ ଓ ହାତର ମାଂସପେଶୀ ମଜଭୁତ ହୋଇଥାଏ। ହାତ ଆଙ୍ଗୁଳିର ଯନ୍ତ୍ରଣା କମିବା ସହ ହାତର ଶକ୍ତି ବଢ଼ିଥାଏ।

**ରିଷ୍ଟ ରୋଟେସନ୍ ବ୍ୟାୟାମ:** ହାତକୁ ସାମ୍ନାକୁ ପ୍ରସାରିତ କରିବା ସହ ଘଣ୍ଟାକଣ୍ଟା ଦିଗରେ ଘୁରାନ୍ତୁ। ଘଣ୍ଟାକଣ୍ଟା ଦିଗରେ ୧୦ ଥର ଘୁରାଇବା ପରେ ଠିକ୍ ବିପରୀତ ଦିଗରେ ୧୦ ଥର ଘୁରାନ୍ତୁ। ଏହି ବ୍ୟାୟାମକୁ ୨ରୁ୩ ମିନିଟ୍ ଯାଏ କରନ୍ତୁ। ଏହି ବ୍ୟାୟାମ ମଣିବନ୍ଧ ଯନ୍ତ୍ରଣାକୁ କମ୍ କରିଥାଏ। ମାଂସପେଶୀକୁ ମଧ୍ୟ ମଜଭୁତ କରିଥାଏ। ଏହା କର୍ପଲ ଟନଲ୍ ସିଣ୍ଡ୍ରୋମକୁ ମଧ୍ୟ କମ୍ କରିଥାଏ।

**କ୍ଲଚ୍ ଆଣ୍ଡ ରିଲିଜ୍ ବ୍ୟାୟାମ:** ହାତର ମୁଠାକୁ ଜୋର୍ରେ ଚାପି ବନ୍ଦ କରନ୍ତୁ। ଏହାକୁ ୫ ସେକେଣ୍ଡ୍ ଯାଏ ରଖନ୍ତୁ। ଧୀରେ ଧୀରେ ମୁଠା ଖୋଲିବା ସହ ଆଙ୍ଗୁଳିକୁ ପ୍ରସାରିତ କରନ୍ତୁ। ଏହି ପ୍ରକ୍ରିୟାକୁ ୧୦ରୁ ୧୫ ଥର କରନ୍ତୁ। ଏପରି କରିବା ଦ୍ୱାରା କର୍ପଲ ଟନଲ୍ ସିଣ୍ଡ୍ରୋମ୍ ସମସ୍ୟା ଦୂର ହୋଇଥାଏ।

# କେଶ ବୃଦ୍ଧି ପାଇଁ ଲଗାନ୍ତୁ ପିଆଜ ରସ





ପିଆଜ ରସ କେଶ ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ ବୋଲି ବିଶେଷଜ୍ଞମାନେ ଏହାକୁ ଲଗାଇବାକୁ ପରାମର୍ଶ ଦିଅନ୍ତି। ଯଦି ଆପଣ ମଧ୍ୟ ଲମ୍ବା ଏବଂ ଘନ କେଶ ଚାହୁଁଛନ୍ତି, ତେବେ ଏହାକୁ କିପରି ଲଗାଇବେ ଆସନ୍ତୁ ଆମେ ଆପଣଙ୍କୁ କହିବୁ। ପିଆଜ ରସରେ ସଲଫର ପରିମାଣ ଅଧିକ ଥିବାରୁ ଏହା କେଶ ବୃଦ୍ଧିକୁ ପ୍ରୋତ୍ସାହିତ କରେ। ଏହା ଏକ ସୁସ୍ଥ ମୁଣ୍ଡର କେଶକୁ ପ୍ରୋତ୍ସାହିତ କରେ ଏବଂ କେଶ ମୂଳକୁ ମଜବୁତ କରେ।

ଅନେକ ଲୋକ ପିଆଜ ରସକୁ ଏହାର ତୀବ୍ର ଏବଂ କଟୁ ଗନ୍ଧ ଯୋଗୁଁ ବ୍ୟବହାର କରିବାକୁ ପସନ୍ଦ କରୁନାହାନ୍ତି। ଏହାର ଗନ୍ଧ ବିଷୟରେ ଚିନ୍ତା କରି ଲାଭରୁ ବଞ୍ଚିତ ହେଉଛନ୍ତି। ପିଆଜ ରସକୁ କିଛି ପ୍ରାକୃତିକ ଉପାଦାନ ସହିତ ମିଶାଇ ଏହାର ଦୁର୍ଗନ୍ଧକୁ ଯଥେଷ୍ଟ ହ୍ରାସ କରାଯାଇପାରିବ। ଆଲୋଭେରା ଜେଲ୍, ନଡ଼ିଆ ତେଲ, କିମ୍ବା ଲେମ୍ବୁ ରସ ମିଶାଇ କେଶର ଦୁର୍ଗନ୍ଧ ହ୍ରାସ କରିପାରିବ ଏବଂ ଆପଣଙ୍କ କେଶକୁ ଅତିରିକ୍ତ ପୋଷଣ ଯୋଗାଇପାରିବ। ପିଆଜ ରସ ଲଗାଇବା ପାଇଁ ଏକ କପା ପ୍ୟାଡ୍ କିମ୍ବା ଡ୍ରପର୍ ବ୍ୟବହାର କରିବା ଭଲ। ଏହା ନିଶ୍ଚିତ କରେ ଯେ ରସ ସିଧାସଳଖ ମୁଣ୍ଡରେ ପହଞ୍ଚିବ ଏବଂ ଆହୁରି ପ୍ରଦୂଷଣକୁ ରୋକିବ। ପ୍ରୟୋଗ ପରେ ମିଶ୍ରଣକୁ ଧୀରେ ଧୀରେ ମାଲିସ୍ କରିବା ଲାଭଦାୟକ। ରସ ଲଗାଇବା ପରେ, ଏହାକୁ ୨୦ରୁ ୩୦ ମିନିଟ୍ ପାଇଁ ମୁଣ୍ଡରେ ଛାଡିଦେବା ଉଚିତ। ଏହି ସମୟ ମଧ୍ୟରେ, ଏହାର ପୋଷକ ତତ୍ତ୍ୱ କେଶ ମୂଳରେ ଭଲ ଭାବରେ ଶୋଷିତ ହୋଇଯାଏ ଏବଂ ପ୍ରଭାବ ଦେଖାଇବା ଆରମ୍ଭ କରେ। କେଶ ଧୋଇବା ସମୟରେ, ଦୁର୍ଗନ୍ଧକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ଏକ ମୃଦୁ କିମ୍ବା ହର୍ବାଲ ସାମ୍ପୁ ବ୍ୟବହାର କରନ୍ତୁ। ଆବଶ୍ୟକ ହେଲେ, ଆପଲ୍ ସାଇଡର୍ ଭିନେଗାର କିମ୍ବା ଲେମ୍ବୁ ପାଣିରେ ଧୋଇ ଦିଅନ୍ତୁ, କିନ୍ତୁ ଗରମ ପାଣି ପରିହାର କରନ୍ତୁ। ସର୍ବୋତ୍ତମ ଫଳାଫଳ ପାଇଁ ସପ୍ତାହରେ ଥରେ ପିଆଜ ରସ ବ୍ୟବହାର କରିବା ଯଥେଷ୍ଟ। ବାରମ୍ବାର ପ୍ରୟୋଗ ଦ୍ୱାରା ମୁଣ୍ଡରେ ଜ୍ୱଳନ ହୋଇପାରେ ଏବଂ ଦୁର୍ଗନ୍ଧ ବୃଦ୍ଧି ପାଇପାରେ।

# କାନ୍ଦିବା ମଧ୍ୟ ହୋଇଥାଏ ସ୍ୱାସ୍ଥ୍ୟପକ୍ଷେ ଉପକାରୀ

**ଯେମିତି ହସିବା ଆମ ସ୍ୱାସ୍ଥ୍ୟପକ୍ଷେ ଲାଭଦାୟକ ହୋଇଥାଏ। ସେହିପରି ବେଳେବେଳେ କାନ୍ଦିବା ମଧ୍ୟ ଆମ ସ୍ୱାସ୍ଥ୍ୟପକ୍ଷେ ଲାଭଦାୟକ ହୋଇଥାଏ। ଏକ ରିସର୍ଚ୍ଚ ଅନୁଯାଇ କେବେକେବେ କାନ୍ଦିବା ଆମ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ ହୋଇଥାଏ। ଆମେ ଆଜି ଆପଣଙ୍କ ଜଣାଇବୁ କାନ୍ଦିବାରୁ ମିଳୁଥିବା ୫ଟି ଫାଇଦା ବିଷୟରେ।**

ଆଖିର ମେମବ୍ରେନ୍ ସୁଖି ଯିବା କାରଣରୁ ଆଖିର ଆଲୋକ ଦୁର୍ବଳ ହୋଇଯାଇଥାଏ। ଆପଣଙ୍କର ଲୁହ ଏହାକୁ ଶୁଖିବାକୁ ଦିଏ ନାହିଁ ଯାହା ଦ୍ୱାରା ଅପଣଙ୍କର ଆଖିର ଆଲୋକ ଠିକ୍ ରହିଥାଏ। ଲୁହରେ ଲୋସୋଜମ୍ ନାମକ ଏକ ପ୍ରକାର ତତ୍ୱ ରହିଥାଏ ଯାହା ବାହାରର ବ୍ୟାକ୍ଟେରିଆଙ୍କୁ ମାରିବାରେ ୯୦ ପ୍ରତିଶତ ସଫଳ ହୋଇଥାଏ। ଯଦି ଆପଣ କିଛି ଦୁଶ୍ଚିନ୍ତାରେ ଅଛନ୍ତି ଏବଂ କାନ୍ଦୁଛନ୍ତି ତେବେ ଲୁହ ସହିତ ଆଡ୍ରେନୋକୋଟିକୋଟ୍ରୋପିକ୍ ଏବଂ ଲିଉସିନ୍ ନାମକ ହରମୋନ୍ ବାହାରିଥାଏ ଯାହା ଦ୍ୱାରା ଦୁଶ୍ଚିନ୍ତା ଦୂର ହୋଇଥାଏ। କାନ୍ଦିବା ଦ୍ୱାରା ମସ୍ତିଷ୍କ ଏବଂ ହୃଦୟ ଠିକ୍ ଭାବେ କାର୍ଯ୍ୟ କରିଥାଏ। ଲୁହ ଆପଣଙ୍କର ନିରାସପଣକୁ ଦୂରକରିଥାଏ। ଏହା ଦ୍ୱାରା ଅପଣଙ୍କ ମନକୁ ଶାନ୍ତି ମିଳିଥାଏ।



# ରକ୍ତଚାପରୁ ମୁକ୍ତି ପାଇଁ କରନ୍ତୁ ସୂର୍ଯ୍ୟଭେଦ ପ୍ରାଣାୟମ୍



ସୂର୍ଯ୍ୟଭେଦ ପ୍ରାଣାୟମ୍ ଦ୍ୱାରା ଶରୀରର ଉତ୍ତାପ ବଢ଼ିଯାଏ, ବାତ ଦୋଷରୁ ହେଉଥିବା ଅସମତା ଦୂର ହୁଏ। ପିଙ୍ଗଳା ନାଡ଼ୀକୁ କ୍ରିୟାଶୀଳ କରି ପ୍ରାଣିକ ଶକ୍ତି ଉତ୍ତେଜିତ ହୁଏ ଏବଂ ଜାଗ୍ରତ ହୁଏ। ମନକୁ ବର୍ହିମୁଖୀ ଓ ଗତିଶୀଳ କରି ଦୈହିକ କ୍ରିୟାଗୁଡ଼ିକ ନିଖୁଣ ଭାବରେ କାର୍ଯ୍ୟକାରୀ ହୁଏ ଏବଂ ଅବସାଦ ଦୂର କରେ। ମନ ଅତ୍ୟଧିକ ସଜାଗ ହୁଏ ଏବଂ ଅନୁଭବ ଶକ୍ତି ବଢ଼ିଯାଏ। ଧ୍ୟାନର ପ୍ରସ୍ତୁତି ପାଇଁ ଏହା ଏକ ଉତ୍ତମ ପ୍ରାଣାୟମ। ନିମ୍ନ ରକ୍ତଚାପ, ବନ୍ଧ୍ୟାତ୍ୱ ଏବଂ କୃମି ଚିକିତ୍ସାରେ ସାହାଯ୍ୟ କରେ ବୋଲି କହନ୍ତି ଯୋଗଗୁରୁ ଗଣେଶ୍ୱର ଗୋଚ୍ଛିକାର।

ଏକ ଆରାମଦାୟକ ଧ୍ୟାନସନରେ ବସନ୍ତୁ, ମୁଣ୍ଡ ଓ ମେରୁଦଣ୍ଡ ସିଧା ରହିବ। ହାତ ଆଣ୍ଠୁ ଉପରେ ଚିନ୍ ବା ଜ୍ଞାନ ମୁଦ୍ରାରେ ରଖନ୍ତୁ। ଆଖି ବନ୍ଦ କରନ୍ତୁ ଏବଂ ପୂରା ଦେହ ଢ଼ିଲା କରନ୍ତୁ। ଏକ ଆରାମଦାୟକ ସ୍ଥିତିରେ ସ୍ଥିର ଏବଂ ଶିଥିଳ ହୋଇଗଲେ ନିଶ୍ୱାସକୁ କିଛି ସମୟ ଲକ୍ଷ୍ୟ କରନ୍ତୁ। ଡାହାଣ ହାତର ଅନାମିକା ଆଙ୍ଗୁଳିରେ ବାମ ନାସାରନ୍ଧ୍ରକୁ ବନ୍ଦ କରନ୍ତୁ ଏବଂ ଡାହାଣ ନାସାରନ୍ଧ୍ରରେ ଧୀର ଗଭୀର ନିଶ୍ୱାସ ନିଅନ୍ତୁ। ନିଶ୍ୱାସ ନେବା ସରିଲେ ଦୁଇ ନାସା ରନ୍ଧ୍ର ବନ୍ଦ କରନ୍ତୁ, ନିଶ୍ୱାସ ଧରି ରଖନ୍ତୁ ଏବଂ ଜଳନ୍ଧର ଓ ମୂଳବନ୍ଧ କରନ୍ତୁ। ପ୍ରଥମେ ଅଭ୍ୟାସ ଆରମ୍ଭ କରୁଥିଲେ କିଛି ସେକେଣ୍ଡ ପାଇଁ ଏହି ସ୍ଥିତିରେ ରୁହନ୍ତୁ। ମୂଳବନ୍ଧ ଛାଡ଼ିଦିଅନ୍ତୁ, ତାପରେ ଜଳନ୍ଧର ବନ୍ଧ ଛାଡ଼ିବେ। ମୁଣ୍ଡ ସିଧା କରନ୍ତୁ, ଧୀରେ ଡାହାଣ ନାସାରନ୍ଧ୍ରରେ ନିଶ୍ୱାସ ଛାଡ଼ନ୍ତୁ। ସୂର୍ଯ୍ୟଭେଦ ପ୍ରାଣାୟମ ପ୍ରଥମେ ଅଭ୍ୟାସ କରୁଥିଲେ ୧୦ ଚକ୍ର ଅଭ୍ୟାସ ଯଥେଷ୍ଟ। ଅଭ୍ୟାସ ସହଜ ଓ ଆରାମଦାୟକ ହୋଇଗଲେ ୧୦ରୁ ୧୫ ମିନିଟ୍ ବଢ଼ାଇ ପାରିବେ।

**ସାବଧାନତା:** ଖାଇବା ପରେ ଏହି ଅଭ୍ୟାସ କରିବେ ନାହିଁ କାରଣ ପାଚନ କ୍ରିୟାରୁ ସୃଷ୍ଟି ହେଉଥିବା ଶକ୍ତିର ପ୍ରବାହ ବାଧା ପାଇବ। ୩୦ ମିନିଟ୍ରୁ ବେଶୀ ସମୟ ଏହି ପ୍ରାଣାୟମ୍ କଲେ ଶ୍ୱସନ ଚକ୍ରରେ ଥିବା ସନ୍ତୁଳନ ଭାଙ୍ଗିଯାଏ। ହୃଦ୍‌ରୋଗ, ରକ୍ତଚାପ ଓ ଅପସ୍ମାର ଥିବା ବ୍ୟକ୍ତି ଏହି ଅଭ୍ୟାସ କରିବେ ନାହିଁ।

# ପ୍ରତ୍ୟେକ ରୋଗର ଔଷଧ କଳା ଜିରା

**ଭାରତୀୟ ରୋଷେଇ ଘର ଅନେକ ମସଲାରେ ପରିପୂର୍ଣ୍ଣ । ଏହି ମସଲା ଶତାବ୍ଦୀ ଧରି ଔଷଧ ଭାବରେ ବ୍ୟବହାର ହୋଇଆସୁଛି । ଏହି ମସଲା ଶତାବ୍ଦୀ ଧରି ଆୟୁର୍ବେଦରେ ଔଷଧ ଭାବରେ ବ୍ୟବହାର ହୋଇଆସୁଛି ଏବଂ ଅନେକ ରୋଗର ଚିକିତ୍ସା କରୁଛି। ସେହିପରି, ଆପଣଙ୍କ ରୋଷେଇ ଘରେ ଆଉ ଏକ ମସଲା ଅଛି, ଯାହା କେବଳ ମୃତ୍ୟୁ ବ୍ୟତୀତ ପ୍ରତ୍ୟେକ ରୋଗକୁ ଭଲ କରେ । ତେଣୁ, ଆସନ୍ତୁ ଆଜି ଜାଣିବା ଯେ ସେହି ମସଲା ବିଷୟରେ...**


ରୋଷେଇ ଘରର ସାଧାରଣ ଖାଦ୍ୟ କଳା ଜିରା, ଯାହାକୁ ମାଙ୍ଗରେଲା ମଧ୍ୟ କୁହାଯାଏ। ଏହା ଆମ ଶରୀର ପାଇଁ ଅନେକ ଉପାୟରେ ଲାଭଦାୟକ। କଳା ଜିରା ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରେ। ନିୟମିତ ସେବନ ଶରୀରକୁ ଅନେକ ରୋଗ ସହିତ ଲଢ଼ିବାରେ ସାହାଯ୍ୟ କରେ ଏବଂ ଋତୁକାଳୀନ ସଂକ୍ରମଣକୁ ରୋକିଥାଏ।

## କଳା ଜିରା ହୃଦରୋଗ ଏବଂ ଓଜନ ହ୍ରାସ ପାଇଁ ମଧ୍ୟ ପ୍ରଭାବଶାଳୀ

କଳା ଜିରା ରକ୍ତଚାପ ନିୟନ୍ତ୍ରଣ କରିବାରେ ଏବଂ ଖରାପ କୋଲେଷ୍ଟ୍ରଲକୁ କମ୍ କରିବାରେ ସାହାଯ୍ୟ କରେ। ଏହି କାରଣରୁ ହୃଦରୋଗକୁ ରୋକିବାରେ ଏହାକୁ ବିଶେଷ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ। ଯଦି ଆପଣ ଓଜନ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି, ତେବେ ଆପଣ ଆପଣଙ୍କ ଖାଦ୍ୟରେ କଳା ଜିରା ସାମିଲ କରିପାରିବେ। ଏହା ଆପଣଙ୍କ ମେଟାବୋଲିଜିମକୁ ବୃଦ୍ଧି କରେ, ଯାହା ଶୀଘ୍ର ଫ୍ୟାଟ୍ ବର୍ଣ୍ଣ କରିବାରେ ସାହାଯ୍ୟ କରେ ଏବଂ ଆପଣଙ୍କ ଶରୀରକୁ ସୁସ୍ଥ ରଖେ ।

## ମଧୁମେହ ରୋଗୀ ଏବଂ ପାଚନ ଶକ୍ତି ପାଇଁ ଲାଭଦାୟକ

ଗବେଷଣା ଅନୁଯାୟୀ, କଳା ଜିରା ରକ୍ତରେ ଶର୍କରା ସ୍ତରକୁ ସ୍ଥିର କରିବାରେ ସାହାଯ୍ୟ କରେ। ଟାଇପ୍ ୨ ମଧୁମେହ ପୀଡିତ ରୋଗୀଙ୍କ ପାଇଁ ଏହାକୁ ଖାଇବା ବହୁତ ଲାଭଦାୟକ ହୋଇପାରେ। କଳା ଜିରା ବଦହଜମୀ, ଗ୍ୟାସ୍ ଏବଂ ପେଟ ଯନ୍ତ୍ରଣା ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ। ଏହା ଆମର ଅନ୍ତନଳୀକୁ ମଜବୁତ କରେ ଏବଂ ଏକ ସୁସ୍ଥ ପାଚନ ପ୍ରଣାଳୀ ବଜାୟ ରଖେ।



## ଥଣ୍ଡା, କାଶ ତଥା ଚର୍ମ ରୋଗ ପାଇଁ ମଧ୍ୟ ପ୍ରଭାବଶାଳୀ

କଳା ଜିରା ତେଲ ଲଗାଇବା ଦ୍ୱାରା କେଶ ଝଡ଼ିବା କମିଯାଏ ଏବଂ ରୁପିରୁ ମୁକ୍ତି ମିଳିଥାଏ। ଏହାକୁ ଚର୍ମରେ ଲଗାଇବା ଦ୍ୱାରା ବ୍ରଣ ଏବଂ ରଙ୍ଗ ପରିବର୍ତ୍ତନ ମଧ୍ୟ କମିଥାଏ। କଳା ଜିରାର ପ୍ରଦାହ-ରୋଧୀ ଗୁଣ କାଶ, କଫ ଏବଂ ଗଳା ଯନ୍ତ୍ରଣାରୁ ମଧ୍ୟ ମୁକ୍ତି ଦେଇଥାଏ। ଏହାକୁ ମହୁ ସହିତ ସେବନ କରିବା ଅଧିକ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ । ଏହା ବ୍ୟତୀତ, କଳା ଜିରା ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ଉତ୍କୃଷ୍ଟ ବୋଲି ବିବେଚନା କରାଯାଏ। ଏହା ସ୍ମୃତି ଶକ୍ତି ଏବଂ ଧ୍ୟାନକୁ ଉନ୍ନତ କରେ। ମହିଳାମାନଙ୍କ ପାଇଁ, ଏହା ହରମୋନ ସନ୍ତୁଳନ ଏବଂ ଥାଇରଏଡ୍ ସମସ୍ୟାରେ ମଧ୍ୟ ସହାୟକ ହୋଇଥାଏ । କଳା ଜିରାକୁ ହାଲୁକା ଭାବରେ ପୋଡ଼ି ପାଉଡର ଆକାରରେ ମଧ୍ୟ ସେବନ କରାଯାଇପାରିବ।

## ଚରମ ସୀମାରେ ପହଞ୍ଚିଛି ବେଆଇନ ମାଟି ଖନନ

# କୋଟି କୋଟି ଟଙ୍କାର ରାଜସ୍ୱ ହରିଲୁଟ୍

### କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ



**ବାଲିପାଟଣା,୯।୩(ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକର ବିଭିନ୍ନ ଅଞ୍ଚଳରେ ଏବେ ବେଆଇନ ମାଟି ଖନନ ଓ ଚୋରା ଚାଲାଣ ଚରମ ସୀମାରେ ପହଞ୍ଚିଛି। ସରକାରୀ ନିୟମକୁ ବେଖାତିର କରି ଦିନ ଦ୍ୱିପ୍ରହରରେ ଶହ ଶହ ଟ୍ରିପ୍ ମାଟି ଚୋରା ଚାଲାଣ ହେଉଥିବା ବେଳେ ସ୍ଥାନୀୟ ପ୍ରଶାସନ ଜାଣିଶୁଣି ଶୋଇ ରହିଥିବା ପରି ମନେହେଉଛି।ବ୍ଲକର ନଦୀ ପଠାଠାରୁ ଆରମ୍ଭ କରି ଚାଷ ଜମି ପର୍ଯ୍ୟନ୍ତ, ସବୁଠି ମାଫିଆଙ୍କ ନଜର। ଜେସିବି ମେସିନ ଲଗାଇ ଗଭୀର ଗାତ କରି ମାଟି ତାଡ଼ି ନିଆଯାଉଛି। ପୋଲିସ ନାକ ତଳେ ଏହି ବେଆଇନ କାରବାର ଚାଲିଥିଲେ ସୁଦ୍ଧା ପ୍ରଶାସନ କାହିଁକି 'କୁମ୍ଭକର୍ଣ୍ଣ' ନିଦ୍ରାରେ? ନା ମାଫିଆଙ୍କ ପ୍ରଭାବ ଆଗରେ ପ୍ରଶାସନ ନତମସ୍ତକ, ନା ଏହି ମହାଲୁଟ୍‌ରେ କୌଣସି 'ଗୁପ୍ତ ବୁଝାମଣା' ରହିଛି, ତାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବାରମ୍ବାର ଖବର ଦେବା ସତ୍ତ୍ୱେ ବିଭାଗୀୟ ଅଧିକାରୀମାନେ କୌଣସି ଦୃଢ଼ ପଦକ୍ଷେପ ନେଉନାହାଁନ୍ତି। ରାଜସ୍ୱ ବିଭାଗର ଏହି ନିରବତା ପଛରେ ମାଫିଆଙ୍କ ସହ କୌଣସି 'ମଧୁଚନ୍ଦ୍ରିକା' ରହିଛି କି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଯଦି ତୁରନ୍ତ ଏହି ବେଆଇନ ମାଟି ଚୋରା ଚାଲାଣ ବନ୍ଦ କରାନଯାଏ, ତେବେ ଆଗାମୀ ଦିନରେ ବ୍ଲକବାସୀ ରାଜପଥକୁ ଓହ୍ଲାଇବା ସହ ତହସିଲ ଅଫିସ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।ବିନା କୌଣସି ଲିଜ୍ ବା ସରକାରୀ ଅନୁମତିରେ ଶହ ଶହ ଟ୍ରାକ୍ଟର ଓ ହାଇୱା ମାଟି ବୋହି ନେଉଛନ୍ତି। ସରକାରୀ ନିୟମ ଅନୁସାରେ ମାଟି ଖନନ ପାଇଁ ନିର୍ଦ୍ଦିଷ୍ଟ ସୀମା ଥିଲେ ହେଁ, ଏଠାରେ ପାତାଳ ପର୍ଯ୍ୟନ୍ତ ଗାତ ଖୋଳି ମାଟି ତାଡ଼ି ନିଆଯାଉଛି।ସରକାରୀ ରାଜସ୍ୱ ହରିଲୁଟ୍ କରୁଥିବା ଖବର ପ୍ରକାଶ ପରେ ଏହି ମାଫିଆଙ୍କ ବିରୋଧରେ ତହସିଲ ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରିବେ କି? ଏହା ଏବେ ସବୁଠୁ ବଡ଼ ପ୍ରଶ୍ନ।ପ୍ରଶାସନ ପକ୍ଷରୁ ମଝିରେ ମଝିରେ ଚଢ଼ାଉ କରାଯାଇ ଗାଡ଼ି ଜବତ କରାଯାଉଥିଲେ ମଧ୍ୟ, ଏହା କେବଳ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଏକ 'ପ୍ରହସନ'ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।ପ୍ରଶ୍ନ ଉଠୁଛି, ଗାଡ଼ି ଜବତ ହେଉଛି ସତ, କିନ୍ତୁ ମାଟି ମାଫିଆଙ୍କ ମୁଖ୍ୟ ସୂତ୍ରଧରମାନେ କାହିଁକି ଆଇନ ଜାଲରୁ ବର୍ତ୍ତି ଯାଉଛନ୍ତି?ଗୋଟିଏ ଗାଡ଼ି ଧରାପଡ଼ିଲେ ଅନ୍ୟ ଦଶଟି ଗାଡ଼ି ନିର୍ଭୟରେ ମାଟି ବୋହୁଛନ୍ତି।ପ୍ରଶାସନର ଭୟ ନୁହେଁ, ବରଂ ପ୍ରଶାସନ ସହ ସଲାସୁତୁରା ଥିବା ପରି ମନେହେଉଛି।

## ପୁଲିସ୍ ଆଗରେ ଅମିନଙ୍କୁ ଧମକ

● ଆଇନି ଶୃଙ୍ଖଳା ପରିସ୍ଥିତି ଜଟିଳ

**ଜଗତସିଂହପୁର,୯।୩(ସଂଚାର ବ୍ୟୁରୋ):** ଜିଲ୍ଲା ରେ କେବଳ ନୁହେଁ ଏବେ ରାଜ୍ୟରେ ଆଇନି ଶୃଙ୍ଖଳା ପରିସ୍ଥିତି ଉପର ମୁହାଁ ହେବାରେ ଲାଗିଛି। ପୋଲିସ୍ ପାଖରେ ଥାଇ ମଧ୍ୟ ଅଭିଯୁକ୍ତ ମାନେ ଖୁଲମ୍ ଖୋଲା ଅପରାଧ ଘଟାଇବାକୁ ଚାଲେନ୍ସ ଦେବାକୁ ପଛାଉ ନାହାଁନ୍ତି। ଏଭଳି ପୋଲିସ୍ ଆଗରେ ଏକ ଚ୍ୟାଲେଞ୍ଜ କର ଘଟଣା ଦେଖିବାକୁ ମିଳିଛି ଜଗତସିହପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡ ଲହଙ୍ଗା ଗ୍ରାମରେ। ଏପରି ପୋଲିସ୍ ଉପସ୍ଥିତ ଥାଇ ମଧ୍ୟ ବିଶୃଙ୍ଖଳା କରାଯିବା ସହିତ ସରକାରୀ ଅଧିକାରୀ ଙ୍କୁ ଧମକ ମଧ୍ୟ ଦିଆ ଯାଇଛି। ଯେପରିକି ପୋଲିସ୍ ର ପରିବା ପଣିଆ ଉପରେ ପ୍ରସ୍ନ ଉଠିଛି। ପୂର୍ବ ବିବାଦ ସମାଧାନ ହେବାର ବାଟ କୁ ମାପ ଚୁପ କରି ଦିଆଯାଇ ନଥିଲା। ଏଭଳି ଘଟଣାରେ ଗତ ୨ ତାରିଖରେ ସ୍ଥାନିୟ ଜଗତସିଂହପୁର ତହସିଲଦାର ଙ୍କ ଅଭିଯୋଗ ଆଧାର ରେ ଜଗତସିଂହପୁର ଥାନାରେ ମାମଲା ରୁଜୁ ହୋଇଛି। ବଡ ଲାହାଙ୍ଗା ଗ୍ରାମର ଏକ ବେସରକାରୀ ଜମିର ମାପ ସମୟରେ ସରକାରି ଅମିନ ଙ୍କୁ କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ ବିଭିନ୍ନ ପ୍ରକାର ଧମକ ଚମକ ଦିଆଯାଇଥିବା ଏତଲା ରେ ଦର୍ଶା ଯାଇଛି। ଏଥିରେ ବଡ ଲହଂଗା ଗ୍ରାମର ନିର୍ଦ୍ଦିଷ୍ଟ ତିନି ଜଣ ବ୍ୟକ୍ତି ପ୍ଲଟ ରେ ସରକାରୀ ଅମିନ କୁ ପ୍ରବେଶ କରାଇ ଦେଲେ ନାହିଁ ଏବଂ ମାପ ସମୟର ବ୍ୟକ୍ତି ଉପସ୍ଥିତ ପୋଲିସ୍ ସହିତ ବିଶୃଙ୍ଖଳା ସୃଷ୍ଟି କରାଇ କରିବା ସହିତ ପୋଲିସ୍ କୁ ଧମକ ଦେବା ଓ ମାପ କରାଇ ଦେଇନଥିବା ଜଣାପଡ଼ିଛି। ଏହା ପରେ ଖବର ପାଇ ଜିଲ୍ଲା ପୋଲିସ୍ ତରଫରୁ ୨ ଟି ପିସିଆର୍ ଭ୍ୟାନ୍ ପଠାଯାଇ ଧମକ ଦେଉଥିବା ନିର୍ଦ୍ଦିଷ୍ଟ ଙ୍କୁ ପୋଲିସ୍ ଅଟକ ରଖିଥିବା ବେଳେ। ସନ୍ଧ୍ୟା ରେ ତାକୁ ଛାଡ଼ି ଯାଇଥିବା ଜଣା ପଡ଼ିଛି। ଶୁଣା ଯାଉଛି ଯେ କାଳେ ଅଗ୍ରମ ଯାମିନୀ ରେ ଖସିଛନ୍ତୀ। ଏଠି ପ୍ରଶ୍ନ ଉଠୁଛି ଯେ କୋର୍ଟ ରୁ ଅର୍ଡର୍ ପରେ ଯଦି ପୋଲିସ୍ ଉପସ୍ଥିତି ରେ ସରକାରୀ ଅଧିକାରୀ ଙ୍କୁ ଧମକ ଦେଇ ପାରେ ତାହାଲେ ଏଠି ସାଧାରଣ ଲୋକେ କେତେ ସୁରକ୍ଷିତ ତାହାକୁ ନେଇ ପ୍ରଶ୍ନ ଉଠିଛି।

## କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ



**ପାଟଣା,୯।୩(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ପାଟଣା ସାହାରପଡ଼ା ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥର ଖଜୁରୀଡିହା ଛକରେ ରବିବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିଲା। ମୃତ ବ୍ୟକ୍ତି ଜଣକ ହେଉଛନ୍ତି ଖଜୁରୀଡିହା ଗ୍ରାମର ଉପେନ୍ଦ୍ର ମହାନ୍ତଙ୍କ ପୁଅ ଜଗନ୍ନାଥ ମହାନ୍ତ (୪୫)। ସୋମବାର ମୃତଦେହ ବ୍ୟବଚ୍ଛେଦ ସରିବା ପ୍ରଭାବିତ ପରିବାରକୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ, ରାସ୍ତାରେ ହମ୍ପସ, ଲାଇଟ୍ ନିର୍ମାଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଉପରେ ମୃତଦେହ ରଖି, ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ସାହାରପଡ଼ା ବ୍ଲକରେ ଚାଲୁଥିବା ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣିକୁ ଯାଉଥିବା କେନ୍ଦୁଝର ଡିଏଫ୍‌ଓ ଏଚ୍ ଡି ଧନରାଜ ମଧ୍ୟ ରାସ୍ତାରେ ଫସିଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ଲାଗିରହିଛି। ପାଟଣା ପୋଲିସ ପକ୍ଷରୁ ଏସ୍‌ଆଇ ଲକ୍ଷ୍ମଣ ମାଝୀ, ଗୌରହରି ଗରଡିଆ ପ୍ରମୁଖ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ଜାରି ରଖିଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ିମୋଟର ଅଟକି ରହିଥିବା ବେଳେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

## ଚାଷୀଙ୍କୁ ଦଳି ଦେଲା ହାତୀ



**ବରଗଡ଼,୯।୩(ସଂଚାର ବ୍ୟୁରୋ):** ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଅନ୍ଧାରିପାଲି ଅଞ୍ଚଳରେ ସୋମବାର ଭୋର୍ ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। କ୍ଷେତକୁ ଯାଇଥିବାବେଳେ ଉକ୍ତ ଗ୍ରାମର ଜଣେ ଚାଷୀ ବେଣୁ ଛୁରିଆଙ୍କୁ ଗୋଠଛଡା ଏକ ହାତୀ ଦଳି ଦେଇଥିବା ସୂଚନା ମିଳିଛି। ଚାଷୀଙ୍କ ମୃତ୍ୟୁ ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଛି। ଖବରପାଇ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ହାତୀକୁ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇ ପଡିଛନ୍ତି।

## ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାନ ଗଦାକଲେ ଚାଷୀ



**ବରଗଡ଼,୯।୩(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଛି। ବିଭାଗୀୟ ଅଧିକାରୀମାନଙ୍କଠାରେ ଆବଶ୍ୟକ କାଗଜପତ୍ର ଦାଖଲ ସତ୍ତ୍ୱେ ଜିଲ୍ଲାର ଅନେକ ଚାଷୀ ପଞ୍ଜୀକୃତ ହୋଇ ନଥିବା ଯୋଗୁ ଖରିଫରେ ଅମଳ ଧାନ ବିକ୍ରି କରି ପାରିନାହାନ୍ତି। ଏହାକୁ ନେଇ ଚାଷୀ ଅସନ୍ତୋଷ ତେଜି ଉଠିଛି। ଏହି କ୍ରମରେ ସୋମବାର ଜିଲ୍ଲାର ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧିନ ଭେଡେନ ବ୍ଲକ ଅନ୍ତର୍ଗତ ସହରାଟିକ୍ରା ମଣ୍ଡି ଉପରେ ନିର୍ଭରଶୀଳ ଚାଷୀମାନେ ବିକ୍ରି ହୋଇ ନ ଥିବା ଧାନ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପହଞ୍ଚିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାନ ଗଦା କରି ଚାଷୀମାନେ ଧାରଣାରେ ବସିଛନ୍ତି ଏବଂ ବିକ୍ରି ଅପେକ୍ଷାରେ ରହିଥିବା ଧାନକୁ ତୁରନ୍ତ କିଣିବାକୁ ଦାବି କରିଛନ୍ତି। ପ୍ରକାଶ ଥାଉକି, ଗତ ୫ତାରିଖ ମଧ୍ୟ ଚାଷମାନେ ବାଇକ ଯୋଗେ ଧାନ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ ଏବଂ ସେହି ଧାନକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଗଦା କରିଥିଲେ। ମାତ୍ର ରାତାରାତି ସେହି ଧାନ ସେଠାରୁ ଗାଏବ ହୋଇ ଯାଇଥିଲା ଏବଂ ଚାଷୀମାନେ ସେ ନେଇ ବରଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ।

## ଏସ୍‌ବିଆଇର ନୂତନ ଗୃହ ଉଦଘାଟନ

**କନ୍ଧମାଳ,୯।୩(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ସ୍ଥାନୀୟ ଡକ୍ଟର ବି.ଆର ଅମ୍ବେଦକର ଛକ୍ ନିକଟରେ ଆଜି ଭାରତୀୟ ଷ୍ଟେଟ ବ୍ୟାଙ୍କର ନୂତନ ଗୃହ ଉଦଘାଟନ ହୋଇ ଯାଇଛି।ଏହି ନୂତନ ଭାବେ ନିର୍ମିତ ହୋଇଥିବା ଗୃହ ଭାରତୀୟ ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ ଶ୍ରୀଯୁକ୍ତ ଋଷିନାଥ ନାୟକଙ୍କ ନେତୃତ୍ୱରେ ସୋମବାର ଦିନ ସକାଳ ୧୦ ଘଣ୍ଟିକାରେ ଉଦଘାଟନ କରିଛନ୍ତି।ଏହି ଭାରତୀୟ ଷ୍ଟେଟ ବ୍ୟାଙ୍କ ପୂର୍ବରୁ ତୁମୁଡିବନ୍ଧ ମୁଖ୍ୟ ବଜାରରେ ଥିଲା, ବର୍ତ୍ତମାନ ସ୍ଥାନାନ୍ତରିତ କରାଯାଇଛି ତୁମୁଡିବନ୍ଧର ଡକ୍ଟର ବି.ଆର ଅମ୍ବେଦକର ଛକ୍ ନିକଟସ୍ତର ଏବଂ ବିଜୁ ପଟ୍ଟନାୟକ ମିନି ଷ୍ଟାଡିଅମ ତୁମୁଡିବନ୍ଧ ପାର୍ଶ୍ୱରେ।ଏବଂ ଗ୍ରାହକ ସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ଗୁରୁତ୍ୱାରୋପ ଦେଇଛନ୍ତି ଶାଖା ପରିଚାଳକ ଶ୍ରୀଯୁକ୍ତ ଋଷିନାଥ ନାୟକ।ନୂତନ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶୁଭାରମ୍ଭ ହେବା ଦ୍ୱାରା ତୁମୁଡିବନ୍ଧ ଅଞ୍ଚଳବାସି ସମ୍ପୂର୍ଣ୍ଣ ଭାବରେ ଖୁସିରେ ଅଛନ୍ତି।ସ୍ଥାନୀୟ ଲୋକମାନେ ଭଲ ସେବା ମିଳିବ ବୋଲି ଆଶା ପ୍ରକାଶ କରିଛନ୍ତି।

## ନୂତନ ଜିଲ୍ଲା କାର୍ଯ୍ୟକାରିଣୀ କମିଟି ମନୋନୀତ



**ଧାମନଗର,୯।୩(ସଂଚାର ବ୍ୟୁରୋ):** ନିଖିଳ ଉତ୍କଳ ନମ୍ନ ମାଧମିକ ଶିକ୍ଷକ ସଂଘ (ଓଲଷ୍ଟା) ତରଫରୁ ଜିଲ୍ଲାସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ- ୨୦୨୬ ମହା ସମାରୋହରେ ପାଳିତ ହୋଇଥିବା ବେଳେ ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଛି। ଏହି ଅବସରରେ ରବିବାର ଧାମନଗର ବ୍ଲକ ଅନ୍ତର୍ଗତ ମାୟାଧର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ଡିଲୋ କୋଠାର ଠାରେ ଦୁଇଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସଂଘର ଜିଲ୍ଲା ସଭାପତି ନକୁଳ ଚରଣ ବାରିକଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ରାଜ୍ୟ ଯୁଗ୍ମ ସମ୍ପାଦକ ରୋହିତ କୁମାର ଜେନା ଉଦଘାଟକ ଭାବେ ଯୋଗ ଦେଇ ପ୍ରଥମ ଅଧିବେଶନ ଓ ସାଧାରଣ ବୈଠକକୁ ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭୀମସେନ ହୋ,ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବେ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଶଶଧର ମହନ,ଅଲେଖ ଚନ୍ଦ୍ର ନାୟକ, ଧାମନଗର ଏବିଇଓ ସତ୍ୟ ସୁନ୍ଦର ପରିଡା,ବାସୁଦେବପୁର ଏବିଇଓ ତପନ କୁମାର ଦ୍ୱିବେଦୀ,ପୁରୁଷୋତ୍ତମ ଧଳ,ଅଶୋକ କୁମାର ସାମଲ,ଘନଶ୍ୟାମ ସ୍ୱାଇଁ,ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ,ସଞ୍ଜୟ କୁମାର ପାଢ଼ୀ ପ୍ରମୁଖ ଯୋଗ ଦେଇ ସଂଘର ଉନ୍ନତି ଓ ସୁସଂଗଠିତ କିପରି ହେବ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସଂଘର ବ୍ଲକ ସମ୍ପାଦକ ମନୋଜ କୁମାର ସିଂହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା ସମ୍ପାଦକ ଉପେନ୍ଦ୍ର କୁମାର ବିଶ୍ୱାଳ ସମ୍ପାଦକୀୟ ପଠନ ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।ଶେଷରେ ବନ୍ତ ବ୍ଲକର ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସଂଘର ରାଜ୍ୟ ସଭାପତି ବିକ୍ରମ କୁମାର ଦାସଙ୍କ ସଭାପତିତ୍ୱରେ ଦ୍ୱିତୀୟ ଅଧିବେଶନ ଆରମ୍ଭ ହୋଇଥିଲା।

## ତେଜସ୍ୱିନୀ ମହିଳା ସଂଗଠନ ପକ୍ଷରୁ ମହିଳା ଦିବସ ପାଳିତ



**ଧାମନଗର,୯।୩(ସଂଚାର ବ୍ୟୁରୋ):** ଓଡିଶା ତେଜସ୍ୱିନୀ ମହିଳା ସଂଗଠନ ତରଫରୁ ସପ୍ତମ ବର୍ଷ ମହିଳା ଦିବସ ରବିବାର ସନ୍ଧ୍ୟାରେ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନ ପରିସରରେ ପାଳିତ ହୋଇଯାଇଛି। ସଂଗଠନ ସଭାପତି କଳ୍ପନା ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ,ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଧାମନଗର ବିଧାୟକ ତଥା ମନ୍ତ୍ରୀଙ୍କ ମା ଉର୍ମିଳା ପାଣିଗ୍ରାହୀ,ବରେଣ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ,ଚଳଚ୍ଚିତ୍ର ଅଭିନେତ୍ରୀ କାନ୍ତା ସିଂ, ଆଇନଜୀବୀ ଆକାଂକ୍ଷା କବି, ଉପଦେଷ୍ଟା ବାସନ୍ତୀ ଲତା ପରିଡା,ଦୀପାଳି ମିଶ୍ର,ସମ୍ପାଦିକା ଅଞ୍ଜନା ମିଶ୍ର, ଅଧ୍ୟକ୍ଷ ନିହାର ରଞ୍ଜନ କର ପ୍ରମୁଖ ଯୋଗଦେଇ କହିଲେ ମହିଳାଙ୍କ ଉନ୍ନତିରେ ସମାଜର ଉନ୍ନତି' ହୋଇଥାଏ ଓ ମହିଳାମାନଙ୍କ ଅଧିକାର, ସଶସ୍ତ୍ରୀକରଣ ଓ ସମାଜରେ ସେମାନଙ୍କ ଭୂମିକା କଣ ହେବା ଦରକାର ସେଥି ଉପରେ ପରାମର୍ଶ ଦେଇଥିଲେ। ତେଜସ୍ୱିନୀ ମହିଳା ସଂଗଠନ ତରଫରୁ ମାର୍ଗ ଦର୍ଶକ ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଉପଦେଷ୍ଟା ଡ଼.ଜାନକୀ ପାଢ଼ୀ ଅତିଥି ପରିଚୟ ପ୍ରଦାନ,ଉପସଭାପତି ମନୋରମା ରାୟ ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ,ଚୈତାଳୀ ଖିଲାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଜିଲ୍ଲାର ଶ୍ରେଷ୍ଠ ସମାଜସେବୀ ଭାବେ ଆମନ ସମ୍ମାନିତ



**କନ୍ଧମାଳ,୯।୩(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଯୁବ ସମାଜସେବୀ ଆମନ ଚନ୍ଦ୍ର ନାୟକଙ୍କୁ ତାଙ୍କ ସମାଜସେବା କାର୍ଯ୍ୟ ପାଇଁ "ତୁଳସୀ ଦେବୀ ସ୍ମୃତି ସମ୍ମାନ" ପ୍ରଦାନ କରାଯାଇଛି। ଫୁଲବାଣୀରେ ଆୟୋଜିତ ଷୋଡ଼ଶ ବନଜ୍ୟୋସ୍ନା ସାହିତ୍ୟ ସଂସଦ କାର୍ଯ୍ୟକ୍ରମରେ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଆମନ ଚନ୍ଦ୍ର ନାୟକ କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରି ସହର ନିକଟସ୍ଥ କଳିଙ୍ଗା ଗ୍ରାମର ନିବାସୀ। ଗ୍ରାମରେ ପ୍ରାଥମିକ ଶିକ୍ଷା ଅର୍ଜନ ପରେ ସେ ଫୁଲବାଣୀରେ ଡିପ୍ଲୋମା ଇଞ୍ଜିନିୟରିଂ ପରେ ୨୦୧୫ ମସିହାରେ ଭୁବନେଶ୍ୱରରେ ବି.ଟେକ୍ ଏବଂ ୨୦୧୮ ମସିହାରେ ବ୍ରହ୍ମପୁରରେ ଏମ୍.ବି.ଏ ଶିକ୍ଷା ସମାପ୍ତ କରିଥିଲେ। ଉଚ୍ଚଶିକ୍ଷା ସମାପ୍ତ କରିବା ପରେ ଚାକିରି ପଛରେ ନ ଧାଇ ସେ ସମାଜସେବା ପ୍ରତି ନିଜକୁ ସମର୍ପିତ କରିଛନ୍ତି। ସେ ଅଞ୍ଚଳର ବିକାଶ, ପରିବେଶ ସୁରକ୍ଷା, ବୃକ୍ଷରୋପଣ, ଜଳବାୟୁ ପରିବର୍ତ୍ତନ ସଚେତନତା, ପଶୁପକ୍ଷୀ ସୁରକ୍ଷା, ଜଙ୍ଗଲ ଅଗ୍ନିକାଣ୍ଡ ପ୍ରତିରୋଧ, ବାଲ୍ୟ ବିବାହ ରୋକିବା, ପ୍ଲାଷ୍ଟିକ ବ୍ୟବହାର ବିରୋଧୀ ଅଭିଯାନ ଏବଂ ରକ୍ତଦାନ ଶିବିର ଭଳି ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରୁଛନ୍ତି। ସେ ଗ୍ରାମେ ଗ୍ରାମେ ବୁଲି ଲୋକମାନଙ୍କ ସମସ୍ୟା ବୁଝି ରାସ୍ତାଘାଟ, ବିଶୁଦ୍ଧ ପାନୀୟଜଳ, ବିଦ୍ୟୁତ୍, ଭତ୍ତା ଓ ଅନ୍ୟାନ୍ୟ ସମସ୍ୟା ସମାଧାନ ପାଇଁ ସରକାର ଓ ପ୍ରଶାସନଙ୍କୁ ପତ୍ର ମାଧ୍ୟମରେ ଅବଗତ କରୁଛନ୍ତି।

## ବାଇକ ଧକ୍କାରେ ଜଣେ ମୃତ, ୨ ଗୁରୁତର

**ସ୍ୱାମପାଟଣା,୯।୩(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ପାଟଣା ସାହାର ପଡ଼ା ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥର ଖଜୁରିଡିହା ଛକରେ ରବିବାର ବିଳମ୍ବିତ ରାତ୍ରିରେ ସଡ଼କ ଦୁର୍ଘଟଣାରେ ଜଣ କର ମୃତ୍ୟୁ ଘଟିଛି । ଖଜୁରିଡିହା ଛକରେ ଠିଆ ହୋଇ ମୋବାଇଲରେ କ୍ରିକେଟ ଖେଳ ଦେଖୁଥିବା ବେଳେ ବାଇକ ଧକ୍କାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ବାଇକ ଆରୋହୀ ଦୁଇଜଣ ଗୁରୁତର ଅବସ୍ଥାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛନ୍ତି। ମୃତ ବ୍ୟକ୍ତି ଜଣକ ହେଉଛନ୍ତି ଖଜୁରିଡିହା ଗ୍ରାମର ଉପେନ୍ଦ୍ର ମହାନ୍ତଙ୍କ ପୁଅ ଜଗନ୍ନାଥ ମହାନ୍ତ (୪୫)। ମିଳିଥିବା ସୂଚନା ଅନୁଯାୟୀ ରବିବାର ରାତି ୯ ଟାରେ ଜଗନ୍ନାଥ ଖଜୁରିଡିହା ଛକରେ ଠିଆ ହୋଇ ମୋବାଇଲରେ ଭାରତ ନିଉଜିଲ୍ୟାଣ୍ଡ ମଧ୍ୟରେ ହେଉଥିବା ଫାଇନାଲ କ୍ରିକେଟ ମ୍ୟାଚ ଦେଖୁଥିବା ବେଳେ ପାଟଣା ଥାନା ଟଭାସରୁଆ ଗ୍ରାମର ବିନୋଦ ମହାକୁଡ଼ (୩୫) ଓ ଝୁମ୍ପୁରା ଥାନା ଅନ୍ତର୍ଗତ ରାଇକଳା ଗ୍ରାମର ମନୋଜ ମହାକୁଡ଼ ଏକ ବାଇକରେ ଟଭାସରୁଆ ପାର୍ଶ୍ୱରୁ ଦ୍ରୁତ ଗତିରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଠିଆ ହୋଇଥିବା ଜଗନ୍ନାଥଙ୍କୁ ଧକ୍କା ଦେଇ ୩୦ ଫୁଟ ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲେ।

## ମହିଳା ଦିବସରେ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ

# ଜିଲ୍ଲାରୁ ପାଇଲେ ପ୍ରାୟ ୧୩୫ଲକ୍ଷ ହିତାଧିକାରୀ



**ସୁବର୍ଣ୍ଣପୁର,୯।୩(ସଂଚାର ବ୍ୟୁରୋ):** ଅନ୍ତର୍ଜାତୟ ମହିଳା ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ରାଜ୍ୟର ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କୁ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ରେ ୫ କୋଟି ରୁ ଉର୍ଦ୍ଧ୍ୱ ଟଙ୍କା ର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ଅବସରେରେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଆନୁକୁଲ୍ୟ ରେ ଟାଉନ୍ ହଲ୍ ଠାରେ ଏକ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୂଚନାଯୋଗ୍ୟକି, ଆଜି ସୁବର୍ଣ୍ଣପୁର ଜିଲ୍ଲାରୁ ପ୍ରାୟ ୧, ୩୫, ୦୦୦ ଜଣ ହିତାଧିକାରୀ ଙ୍କୁ ସୁଭଦ୍ରା ଯୋଜନା ର ରାଶି ପ୍ରାପ୍ତ ହୋଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ରାଜେନ୍ଦ୍ର ମାଝୀ, ଉପ ଜିଲ୍ଲାପାଳ, ସୋନପୁର, ଡ଼ ସୌମ୍ୟରୁପା ରଥ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀମତୀ ଉଷାରଣୀ ଦାସ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ବୀଣାପାଣି ମିଶ୍ର ଉପସ୍ଥିତ ଥିଲେ। ଏଥି ସହିତ ଅନ୍ୟ ବିଭାଗୀୟ ଅଧିକାରୀ, ସୁଭଦ୍ରା ମା', ଅଙ୍ଗନବାଡ଼ି କର୍ମୀ, ମହିଳା ସ୍ୱେଚ୍ଛାସେବୀ, ଆଶା କର୍ମୀ ପ୍ରମୁଖ ଉପସ୍ଥିତ ରହି ଆଭାସୀ ମାଧ୍ୟମରେ ସମାରୋହ ରେ ଯୋଗ ଦେଇଥିଲେ।

# ମହିଳା ଦିବସ ଅବସରରେ 'ଶକ୍ତି ପଦଯାତ୍ରା'



**ସୁବର୍ଣ୍ଣପୁର,୯।୩(ସଂଚାର ବ୍ୟୁରୋ):** ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସକାଳ ୮ ଘଟିକାରେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନର କ୍ରୀଡା ବିଭାଗ ପକ୍ଷରୁ ମାଁ ସୁରେଶ୍ୱରୀ ମନ୍ଦିରରୁ ସୋନପୁର ମହାବିଦ୍ୟାଳୟ ପର୍ଯ୍ୟନ୍ତ ଏକ ଶକ୍ତି ପଦଯାତ୍ରା ଆୟୋଜନ କରାଯାଇଥିଲା। 'ଶକ୍ତିର ଗତି ରାଷ୍ଟ୍ରର ପ୍ରଗତି' ବାର୍ତ୍ତା ବହନ କରୁଥିବା ଏହି ପଦଯାତ୍ରା ଜିଲ୍ଲାର ମହିଳା ଏବଂ ଛାତ୍ରୀମାନଙ୍କୁ ଦେଶର ବିକାଶରେ ଅବଦାନ ରଖିବା ପାଇଁ ଉତ୍ସାହିତ କରିଥିଲା। ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଏହି ୫ କିଲୋମିଟର ପଦଯାତ୍ରାକୁ ଧଳା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୋନପୁର ଉପଜିଲ୍ଲାପାଳ ଡ଼. ସୌମ୍ୟରୁପା ରଥ ଏହି ପଦଯାତ୍ରାର ନେତୃତ୍ୱ ବହନ କରିଥିଲେ। ଏହି ପଦଯାତ୍ରାରେ ସୋନପୁର ପୌରପାଳିକା ଅଧ୍ୟକ୍ଷା ତାମସୀ ତମସ୍ୱିତା ନାଏକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଡ଼ିଏସପି ରେଣୁକା ସୁନା, ସୋନପୁର ଥାନା ଅଧିକାରୀ ଯାଦବ ବାଗ, ଡେପୁଟି କଲେକ୍ଟର ଏବଂ ଜିଲ୍ଲା ଜରୁରୀ ଶାଖା ଅଧିକାରୀ ରାଜେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମା ସୁରେଶ୍ୱରୀଙ୍କ ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା କ୍ରୀଡା ବିଭାଗ ପକ୍ଷରୁ ଆୟୋଜିତ ୩ (ତିନି) ଦିନିଆ ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ଅନ୍ତିମ କାର୍ଯ୍ୟକ୍ରମ ଥିଲା। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀମାନେ ଏବଂ ବିଭିନ୍ନ ଅନୁଷ୍ଠାନର ମହିଳାମାନେ ଏଥିରେ ଭାଗ ନେଇଥିଲେ। ବିଭିନ୍ନ ସ୍ଲୋଗାନ ପୋଷ୍ଟର ଧରି ସେମାନେ ମା ସୁରେଶ୍ୱରୀଙ୍କ ପୀଠରୁ ବାହାରି ନଳିନୀ ଛକ ଦେଇ ସୋନପୁର ମହାବିଦ୍ୟାଳୟରେ ପହଞ୍ଚିଥିଲେ। ଏହି ଅବସରରେ ଜିଲ୍ଲାପାଳ ଡ଼. ସାହୁ ଉପସ୍ଥିତ ସମସ୍ତ ଛାତ୍ରୀ ଓ ମହିଳାଙ୍କୁ ଶୁଭେଚ୍ଛା ଜଣାଇ ଦେଶର ଉନ୍ନତିରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।

## ବାଇକ ଦୁର୍ଘଟଣାରେ ଜଣେ ମୃତ, ମହିଳା ଗୁରୁତର



**ବୈଶିଙ୍ଗା,୯।୩(ସଂଚାର ବ୍ୟୁରୋ):** ସକାଳ ପ୍ରାତଃ ଭ୍ରମଣ ହେଲା କାଳ। ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା -ରୁପ୍ସା ରାସ୍ତାର ମହୁରୀ ନିକଟରେ ସୋମବାର ଭୋର ସମୟରେ ପ୍ରାତଃ ଭ୍ରମଣରେ ଯାଉଥିବା ଛଅ ଜଣ ମହିଳା ଙ୍କୁ ଏକ ବାଇକ ଧକ୍କା ଦେଇଥିଲା। ତାଙ୍କୁ ଧକ୍କା ଦେବା ପୂର୍ବରୁ ଏକ ଟ୍ରକ୍ କୁ ବାଡେଇ ଏହି ମହିଳା ଙ୍କ ଉପରକୁ ମାଡି ଯିବା ପରେ ପିଚୁ ରାସ୍ତା ଉପରେ କଚାଡି ପଡ଼ି ଥିଲେ। ବାଇକ ଆରୋହୀ କଁଅର ବାସ୍କେ ଙ୍କ ପୁଅ ଅଜୟ ବାସ୍କେ (୨୮) ନିଜର ବାଇକ ନଂ ଓଡି ୦୧ଏପି-୦୭୩୭ ଯୋଗେ କ୍ଷୀପ୍ର ଗତିରେ ଯାଉଥିବା ବେଳେ ଏଭଳି ଅଘଟଣ ଘଟିଥିବା ଜଣାଯାଉଛି। ଏହି ଦୁର୍ଘଟଣାରେ ଚାଳକ ଅଜୟ କୁ ବୈଶିଙ୍ଗା ଡାକ୍ତରଖାନା ଆଣିବା ପରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅନ୍ୟପଟେ ସେହି ଛଅ ଜଣ ମହିଳାଙ୍କୁ ଧକ୍କା ଦେଇଥିବା ଯୋଗୁଁ ଜଣେ ମହିଳା ଗୌରୀ ମଣି ମହାପାତ୍ର (୫୫)ଗୁରୁତର ଆହତ ଭାବେ ବୈଶିଙ୍ଗା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ସ୍ଥାନାନ୍ତରିତ କରାଯାଇଥିବା ଜଣାଯାଇଛି। ବୈଶିଙ୍ଗା ଥାନାର ଏସ୍ ଆଇ ଅଜୟ ପାତ୍ର ବାଇକ ଟିକୁ ଜବତ କରି ଥାନାକୁ ନେଇ ଆସିବା ସହିତ ମୃତକ ଅଜୟ ର ମର ଶରୀର କୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି।

# ଫେଲ୍ ମାରିଛି ମେଗା ପାନୀୟ ଜଳ ପ୍ରକଳ୍ପ ; ଚୁଆପାଣି ମେଣ୍ଟାଉଛି ଶୋଷ



**କାଳିମେଳା,୯।୩(ସଂଚାର ବ୍ୟୁରୋ):** ହର ଘର ନଳ ଜଳ ଯୋଜନାରେ ପ୍ରତ୍ୟେକ ଘରକୁ ଟ୍ୟାପ ଯୋଗେ ବିଶୁଦ୍ଧ ପାଣି ପହଞ୍ଚାଇବାକୁ ଖର୍ଚ୍ଚ ହେଲା କୋଟି କୋଟି। ହେଲେ ଏହା ଲୋକଙ୍କ କାମରେ ଆସୁନି। ୨ଟି ନଳକୂପ ପାଣିର ଆବଶ୍ୟକତା ମେଣ୍ଟାଇପାରୁନି । ଫଳରେ ବାଧ୍ୟ ହୋଇ ଚୁଆ ପାଣି ବ୍ୟବହାର କରୁଛନ୍ତି ଲୋକେ ।

କାଳିମେଳା ବ୍ଲକ ସଦର ମହକୁମା ଠାରୁ ମାତ୍ର ୧ କିମି ଦୂରରେ ରହିଛି ଆଦିବାସୀ ବହୁଳ ଆମ୍ବାଗୁଡ଼ା ଗାଁ । ଶହେରୁ ଅଧିକ ପରିବାର ବସବାସ ଏଠି ଜଳ ଯନ୍ତ୍ରଣାରେ ଛଟପଟ ହେଉଛି। ଗାଁରେ ଥିବା ୫ଟି ନଳକୂପରୁ ୩ଟିରେ ଗୋଳିଆ ପାଣି ବାହାରୁଛି, ବାକି ୨ଟିରୁ ଯେତିକି ପାଣି ବାହାରୁଛି ତାକୁ ନେବାକୁ ବାଡ଼ିଆପିଟା । ଅନେକ ବର୍ଷ ତଳେ ବସୁଧା ଯୋଜନାରେ ଗୋଟିଏ ପମ୍ପ ହାଉସ ନିର୍ମାଣ କରାଯାଇଥିଲା। ଯାହାର କାମ ଆଜିଯାଏଁ ସରିପାରିଲା ନାହିଁ। ବର୍ଷେ ତଳେ ଗାଁକୁ ହର ଘର ନଳ ଯୋଜନାରେ ମାଳମାଳ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଥିଲା।

ନିମ୍ନମାନର କାମ ପାଇଁ ସେ ବି ଭାଙ୍ଗିଗଲାଣି। ପାଣି ଟ୍ୟାପରୁ ନବାହାରି ନଷ୍ଟ ହେଉଛି। ଗାଁକୁ ସଂଯୋଗ କରୁଥିବା ପାଇପ ଫାଟି ଜଳର ଫୁଆରା ସୃଷ୍ଟି ହେଉଥିବାର ଦେଖିବାକୁ ମିଳିଛି। ନିରୂପାୟ ହେଇ ଚୁଆ ପାଣି ବ୍ୟବହାର କରୁଛନ୍ତି ଲୋକେ । ହର ଘର ନଳ ଯୋଜନାରେ, ୮ ବର୍ଷ ତଳେ ଭେଙ୍କଟପଲମ୍ ନଦୀକୂଳରେ ନିର୍ମାଣ କରାଯାଇଥିଲା ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପ। ଖର୍ଚ୍ଚ ହେଲା ୩୭ କୋଟି ଟଙ୍କା। କାଳିମେଳାର ୫ଟି ପଞ୍ଚାୟତର ୨୬ ହଜାର ୭୬୯ ଘରକୁ ନଳ ଯୋଗେ ବିଶୁଦ୍ଧ ପାଣି ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଥିଲା।

ବିଭାଗୀୟ ଅଧିକାରୀ ଓ ବିଧାୟକ ପ୍ରକଳ୍ପର ଉଦଘାଟନ କରିଦେଲେ। କିନ୍ତୁ ଏବେ ବି ଅନେକ ଗାଁ ପ୍ରକଳ୍ପର ଲାଭ ପାଇପାରୁନାହାନ୍ତି। ଯାହାର ଉଦାହରଣ ଆମ୍ବାଗୁଡ଼ା ଗାଁ । ଲୋକ ଯଦି ପିଇବା ପାଇଁ ଚୁଆ ପାଣି ବ୍ୟବହାର କରୁଛନ୍ତି, ତାହେଲେ କାହା ସ୍ୱାର୍ଥରେ ୩୭ କୋଟି ଟଙ୍କାର ପ୍ରକଳ୍ପ? ଉଦଘାଟନ କରି ହାତଝାଡ଼ି ବସୁଥିବା ପ୍ରାଶାସନିକ ବାବୁ ପ୍ରକଳ୍ପର କାର୍ଯ୍ୟକ୍ଷମ କରିବା ଦିଗରେ ଧ୍ୟାନ ଦେବା ପାଇଁ ଦାବି ହୋଇଛି ।